# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୫/୨୦୨୧ (୧୨ ପୃଷ୍ଠା) | Sambalpur, Monday, July 5/2021 | ★★

୧୭ଶ ଭାଗ ୧୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭର୍ଷ୍ଟାପେନ୍‌ଙ୍କୁ ଅଷ୍ଟ୍ରିଆନ ଗ୍ରାଁ ପ୍ରି**

ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ରବିବାର ଅନୁଷ୍ଠିତ ଅଷ୍ଟ୍ରିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ଟାଇଟଲ ଜିତିଛନ୍ତି।

୦୯

୧୦

**କ୍ରିକେଟ ଖେଳିବେ ଅନୁଷ୍କା**

ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ବାୟୋପିକ୍‌ରେ କ୍ରିକେଟ ଖେଳୁଥିବାର ଦେଖିବାକୁ ମିଳିବ।





ପୁରୀ ଘୋଷଯାତ୍ରା ପାଇଁ ରଥରେ ଲଗାଯିବାକୁ ଥିବା ଘୋଡ଼ାଗୁଡ଼ିକରେ ରବିବାର ଚିତ୍ରକର ସେବକ ରଙ୍ଗ ଦେଉଛନ୍ତି।

# ଡରାଇଲାଣି ତୃତୀୟ ଲହର

## ଅକ୍ଟୋବର-ନଭେମ୍ବରରେ ଶୀର୍ଷ ଛୁଇଁପାରେ

**ନୂଆଦିଲ୍ଲୀ, ୪।୭**

ଦେଶରେ ଏବେ କରୋନା ସଂକ୍ରମଣ ତଳମୁହାଁ ରହିଛି। ଦ୍ୱିତୀୟ ଲହର ଦୁର୍ବଳ ହେଉଥିବାବେଳେ ତୃତୀୟ ଲହର ଆସିବ ବୋଲି ଆଇଆଇଟି କାନପୁରର ଆକଳନ ପରେ ସମସ୍ତଙ୍କ ମନରେ ଛନକା ପଶିଛି। ଏଭଳି ସ୍ଥିତିରେ କୋଭିଡ୍ ଗାଇଡ୍‌ଲାଇନକୁ ଯଦି ଉପଯୁକ୍ତ ଭାବେ ପାଳନ କରା ନ ଯାଏ ତେବେ ଅକ୍ଟୋବର-ନଭେମ୍ବର ବେଳକୁ ସଂକ୍ରମଣର ତୃତୀୟ ଲହର ଶୀର୍ଷ ଛୁଇଁବା ସମ୍ଭାବନା ରହିଛି। ତେବେ ଦ୍ୱିତୀୟ ଲହର ଭଳି ତୃତୀୟ ଲହରରେ ସଂକ୍ରମଣ ବଢ଼ିବ ନାହିଁ। ଦୈନିକ ସଂକ୍ରମଣ ଦ୍ୱିତୀୟ ଲହରର ଅଧା ହୋଇପାରେ ବୋଲି ସରକାରୀ ପ୍ୟାନେଲ୍‌ର ବୈଜ୍ଞାନିକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଯଦି ଏହି ସମୟରେ କରୋନା ଭୂତାଣୁର ଆଉ ଏକ ନୂଆ ଘାତକ ଭାରିଆଣ୍ଟ ସୃଷ୍ଟି ହୁଏ, ତେବେ ସଂକ୍ରମଣ ଦ୍ରୁତତର ମଧ୍ୟ ହୋଇପାରେ ବୋଲି ବିଶେଷଜ୍ଞ ମନୀନ୍ଦ୍ର ଅଗ୍ରୱାଲ ଆଶଙ୍କା ପ୍ରକାଶ କରିଛନ୍ତି। ଅତି ଖରାପ ସ୍ଥିତି ଆସିଲେ ବି ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଦୈନିକ ସର୍ବାଧିକ ୨ଲକ୍ଷ ଲୋକ ସଂକ୍ରମିତ ହୋଇପାରନ୍ତି ବୋଲି ସେ କହିଛନ୍ତି।

ବର୍ତ୍ତମାନ ଦେଶରେ ଦ୍ୱିତୀୟ ଲହରର ପ୍ରକୋପ ସାମାନ୍ୟ ହ୍ରାସ ପାଇଥିବାବେଳେ

### ତୃତୀୟ ଲହରକୁ ନେଇ ବୈଜ୍ଞାନିକଙ୍କ ଗାଣିତିକ ମଡେଲ



- ନୂଆ ଭାରିଆଣ୍ଟକୁ ନେଇ ଅଙ୍କକଷା
- ଟିକା ପ୍ରଭାବ ଉପରେ ସମ୍ଭାବ୍ୟ ସ୍ଥିତି ନିର୍ଭର କରେ

ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ୁଛି। ସମ୍ଭାବ୍ୟ ସ୍ଥିତିକୁ ମୁକାବିଲା କରିବା ପାଇଁ ସରକାର ପ୍ରସ୍ତୁତି ଚଳାଇଥିବାବେଳେ ଆରମ୍ଭ ହୋଇଛି ଅଙ୍କକଷା। ଗାଣିତିକ ମଡେଲ ବ୍ୟବହାର କରି କରୋନା ସଂକ୍ରମଣ ବୃଦ୍ଧି ସମ୍ପର୍କରେ ପୂର୍ବାନୁମାନ କରିବା ପାଇଁ ଗତବର୍ଷ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ବିଶେଷଜ୍ଞମାନଙ୍କ ଏକ କମିଟି ଗଠନ କରାଯାଇଥିଲା, ଯେଉଁଥିରେ କାନପୁର ଆଇଆଇଟି ପ୍ରଫେସର ଡ. ଅଗ୍ରୱାଲ ସ୍ଥାନ ପାଇଥିଲେ। ତାଙ୍କ ବ୍ୟତୀତ ଉକ୍ତ କମିଟିରେ ଆଇଆଇଟି ହାଇଦ୍ରାବାଦର ବୈଜ୍ଞାନିକ ଏମ୍. ବିଦ୍ୟାସାଗର, ସମନ୍ୱିତ ☞ପୃଷ୍ଠା-୪

### ରାଜ୍ୟ ସରକାର ପ୍ରସ୍ତୁତ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

କରୋନା ତୃତୀୟ ଲହର ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ରବିବାର କହିଛନ୍ତି। ତୃତୀୟ ଲହରରେ ଶିଶୁମାନେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା କରାଯାଉଥିବାରୁ ସରକାର ଏକ ଏସ୍‌ଓପି ପ୍ରସ୍ତୁତ କରିଛନ୍ତି। ସମସ୍ତ ଜିଲା ପ୍ରଶାସନ ଓ ହସ୍ପିଟାଲକୁ ସଜାଗ ରଖାଯାଇଛି। ଡାକ୍ତର, ନର୍ସଙ୍କୁ ଏନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସୋଲେଶନ ବେଡ୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଗୁରୁତର ଚିକିତ୍ସା ପାଇଁ ରାଜ୍ୟରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲରେ ୬୪ ନବଜାତ ଶିଶୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଏନ୍‌ଆଇସିୟୁ) ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଛି। ଏଥିରେ ବୁର୍ଲା ଭିମ୍‌ସାରରେ ୨୦, କଟକ ଏସ୍‌ସିବି ଏବଂ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦ଟି ଲେଖାଏ ରହିବ। ଏହା ବ୍ୟତୀତ ଏହି ମେଡିକାଲ କଲେଜଗୁଡ଼ିକରେ ☞ପୃଷ୍ଠା-୪

**ଅଗଷ୍ଟରେ କଟକଣା କୋହଳ କରା ନ ଯାଉ: ସ୍ୱାସ୍ଥ୍ୟ ବିଶେଷଜ୍ଞ**

# ରାଜ୍ୟରେ ସବୁଠି ପେଟ୍ରୋଲ ୧୦୦ ଉପରେ

**ଭୁବନେଶ୍ୱର, ୪।୭**

- ପେଟ୍ରୋଲ ୩୫, ଡିଜେଲ ୨୦ ପଇସା ବୃଦ୍ଧି
- ୬ ଜିଲାରେ ଡିଜେଲ ଶହେ ଟପିଲା

ଦିନକର ବିରତି ପରେ ପୁଣି ଥରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଯାଇଛି। ସେହିଭଳି କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ୬ ଜିଲାରେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଟପିଛି। ରବିବାର ଜଗତ୍‌ସିଂହପୁରରେ ☞ପୃଷ୍ଠା-୪

**ବଡ଼ ଧନୀଙ୍କ ମହାକାଶ ଦୌଡ଼**

୨

**ଆଜିର ସମ୍ପାଦକୀୟ**

**ଅଣଦେଖା କରନି**




## ସଂକ୍ଷେପରେ

### ଡ୍ରୋନ୍ ନିଷିଦ୍ଧ କଲା ଶ୍ରୀନଗର ପ୍ରଶାସନ

**ଶ୍ରୀନଗର, ୪।୭:** ଜମ୍ମୁସ୍ଥିତ ବାୟୁସେନା ଘାଟି ଉପରେ ଡ୍ରୋନ୍‌ରୁ ବୋମାମାଡ଼ ଘଟଣା ପରେ ଶ୍ରୀନଗର ଜିଲା ପ୍ରଶାସନ ଡ୍ରୋନ୍ ତଥା ଅନ୍ୟାନ୍ୟ ମାନବବିହୀନ ଉଡ଼ନ୍ତା ଯାନ ପାଖରେ ରଖିବା, ବିକ୍ରି, ବ୍ୟବହାର ଓ ପରିବହନକୁ ନିଷିଦ୍ଧ କରିଛନ୍ତି। ସରକାର ତଥା ପ୍ରତିରକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଥିବା ଅଞ୍ଚଳ ଏବଂ ଜନବହୁଳ ଅଞ୍ଚଳ ଉପରେ ଆକାଶମାର୍ଗକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ଲାଗି ଶ୍ରୀନଗର ଜିଲାପାଳ ମହମ୍ମଦ ଐଜାଜ୍ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସମସ୍ତ ସାମାଜିକ ଓ ସାଂସ୍କୃତିକ ସମାବେଶରେ ଡ୍ରୋନ୍ ବ୍ୟବହାର ବନ୍ଦ ରଖିବା ଜରୁରୀ ବୋଲି ସେ କହିଛନ୍ତି।

### ଶପଥ ନେଲେ ପୁଷ୍କର ସିଂ ଧାମି

**ନୂଆଦିଲ୍ଲୀ, ୪।୭:** ଭାଜପା ନେତା ପୁଷ୍କର ସିଂ ଧାମି ରବିବାର ଉତ୍ତରାଖଣ୍ଡର ଏକାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଡେରାଡୁନ୍‌ସ୍ଥିତ ରାଜଭବନରେ ଅନୁଷ୍ଠିତ ଉତ୍ସବରେ ଅନ୍ୟ ୧୧ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ୍ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବା ସମ୍ଭାବନା ନ ଥିବାରୁ ସେ ଶୁକ୍ରବାର ରାତିରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଶନିବାର ବିଧାୟକ ଦଳ ବୈଠକ ବସି ପୁଷ୍କରଙ୍କୁ ମୁଖ୍ୟମନ୍ତ୍ରୀ ଚୟନ କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡି. ପୁରନ୍ଦେଶ୍ୱରୀ ଏବଂ ଦଳର ଉତ୍ତରାଖଣ୍ଡ ପ୍ରଭାରୀ ଦୁଷ୍ୟନ୍ତ ଗୌତମ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପୂର୍ବରୁ ନୂଆ ମୁଖ୍ୟମନ୍ତ୍ରୀ ପୁଷ୍କର ବିବାଦ ଘେରକୁ ଆସିଛନ୍ତି। ୬ ବର୍ଷ ପୂର୍ବେ ସେ ଟୁଇଟ୍ କରିଥିବା ଅଖଣ୍ଡ ଭାରତ ମାନଚିତ୍ରରେ ଲଦାଖର କେତେକ ଅଂଶ ଏବଂ ପାକିସ୍ତାନ ଦଖଲରେ ଥିବା କେତେକ ଅଞ୍ଚଳ ନ ଥିଲା। ଟୁଇଟର ବ୍ୟବହାରକାରୀମାନେ ଉକ୍ତ ପୋଷ୍ଟକୁ ନେଇ ସମାଲୋଚନା କରିଛନ୍ତି।

### ଡାକ୍ତରଙ୍କୁ ମିଳୁ ଭାରତ ରତ୍ନ

**ମୋଦିଙ୍କୁ କେଜ୍‌ରିୱାଲଙ୍କ ଚିଠି**

**ନୂଆଦିଲ୍ଲୀ, ୪।୭(ପି.ଟି.):** ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ଚଳିତ ବର୍ଷ ଭାରତର ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଜଣାଇଛନ୍ତି। କୋଭିଡ୍-୧୯ ମହାମାରୀ ବେଳେ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ସହ ସେମାନଙ୍କ ଜୀବନ ବଞ୍ଚାଇଛନ୍ତି। ଚିକିତ୍ସା କଲାବେଳେ ଅନେକ ଡାକ୍ତର ଓ ନର୍ସ କରୋନାରେ ଜୀବନ ଦେଇଛନ୍ତି। ଭାରତ ରତ୍ନ ସମ୍ମାନ ସେମାନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କେଜ୍‌ରିୱାଲ କହିଛନ୍ତି। ଲକ୍ଷ ଲକ୍ଷ ଡାକ୍ତର ଓ ନର୍ସ ସେମାନଙ୍କ ତଥା ପରିବାରର ଜୀବନ ପ୍ରତି ଭ୍ରୂକ୍ଷେପ ନ କରି ନିଃସ୍ୱାର୍ଥପର ଭାବରେ ଲୋକଙ୍କୁ ସେବା ଯୋଗାଇଛନ୍ତି। ଭାରତରତ୍ନ ବ୍ୟତୀତ ସେମାନଙ୍କୁ ଧନ୍ୟବାଦ ଜଣାଇବା ଓ ସମ୍ମାନିତ କରିବାର ଅଧିକ ଭଲ ବ୍ୟବସ୍ଥା ନ ଥାଇ ପାରେ ବୋଲି ଆମ୍ ଆଦ୍‌ମୀ ପାର୍ଟି ନେତା ଲେଖିଛନ୍ତି। ଏଥିପାଇଁ ଆବଶ୍ୟକ ହେଲେ ସର୍ବୋଚ୍ଚ ସମ୍ମାନ ପ୍ରଦାନ ଲାଗି ରହିଥିବା ନିୟମାବଳୀରେ ପରିବର୍ତ୍ତନ କରିବାକୁ ସେ କହିଛନ୍ତି। ଆଇଏମ୍‌ଏ ରିପୋର୍ଟ ଅନୁଯାୟୀ ଜୁନ୍ ମଧଭାଗ ସୁଦ୍ଧା ମହାମାରୀର ଦ୍ୱିତୀୟ ଲହରରେ ୭୩୦ ଡାକ୍ତର ପ୍ରାଣ ହରାଇଛନ୍ତି।



**ମୁକୁଟ ପାଇଁ ବେଜୋସ୍-ବ୍ରାନ୍‌ସନ୍ ଯୁଦ୍ଧ**

**ଖେଳ ଦେଖିବାକୁ ଏଲନ୍ ମସ୍କ ଉତ୍ସାହିତ**

ଚନ୍ଦ୍ରରେ ପ୍ରଥମେ କିଏ ପାଦ ଥାପିଥିଲେ? ଏହି ପ୍ରଶ୍ନର ଉତ୍ତର 'ନିଲ୍ ଆର୍ମଷ୍ଟ୍ରଙ୍ଗ୍' ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ଦ୍ୱିତୀୟ ବ୍ୟକ୍ତିଙ୍କ ନାମ ପଚରାଗଲେ ପ୍ରାୟତଃ କେହି ସ୍ମରଣ କରିପାରନ୍ତି ନାହିଁ। କାରଣ ଦ୍ୱିତୀୟରେ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ସେତେଟା ଗୁରୁତ୍ୱ ଦିଆଯାଇ ନ ଥାଏ। ଏହା ହେଉଛି ରାଜକୁମାର ହିରାନିଙ୍କ ବ୍ଲକ୍ ବ୍ଲଷ୍ଟର 'ଥ୍ରୀ ଇଡିୟଟ୍ସ'ର ଏକ ଲୋକପ୍ରିୟ ସଂଳାପ। ତେବେ ବର୍ତ୍ତମାନ ଯେଉଁ ପ୍ରସଙ୍ଗକୁ ନେଇ ସର୍ବତ୍ର ଚର୍ଚ୍ଚା ହେଉଛି, ତା'ର ଚରିତ୍ର ହେଉଛନ୍ତି ବିଶ୍ୱର ୩ ବଡ଼ ଧନୀ। ସ୍ପେଶ୍‌ଏକ୍ସ ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତଥା ଚିଫ୍ ଇଞ୍ଜିନୟର ଏଲନ୍ ରିଭେ ମସ୍କଙ୍କ ମହାକାଶ ମହତ୍ତ୍ୱାକାଂକ୍ଷା ଖବରର ଶିରୋନାମା ମଣ୍ଡନ କରୁଥିବାବେଳେ ଦୌଡ଼ରେ ସାମିଲ ହୋଇଛନ୍ତି ଆଉ ଦୁଇଜଣ ବିଗ୍ ବିଜ୍‌ନେସମ୍ୟାନ୍। ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ନିଜ ସ୍ପେସ୍‌ଫ୍ଲାଇଟ୍ ସର୍ଭିସେସ୍ କମ୍ପାନୀ ବ୍ଲୁ ଅରିଜିନ୍ ପକ୍ଷରୁ ଆଗାମୀ ମହାକାଶ ଯାତ୍ରା ସମ୍ପର୍କରେ ନିକଟରେ ଘୋଷଣା କରିଥିଲେ। ବେଜୋସ୍ ଜୁଲାଇ ୨୦ରେ ମିଶନ ଆରମ୍ଭ କରି ଘରୋଇ ମହାକାଶ ଯାତ୍ରା କ୍ଷେତ୍ରରେ ଇତିହାସ ରଚିବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ବ୍ରିଟେନ ବିଲିଓନେୟାର ତଥା ଭର୍ଜିନ ଗାଲାକ୍ଟିକ୍ ମୁଖ୍ୟ ସାର୍ ରିଚାର୍ଡ ଚାର୍ଲ୍ସ ନିକୋଲାସ୍ ବ୍ରାନ୍‌ସନ ଜୁଲାଇ ୧୧ରେ ମହାକାଶ ଯାତ୍ରାର ଘୋଷଣା କରି ତାଙ୍କଠାରୁ ଏହି ସୁଯୋଗ ଛଡ଼ାଇନେଇଛନ୍ତି। ମହାକାଶକୁ ଯିବା ପାଇଁ ଏହି ୩ ମ୍ୟାଗ୍‌ନେଟ ପରସ୍ପର ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ କେହି କେହି ମଜାରେ ଏମାନଙ୍କୁ କହୁଛନ୍ତି 'ଥ୍ରୀ ଇଡିୟଟ୍ସ'।

# ବଡ଼ ଧନୀଙ୍କ ମହାକାଶ ଦୌଡ଼

**ୱାଶିଂଟନ/ନୂଆଦିଲ୍ଲୀ,୪।୭**

ଆମେରିକାର ମହାକାଶ ଗବେଷଣାକାରୀ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ୍ (ନାସା) ପକ୍ଷରୁ ପଠାଯାଇଥିବା ଆପୋଲୋ-୧୧ ଚନ୍ଦ୍ରପୃଷ୍ଠରେ ୧୯୬୯ ଜୁଲାଇ ୨୦ରେ ଅବତରଣ କରିଥିଲା। ଆସନ୍ତା ୧୧ ତାରିଖରେ ଏହି ସଫଳତାକୁ ୫୨ ବର୍ଷ ପୂରିବାକୁ ଯାଉଛି। ଏହି ଅବସରରେ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ରକେଟ କମ୍ପାନୀ ବ୍ଲୁ ଅରିଜିନ୍ ପକ୍ଷରୁ ଜୁଲାଇ ୨୦ରେ ନ୍ୟୁ ଶେପାର୍ଡ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ପଠାଇବା ପାଇଁ ଘୋଷଣା କରାଯାଇଛି। ଉକ୍ତ ସବ୍‌ଅର୍ବିଟାଲ ଜୟରାଇଡ୍‌ରେ ବେଜୋସ୍‌ଙ୍କ ସହ ତାଙ୍କ ଭାଇ ମାର୍କ, ୮୨ ବର୍ଷୀୟା ପଥପ୍ରଦର୍ଶିକା ମହିଳା ପାଇଲଟ୍ ୱାଲି ଫଙ୍କ୍ ଏବଂ ୨୮ ନିୟୁତ ଡଲାର ପଇଠ କରିଥିବା ଜଣେ ଅଜ୍ଞାତ ବ୍ୟକ୍ତି ମହାକାଶ ଯାତ୍ରା କରିବେ। ଏହି ଘୋଷଣା ସହ ଘରୋଇ ବ୍ୟବସାୟିକ ମହାକାଶ ଯାତ୍ରା ପାଇଁ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଯାଇଛି। କାରଣ ବେଜୋସ୍‌ଙ୍କ ଯାତ୍ରାର ୯ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୧ରେ ମହାକାଶ ଯାତ୍ରାର ପ୍ରସ୍ତୁତି ଆରମ୍ଭ କରିଛନ୍ତି ବିଲିଓନେୟାର ଏଣ୍ଟରପ୍ରିନ୍ୟୁର୍ ରିଚାର୍ଡ ବ୍ରାନ୍‌ସନ। ଏହି ଦିନ ବ୍ରାନ୍‌ସନଙ୍କ ପରବର୍ତ୍ତୀ ମହାକାଶଯାନ ଭର୍ଜିନ୍ସ ଭିଏସ୍ୟୁନିଟି ସ୍ପେସ୍‌ପ୍ଲେନକୁ ମହାକାଶକୁ ପ୍ରେରଣ କରାଯିବ ବୋଲି ମହାକାଶ ପର୍ଯ୍ୟଟନ କମ୍ପାନୀ ଭର୍ଜିନ ଗାଲାକ୍ଟିକ୍ ପକ୍ଷରୁ ଘୋଷଣା କରାଯାଇଛି। ଉକ୍ତ ମହାକାଶଯାନରେ ବ୍ରାନ୍‌ସନ ମଧ୍ୟ ଯିବେ। ୨୦୨୨ରେ ବ୍ୟବସାୟିକ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିବା ଏହି କମ୍ପାନୀ ପକ୍ଷରୁ ଆଉ ଦୁଇଥର ମହାକାଶଯାନ ପ୍ରେରଣ କରାଯିବ। ଏଥିରେ ସଫଳତା ମିଳିଲେ ମହାକାଶ ଦୌଡ଼ କ୍ଷେତ୍ରରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏଥିସହ ଘରୋଇ ବ୍ୟବସାୟିକ ମହାକାଶ ଯାତ୍ରା ସକାଶେ ଏକ ନୂଆ ଯୁଗ ପାଇଁ ବାଟ ଫିଟିଯିବ ବୋଲି କୁହାଯାଉଛି।

ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ ଚଳିତ ବର୍ଷର ଶେଷ ଆଡ଼କୁ ଏକ ଅର୍ବିଟାଲ(ଗ୍ରହ କକ୍ଷ ସମ୍ବନ୍ଧୀୟ) ଫ୍ଲାଇଟ୍‌ରେ ୪ ଜଣଙ୍କୁ ମହାକାଶ ଯାତ୍ରା ପାଇଁ ସୁଯୋଗ ଦେବ। କେବଳ ନାଗରିକଙ୍କୁ ନେଇ ଯିବାରେ ଏହା ହେବ ମହାକାଶ ଯାତ୍ରା ଇତିହାସରେ ପ୍ରଥମ। ସ୍ପେସ୍‌ଏକ୍ସର ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟର ସାରଥି ପାଲଟିବେ ଆମେରିକୀୟ ଟେକ୍ ଏଣ୍ଟରପ୍ରିନ୍ୟୁର୍ ଜାରେଡ୍ ଆଇସାକ୍‌ମ୍ୟାନ୍। ପ୍ରାୟ ୨ ଦଶନ୍ଧି ତଳେ ପ୍ରତିଷ୍ଠିତ ସ୍ପେସ୍‌ଏକ୍ସ ଗତବର୍ଷ ଏହାର ପ୍ରଥମ ମାନବ ମହାକାଶ ଯାତ୍ରା ଆରମ୍ଭ କରିଥିଲା। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍)ରେ ଜଣେ କ୍ରିଉଙ୍କୁ ପହଞ୍ଚାଇବାରେ ଏହା ଥିଲା ପ୍ରଥମ ବେସରକାରୀ ଯାନ। ୪ ଜଣିଆ ମହାକାଶ ଯାତ୍ରୀଙ୍କୁ ନେଇ ଏକ ନୂଆ ଟିମ୍ ଗତ ଏପ୍ରିଲ ଶେଷ ଆଡ଼କୁ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲା। ଏକ ପୁରୁଣା ସ୍ପେସ୍‌ଫ୍ଲାଇଟ୍‌କୁ ରିସାଇକ୍ଲିଂ କରାଯାଇ ପ୍ରସ୍ତୁତ ରକେଟ୍ ବୁଷ୍ଟର ଜରିଆରେ ଏହାର ଉତ୍କ୍ଷେପଣ କରାଯାଇଥିଲା। ଏହି ମହାକାଶ ଯାତ୍ରା ଭିନ୍ନ ଗ୍ରହଗୁଡ଼ିକରେ ମାନବ ବସତି ସ୍ଥାପନ ପାଇଁ ଏଲନ୍ ମସ୍କଙ୍କ ସ୍ୱପ୍ନ ପୂରଣ ଦିଗରେ ସହାୟକ ହେବ। ଲାଲଗ୍ରହ ମଙ୍ଗଳକୁ ଏକକାଳୀନ ୧୦୦ ଜଣଙ୍କୁ ଯାତ୍ରା କରାଇବା ପାଇଁ ଏହି ଆଦ୍ୟ ନମୁନାଗୁଡ଼ିକୁ ପ୍ରାକ୍ ପରୀକ୍ଷଣ ବୋଲି ବିବେଚନା କରାଯାଉଛି। ୨୦୩୩ରେ ମହାକାଶଚାରୀଙ୍କୁ ମଙ୍ଗଳ ପଠାଇବା ପାଇଁ ନାସା ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏହାର ୭ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୬ ସୁଦ୍ଧା ଲାଲଗ୍ରହରେ ମାନବ ବସତି ସ୍ଥାପନର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ପ୍ରସ୍ତୁତିରେ ମସ୍କ ବ୍ୟସ୍ତ ଅଛନ୍ତି। ମଙ୍ଗଳରେ ଏହା ମାନବ ସଭ୍ୟତା ସ୍ଥାପନ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବର୍ତ୍ତମାନ ପୃଥିବୀରୁ ମଙ୍ଗଳକୁ ଯାତ୍ରା କରିବା ପାଇଁ ୬ ମାସ ଲାଗୁଛି। କିନ୍ତୁ ମସ୍କ ମାତ୍ର ମାସକରେ ମଙ୍ଗଳକୁ ମହାକାଶଯାନ ପଠାଯାଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମାଜନ୍ ସିଇଓ ପଦ ଛାଡ଼ିବା ପରେ ବେଜୋସ୍ ନିଜ ମହାକାଶ ଯାତ୍ରା ପ୍ରସ୍ତୁତି ଚଳାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ମସ୍କ ତାଙ୍କୁ ତାଚ୍ଛଲ୍ୟ କରିଛନ୍ତି।



ଜେଫ୍ ବେଜୋସ୍



ଏଲନ୍ ମସ୍କ



ରିଚାର୍ଡ ବ୍ରାନ୍‌ସନ

**ଦୁଃସାହସିକ ବ୍ୟବସାୟ**

**ଅସୀମ ମହତ୍ତ୍ୱାକାଂକ୍ଷା**



## ମହାକାଶ ପର୍ଯ୍ୟଟନ: ଭାରତ ପାଇଁ ସୁଯୋଗ

ଘରୋଇ ମହାକାଶ ଯାତ୍ରା ଯୋଜନା ନୂଆ ନୁହେଁ। ୨୦୦୧ରେ ଡେନିସ୍ ଟିଟୋ ନାମକ ଜଣେ ଧନୀ ବ୍ୟବସାୟୀ ରୁଷିଆର ସୋୟୁଜ୍ ସ୍ପେସ୍‌କ୍ରାଫ୍ଟରେ ଆଇଏସ୍‌ଏସ୍ ଯାଇଥିଲେ। ଗୋଟିଏ ସିଟ୍ ଲାଗି ସେ ୨୦ ନିୟୁତ ଡଲାର ପଇଠ କରିଥିଲେ। କିନ୍ତୁ ୨୦୦୯ରେ ରୁଷିଆର ସ୍ପେସ୍ ଏଜେନ୍ସି ଉକ୍ତ ମହାକାଶ କାର୍ଯ୍ୟକ୍ରମ ଉପରୁ ପରଦା ହଟାଇବା ବେଳକୁ ମାତ୍ର ୭ ଜଣ ବ୍ୟକ୍ତି ତାଙ୍କୁ ଅନୁସରଣ କରିବାରେ ସକ୍ଷମ ହୋଇଥିଲେ। ଘରୋଇ ସ୍ପେସ୍ କମ୍ପାନୀଗୁଡ଼ିକ ମହାକାଶ ପର୍ଯ୍ୟଟନକୁ ନୂଆ ଦିଗ ଦେଖାଇଛନ୍ତି। ସେହି ସାଇନ୍ସ-ଫିକ୍ସନ ଉତ୍ସାହୀମାନେ ମହାକାଶରେ ମାନବ ଜାତିର ଭବିଷ୍ୟତ ଗଢ଼ିବାକୁ ସ୍ୱପ୍ନ ଦେଖୁଛନ୍ତି। ତାହା ବାସ୍ତବରେ ପରିଣତ ହେବା ପୂର୍ବରୁ ଏହି ଲିଜର୍ ଟୁରିଜମ୍ ମହାକାଶ ଯାତ୍ରାର ନିରାପତ୍ତା ଓ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିପାରିବ। ଭାରତ କଥା ବିଚାର କଲେ ବର୍ତ୍ତମାନ ସୁଦ୍ଧା ଘରୋଇ ମହାକାଶ ଯାତ୍ରା ଆରମ୍ଭ ହୋଇନାହିଁ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଉପଲବ୍ଧ ସୁବିଧା ଓ ଭିତ୍ତିଭୂମି ବ୍ୟବହାର ପାଇଁ ଘରୋଇ ପକ୍ଷଙ୍କୁ ଗତବର୍ଷ କେନ୍ଦ୍ର ସରକାର ଅନୁମତି ଦେଇଥିଲେ। କିନ୍ତୁ ତାହା ସାଟେଲାଇଟ୍ ଏବଂ ମହାକାଶଭିତ୍ତିକ ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପଦକ୍ଷେପ ମହାକାଶ ପର୍ଯ୍ୟଟନ ଭଳି ଆବିଷ୍କାର କ୍ଷେତ୍ରରେ ଆଗ୍ରହୀ ଭାରତୀୟ ବ୍ୟବସାୟୀମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବା ସମ୍ଭାବନା ବହନ କରେ। ଭାରତରେ ପ୍ରଥମ ମ୍ୟାନ୍‌ଡ ସ୍ପେସ୍ ମିଶନ (ମଣିଷଙ୍କୁ ନେଇ ମହାକାଶ ଯାତ୍ରା) ଗଗନୟାନ କୋଭିଡ୍-୧୯ ମହାମାରୀ ଯୋଗୁ ବର୍ଷେ କିମ୍ବା ଦୁଇବର୍ଷ ବିଳମ୍ବିତ ହୋଇଛି। ଏହା ସମ୍ଭବ ହେଲେ ଇସ୍ରୋ ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସୁପର ସ୍ପେସ୍ ପାୱାର ହୋଇପାରିବ। ଏଥିସହ ସ୍ପେସ୍ ଟୁରିଜମ୍‌ର ଲାଭଦାୟକ ବ୍ୟବସାୟ କ୍ଷେତ୍ରରେ ଭାରତୀୟ ମହାକାଶ ସଂସ୍ଥାକୁ ବଳ ମିଳିବ। ଏହି ଟ୍ରାକ୍ ରେକର୍ଡକୁ ନେଇ ଇସ୍ରୋ ମହକାଶ ଯାତ୍ରା ଆଗ୍ରହୀମାନଙ୍କୁ ବେଜୋସ୍, ବ୍ରାନ୍‌ସନ୍ସ ଏବଂ ମସ୍କ ତୁଳନାରେ ଶସ୍ତାରେ ଟିକେଟ ଦେଇପାରିବ। ଶୀଘ୍ର ହେଉକି ବିଳମ୍ବରେ ଏହି ଦିନ ଆସିବ ବୋଲି ଆଶା କରାଯାଉଛି।

## ୯୦ ଯାତ୍ରୀଙ୍କ ସହ ଖସିପଡ଼ିଲା

**ଦୁର୍ଘଟଣାଗ୍ରସ୍ତ ଫିଲିପାଇନ୍ସ ସେନା ବିମାନ**





**ମାନିଲା, ୪।୭**

ସୈନିକମାନଙ୍କୁ ନେଇ ଯାଉଥିବା ଫିଲିପାଇନ୍ସର ଏକ ବାୟୁସେନା ବିମାନ ସି-୧୩୦ ରବିବାର ମଧ୍ୟାହ୍ନରେ ସୁଲୁ ପ୍ରଦେଶର ଜୋଲୋ ବିମାନବନ୍ଦର ନିକଟରେ ଅବତରଣବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୯ ସୈନ୍ୟ ଏବଂ ୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଜଳନ୍ତା ବିମାନ ମଧ୍ୟରୁ ଆହୁରି ୫୦ ଜଣଙ୍କୁ ଉଦ୍ଧାର କରାଯାଇଛି। ବିମାନ ଦୁର୍ଘଟଣାବେଳେ କେତେକ ଯବାନ ତଳକୁ ଡେଇଁ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଥିରେ ନିଆଁ ଲାଗି ତଳେ ପଡ଼ିବାବେଳେ ୬ ଜଣ ସ୍ଥାନୀୟ ଲୋକଙ୍କ ସହ ଧକ୍କା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଜୀବନ ଯାଇଛି। ଏୟାରକ୍ରାଫ୍ଟରେ ୩ ପାଇଲଟ୍ ଏବଂ ୫ କ୍ରିଉ ସଦସ୍ୟଙ୍କୁ ମିଶାଇ ୯୦ ଜଣ ଥିଲେ। ପାଇଲଟ୍ ଗୁରୁତର ଆହତ ହୋଇଛନ୍ତି।

ଆମେରିକାରୁ ଫିଲିପାଇନ୍ସକୁ ଆସିଥିବା ୨ ବାୟୁସେନା ବିମାନ ମଧ୍ୟରୁ ଲକ୍‌ହିଡ୍ ସି-୧୩୦ ହରକୁଲେସ୍ ଏୟାରକ୍ରାଫ୍ଟ ଅନ୍ୟତମ। ଆତଙ୍କବାଦୀ ସଙ୍ଗଠନ ଆବୁ ସୟାଫ୍ ବିରୋଧରେ ସୁଲୁଠାରେ ସେନା ମୁତୟନ ପାଇଁ ସୈନିକମାନଙ୍କୁ ଏହି ବିମାନ ଯୋଗେ ନିଆଯାଉଥିଲା। ତେବେ ଦୁର୍ଘଟଣା ପଛର କାରଣ ସ୍ପଷ୍ଟ ହୋଇନାହିଁ। ଜୋଲୋ ରନ୍‌ୱେ ଦେଶର ଅନ୍ୟ ରନ୍‌ୱେଗୁଡ଼ିକଠାରୁ ଛୋଟ ହୋଇଥିବାରୁ ଏଠାରେ ଲ୍ୟାଣ୍ଡିଂ ସ୍ପଟ୍ ମିସ୍ କାରଣ ଯୋଗୁ ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

## ୪୩ ହଜାର ନୂଆ ସଂକ୍ରମିତ

**ନୂଆଦିଲ୍ଲୀ, ୪।୭**

ଦେଶରେ ଗତ ୨୪ ଘଣ୍ଟାରେ ୪୩ ହଜାର ୭୧ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୦୫,୪୫,୪୩୩ରେ ପହଞ୍ଚିଛି। ସେହିପରି ଦିନକରେ କରୋନା ୯୫୫ ଜଣଙ୍କ ଜୀବନ ନେଇଥିବାବେଳେ ସମୁଦାୟ ମୃତ୍ୟୁ ସଂଖ୍ୟା ୪,୦୨,୦୫୫କୁ ବୃଦ୍ଧି ପାଇଛି। ମୋଟ ସକ୍ରିୟ ମାମଲା ୪,୮୫,୩୫୦କୁ ଖସିଥିବାବେଳେ ଆରୋଗ୍ୟ ହାର ୯୭.୦୯ ପ୍ରତିଶତକୁ ବୃଦ୍ଧି ପାଇଛି। ରବିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମୃତ୍ୟୁ ହାର ୧.୩୧%ରୁ ୧.୩୨%କୁ ବୃଦ୍ଧି ହୋଇଛି। ଶନିବାର ୧୮,୩୮,୪୯୦ ନମୁନା ପରୀକ୍ଷା ହୋଇଥିଲା।

## ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରିବେ ଚାଷୀ

**ନୂଆଦିଲ୍ଲୀ, ୪।୭ (ପି.ଟି.)**

ଜୁଲାଇ ୧୯ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ଏହି ସମୟରେ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ୨୦୦ ଚାଷୀ ପ୍ରତିଦିନ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ରବିବାର ଏହା ଘୋଷଣା କରାଯାଇଛି। ୪୦ଟି କୃଷକ ୟୁନିୟନର ଶୀର୍ଷ ସଂଗଠନ ଏସ୍‌କେଏମ୍ ପକ୍ଷରୁ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ପାର୍ଲାମେଣ୍ଟ ଭିତରେ କୃଷି ଆଇନକୁ ବିରୋଧ କରିବା ଲାଗି ଅଧିବେଶନର ଦୁଇଦିନ ପୂର୍ବରୁ ସମସ୍ତ ବିରୋଧୀ ଦଳ ଏମ୍‌ପିମାନଙ୍କୁ ଚେତାବନୀ ପତ୍ର ଦିଆଯିବ। ଚାଷୀମାନେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ କରୁଥିବାବେଳେ ଗୃହରେ ଏମ୍‌ପିମାନେ ପ୍ରତ୍ୟହ କୃଷି ଆଇନ ପ୍ରସଙ୍ଗ ଉଠାଇବେ। ସରକାର ଏହାର ସମାଧାନ ନ କରିବା ପର୍ଯ୍ୟନ୍ତ ଅଧିବେଶନ ଚଳାଇ ନ ଦେବା ଲାଗି ବିରୋଧୀ ଦଳଗୁଡ଼ିକୁ କୁହାଯିବ ବୋଲି କୃଷକ ନେତା ବଲବୀର ସିଂ ରାଜେୱାଲ କହିଛନ୍ତି। ସରକାର ଆମ ଦାବି ନ ଶୁଣିବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ। ଏହି ବିକ୍ଷୋଭରେ ପ୍ରତି ଚାଷୀ ୟୁନିୟନରୁ ୫ ଜଣ ଲେଖାଏ ଯୋଗଦେବେ। ଏହା ବ୍ୟତୀତ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ଏସ୍‌କେଏମ୍ ପକ୍ଷରୁ ଜୁଲାଇ ୮ରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଲାଗି ଡାକରା ଦିଆଯାଇଛି। ଏହି ବିକ୍ଷୋଭରେ ଏଲ୍‌ପିଜି ସିଲିଣ୍ଡରକୁ ମଧ ସାମିଲ କରିବା ଲାଗି ରାଜେୱାଲ କହିଛନ୍ତି।

## ଜାତୀୟ ସୁରକ୍ଷା କେବଳ ସ୍ଲୋଗାନରେ

**ନୂଆଦିଲ୍ଲୀ, ୪।୭(ପି.ଟି.)**



ପୱନ ଖେରା

**ରାଫାଲ ଦୁର୍ନୀତି**

- ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ
- ସାହସ ଥିଲେ ପ୍ରଶ୍ନର ଉତ୍ତର ଦିଅନ୍ତୁ ପ୍ରଧାନମନ୍ତ୍ରୀ

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ହୋଇଥିବା ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗର ତଦନ୍ତ ପାଇଁ ଫ୍ରାନ୍ସ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ପରେ କେନ୍ଦ୍ର ସରକାରଙ୍କ ନୀରବତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଯୁଦ୍ଧ ବିମାନ କ୍ରୟ ନେଇ ଭାରତ ଓ ଫ୍ରାନ୍ସ ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବାରୁ ଏଥିରେ କେହି ମଧ୍ୟସ୍ଥ ରହିବା କଥା ନୁହେଁ କିମ୍ବା ଦୁର୍ନୀତି ହେବା ଆଶା କରାଯାଉ ନ ଥିଲା। ତେବେ ଦୁର୍ନୀତିର ଫାଇଦା ଉଠାଇଥିବା ଗୋଟିଏ ଦେଶ ଯେତେବେଳେ ତଦନ୍ତ ନିର୍ଦ୍ଦେଶ ଦେଇସାରିଲାଣି, ସେତେବେଳେ ଜନସାଧାରଣଙ୍କ ଟିକସ ଅର୍ଥ ହରାଇଥିବା ଦେଶ ତଦନ୍ତ ନିର୍ଦ୍ଦେଶ ଦେଉନି କାହିଁକି ବୋଲି କଂଗ୍ରେସ ମୁଖପାତ୍ର ପୱନ ଖେରା ରବିବାର ପ୍ରଶ୍ନ କରିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଜାତୀୟ ସୁରକ୍ଷାକୁ ନେଇ ବହୁତ ହୋହଲ୍ଲା କରୁଥିବାବେଳେ ଏହାର ପୁଞ୍ଜିପତି ବନ୍ଧୁମାନଙ୍କୁ ସାହାଯ୍ୟ କଥା ଉଠିଲେ, ଦେଶର ସୁରକ୍ଷା ସ୍ୱାର୍ଥ ପ୍ରତି ଆଖିବୁଜି ଦେଉଥିବା ପୱନ ଅଭିଯୋଗ କରିଛନ୍ତି। ଫ୍ରାନ୍ସ ସରକାର ରାଫାଲ ଦୁର୍ନୀତି, ମନିଲଣ୍ଡରିଂ, ଅନୁକମ୍ପା ପ୍ରଦର୍ଶନ ଆଦିର ତଦନ୍ତ ନିର୍ଦ୍ଦେଶ ଦେବାର ୨୪ ଘଣ୍ଟା ପରେ ମଧ ସରକାର କ'ଣ ପାଇଁ ନୀରବ ରହିଛନ୍ତି, ତାହା ପ୍ରତ୍ୟେକ ଦାୟିତ୍ୱବାନ୍ ଭାରତୀୟ ଓ ପ୍ରତି ସଚେତନ ନାଗରିକଙ୍କ ମନରେ ପ୍ରଶ୍ନ ଉଠୁଛି। ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ଥିଲେ ଖବରଦାତା ସମ୍ମିଳନୀରେ ଏହି ପ୍ରଶ୍ନ ଗୁଡିକର ଉତ୍ତର ଦିଅନ୍ତୁ ବୋଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ରାଫାଲ ଡିଲ୍‌ର ତଦନ୍ତ କରିବା ଲାଗି କଂଗ୍ରେସ ଦାବି କରିଛି। ଦେଶବାସୀ ସତ୍ୟ ଜାଣିବାକୁ ହକ୍‌ଦାର ବୋଲି ପୱନ କହିଛନ୍ତି।

### ଜେପିସି ତଦନ୍ତ ଦାବି କଲା ସିପିଏମ୍

**ନୂଆଦିଲ୍ଲୀ, ୪।୭**

କଂଗ୍ରେସ ପରେ ସିପିଆଇ(ଏମ୍) ରାଫାଲ ଚୁକ୍ତିନାମାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରିଛି। ଫ୍ରାନ୍ସ ଏହି ମାମଲାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ କରିଥିବାରୁ ବିମାନ କିଣା ଚୁକ୍ତିନାମାରେ ଦୁର୍ନୀତି ଓ ମନିଲଣ୍ଡରିଂ ହୋଇଥିବା ସନ୍ଦେହକୁ ସ୍ପଷ୍ଟ କରୁଛି। ନରେନ୍ଦ୍ର ମୋଦି ସରକାର ଜେପିସି ତଦନ୍ତକୁ କାହିଁକି ବିରୋଧ କରୁଛନ୍ତି ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଟୁଇଟର ଜରିଆରେ ଜନସାଧାରଣଙ୍କ ମତାମତ ଲୋଡ଼ିଛନ୍ତି। ଜୁନ୍ ୩ରେ ସିପିଆଇ(ଏମ୍) ପଲିଟବ୍ୟୁରୋ ବୈଠକରେ ରାଫାଲ ଚୁକ୍ତିନାମାର ଜେପିସି ତଦନ୍ତ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା ବୋଲି ଏହାର ନେତା ସୀତାରାମ ୟେଚୁରୀ ଟୁଇଟ୍ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୪୪,୧୭,୧୯୧ | ୩୯,୮୯,୯୭୦ | ୧୬,୮୭,୪୨,୬୫୪ |
| ଭାରତ | ୩,୦୫,୭୧,୪୩୧ | ୪,୦୨,୩୫୯ | ୨,୯୬,୮୨,୬୮୮ |
| ଓଡ଼ିଶା | ୯,୨୧,୮୯୬ | ୪୧୯୬(+୫୩) | ୮,୯୦,୭୭୮ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ସିନେମାରେ ବର୍ଣ୍ଣବୈଷମ୍ୟ

**ମନୋରଞ୍ଜନ ଦୁନିଆର ହସ୍ତୀଙ୍କୁ ଅନେକ ସମୟରେ ନିଜ ଲୁକ୍ସ, ପରିଧାନ, ଓଜନ ଓ ବର୍ଣ୍ଣକୁ ନେଇ ଟ୍ରୋଲ୍‌ର ଶିକାର ହେବାକୁ ପଡ଼ିଥାଏ। ସୋସିଆଲ ମିଡିଆରେ ସେମାନଙ୍କ ଲୁକ୍ସ ଉପରେ ଅଶାଳୀନ ମନ୍ତବ୍ୟ ଦେବା ୟୁଜର୍ସଙ୍କ ସଂଖ୍ୟା କମ୍ ନୁହେଁ। ସେଲିବ୍ରିଟିମାନେ ବହୁ ସମୟରେ ଏଭଳି ଟ୍ରୋଲ୍‌କୁ ଅଣଦେଖା କରିଥାଆନ୍ତି। କିନ୍ତୁ ଆଉ କେତେକ କ୍ଷେତ୍ରରେ ଚୁପ୍ ନ ବସି ମୁହଁ ଖୋଲନ୍ତି। ୨୩ ବର୍ଷୀୟା ବଙ୍ଗାଳୀ ଅଭିନେତ୍ରୀ ଶ୍ରୁତି ଦାସଙ୍କୁ ମଧ ନିଜ ଶ୍ୟାମଳ ରଙ୍ଗ ପାଇଁ ଟାହିଟାପରା ଶୁଣିବାକୁ ମିଳିଛି। ସେ କିଛି ଅପମାନଜନକ ମନ୍ତବ୍ୟକୁ ସାମ୍ନା କରିଛନ୍ତି। ଏହି ପର୍ସନାଲ ଆଟାକ୍‌କୁ ନେଇ ଚିନ୍ତିତ ଶ୍ରୁତି କୋଲକାତାର ସାଇବର ପୋଲିସ ନିକଟରେ ଅନ୍‌ଲାଇନ୍‌ରେ ଅଭିଯୋଗ କରିଛନ୍ତି। ଶ୍ରୁତି ସମ୍ଭବତଃ ଟଲିଉଡ୍‌ର ପ୍ରଥମ ଅଭିନେତ୍ରୀ, ଯିଏକି ନିଜ ସହ ଦୁର୍ବ୍ୟବହାର ବିରୋଧରେ ଆନୁଷ୍ଠାନିକ ଭାବେ ଏଭଳି ଏତଲା ଦେଇଛନ୍ତି।**

## ମଉଳି ନ ଯାଉ ଶ୍ୟାମଳୀ ପ୍ରତିଭା

**କୋଲକାତା/ମୁମ୍ବାଇ,୪।୭**

୨୦୨୧ ଜାନୁୟାରୀ ୪ରୁ ଚାଲିଥିବା ବଙ୍ଗଳା ୱେବ୍ ସିରିଜ୍ 'ଦେଶେର ମାଟି'ର ୧୫୫ ଏପିସୋଡ୍ ଦେଖାଯାଇ ସାରିଲାଣି। ଏହି ଶୋ'ରେ ନୋଆ ବୋଷ ମୁଖାର୍ଜୀ ଚରିତ୍ରରେ ନଜର ଆସୁଛନ୍ତି ଟଲିଉଡ୍ ଇଣ୍ଡଷ୍ଟ୍ରିର ଜଣାଶୁଣା ଚେହେରା ଶ୍ରୁତି ଦାସ। ଏଥିରେ ସେ ମୁଖ୍ୟ (ଶିକ୍ଷୟିତ୍ରୀ) ଭୂମିକାରେ ଅଭିନୟର ଯାଦୁକରୀ ଦେଖାଇଛନ୍ତି। ଉକ୍ତ ସିରିଜ ଯେତେ ଲୋକପ୍ରିୟ ହେବାରେ ଲାଗିଛି, ତାଙ୍କୁ ସେତେ ଅଧିକ ଅନ୍‌ଲାଇନ୍ ଅତ୍ୟାଚାର ସହିବାକୁ ପଡୁଛି। ପ୍ରଥମେ କଟାକ୍ଷ କରି ଖରାପ ଭାଷା ବ୍ୟବହାର କରୁଥିବା ଲୋକଙ୍କୁ ନେଇ ସେ ନୀରବ ଥିଲେ। କିନ୍ତୁ ଶ୍ରୁତି ଏହି ଚରିତ୍ରରେ ଅଭିନୟ ସୁଯୋଗ ହାତେଇବା ପାଇଁ ସିରିଜ୍‌ର ନିର୍ଦ୍ଦେଶକ ତଥା ନିଜ ପାର୍ଟନର ସ୍ୱର୍ଣ୍ଣେନ୍ଦୁ ସମଦ୍ଦାରଙ୍କ ସହ ସମ୍ବନ୍ଧ ରଖିଛନ୍ତି। ନ ହେଲେ ତାଙ୍କ ଭଳି ଶ୍ୟାମଳୀ ଝିଅଙ୍କୁ ଏହି ରୋଲ୍ ମିଳି ନ ଥାଆନ୍ତା ବୋଲି କମେଣ୍ଟ ଆସିବା ପରେ ସେ ବ୍ୟଥିତ ହୋଇ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଅଭିନେତ୍ରୀ ଗୁରୁବାର ଅନ୍‌ଲାଇନ୍‌ରେ ଦୁଇଟି ଏତଲା ଦେଇଛନ୍ତି। ପ୍ରଥମଟି ଏଭଳି ମନ୍ତବ୍ୟ ଦେଇଥିବା ଜଣେ ବ୍ୟକ୍ତିଙ୍କ ବିପକ୍ଷରେ ଓ ଦ୍ୱିତୀୟଟି ହେଲା ୨୦୧୯ରୁ ସେ ସାମ୍ନା କରିଆସୁଥିବା ଅନ୍‌ଲାଇନ୍ ଟ୍ରୋଲ୍ସଙ୍କ ବିରୋଧରେ। ଶ୍ରୁତି ସୋସିଆଲ ମିଡିଆରେ ଏନେଇ ଏକ ପୋଷ୍ଟ କରିଛନ୍ତି, ଯେଉଁଥିରେ କୋଲକାତା ପୋଲିସକୁ ଟ୍ୟାଗ୍ କରିଛନ୍ତି। ସାଇବର ସେଲ୍ ଥାନାକୁ ମେଲ୍ କରି ଏତଲା ଦେବା ପାଇଁ ତାଙ୍କୁ କୁହାଯାଇଥିବା ସେ ଏଥିରେ ଉଲ୍ଲେଖ କରିଛନ୍ତି। ଅଭିନେତ୍ରୀ ଜଣକ ଏବେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛନ୍ତି।

ନିକଟରେ କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଥିବା ଟେଲିଭିଜନ ଆକ୍ଟ୍ରେସ୍ ଶ୍ରୁତିଙ୍କ କହିବା ହେଲା, ୨୦୧୯ରେ ତାଙ୍କୁ ବଙ୍ଗଳା ସିରିଏଲରେ ବ୍ରେକ୍ ମିଳିବା ପରଠୁ ନିଜ ବର୍ଣ୍ଣକୁ ନେଇ ଅନେକ ଟାହିଟାପରା ଶୁଣିବାକୁ ମିଳୁଥିଲା। ଶ୍ୟାମଳୀ ଦ୍ୱାରା ପାଇଁ ହେଟ୍ କମେଣ୍ଟ ମିଳୁଥିଲା। ତାଙ୍କୁ ଉପହାସ କରି ଜଣେ ବ୍ୟକ୍ତି ବାରମ୍ବାର ଟ୍ରୋଲ ମେସେଜ୍ ଦେଉଥିଲେ। ଏହାକୁ ନେଇ ସେ ଖୁବ୍ ଚିନ୍ତିତ ଥିଲେ। ଶେଷରେ ସେ ଇ-ମେଲ୍ ଜରିଆରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ୟୁଜରଙ୍କୁ ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଯେଉଁ ଝିଅ ତାଙ୍କୁ ଟ୍ରୋଲ କରୁଥିଲେ, ସେ ତାଙ୍କ ନିଜ ଗାଁ ପୂର୍ବ ବର୍ଦ୍ଧମାନର କଟୱା ବାସିନ୍ଦା। ନାଁ ତାଙ୍କର ସୁପର୍ଣ୍ଣା ବୋଷ ସରକାର। ପୋଲିସରେ ଅଭିଯୋଗ ହୋଇଥିବା ନେଇ ଜାଣିବା ପରେ ସୁପର୍ଣ୍ଣା ଓ ତାଙ୍କ ଭାଇ କ୍ଷମା ମାଗିଛନ୍ତି। ଶ୍ରୁତିଙ୍କ ପରିବାର ଲୋକଙ୍କ କହିବା ହେଲା, ସେ ବି ଜଣେ ଝିଅ ହୋଇଥିବାରୁ ତାଙ୍କୁ କ୍ଷମା କରିଦେବା ଉଚିତ। ତେବେ ଶ୍ରୁତି ତାଙ୍କୁ କ୍ଷମା କରିବେ ନା ଉଚିତ ଶିକ୍ଷା ଦେବେ ତା' ଉପରେ କିଛି ନିଷ୍ପତ୍ତି ନେଇନାହାନ୍ତି। କୋଲକାତା ପୋଲିସ କହିଛି, ଶ୍ରୁତି ଅନ୍‌ଲାଇନ୍‌ରେ ଏତଲା ଦେବାବେଳେ ନିଜ କୋଲକାତା ଘରର ଠିକଣା, ମୋବାଇଲ୍ ନମ୍ବର ସହ ସମ୍ପୂର୍ଣ୍ଣ ବିବରଣୀ ଦେଇ ନାହାନ୍ତି। ଇ-ମେଲ୍ ଓ ସୋସିଆଲ ମିଡିଆ ଜରିଆରେ ପୋଲିସ ଅଭିନେତ୍ରୀଙ୍କ ସହ ଯୋଗାଯୋଗ କରୁଛି, ଯାହା ଫଳରେ ଅଧିକ ତଥ୍ୟ ମିଳିପାରିବ ଏବଂ ଏଫ୍ଆଇଆର୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇପାରିବ। ଅସମ୍ପୂର୍ଣ୍ଣ ସୂଚନାକୁ ନେଇ ମାମଲା ରୁଜୁ କରିବାକୁ ପୋଲିସ ଅକ୍ଷମ। ତେଣୁ ତଦନ୍ତକାରୀ ଟିମ୍ ଅଭିଯୁକ୍ତଙ୍କ ବିରୋଧରେ ତାଙ୍କୁ ଅନ୍ୟ କେତେକ ବିବରଣୀ ମାଗିଛି।

ଶ୍ରୁତି ଦାସ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଅନେକ ସମୟରେ ଦ୍ୱାର ଶ୍ୟାମଳ ବର୍ଣ୍ଣ ଯୋଗୁ ଅଭିନେତ୍ରୀମାନଙ୍କୁ ଅଣଦେଖା କରାଯାଇଥାଏ। ଏହି କାରଣରୁ ସେମାନଙ୍କ ପ୍ରତିଭା ଥିଲେ ମଧ ନିଜ ଟ୍ୟାଲେଣ୍ଟକୁ ଲୋକଲୋଚନକୁ ଆଣିପାରି ନ ଥାଆନ୍ତି। ସେ ଏଭଳି ଚିନ୍ତାଧାରାର ଲୋକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଚାହାନ୍ତି। ଏହାସହ ଶ୍ରୁତି ନିଜ ସଂଘର୍ଷ ଏବଂ ବୟଫ୍ରେଣ୍ଡଙ୍କ ସହ ସମ୍ବନ୍ଧ ନେଇ ମଧ କହିଛନ୍ତି। ଇଣ୍ଡଷ୍ଟ୍ରିରେ ପାଦ ଥାପିବା ପାଇଁ ବହୁ ପରିଶ୍ରମ କରିଛନ୍ତି। ବୟଫ୍ରେଣ୍ଡଙ୍କ ସହ ୧୬ ବର୍ଷ ହେଲା ସମ୍ପର୍କ ରହିଛି। କିନ୍ତୁ ବୟଫ୍ରେଣ୍ଡଙ୍କ ଯୋଗୁ ଆଜି ଏହି ସଫଳତା ମିଳିଛି ବୋଲି କହିବା ଭୁଲ୍। ଲୋକେ ଭାବନ୍ତି ଶ୍ୟାମଳୀ ଝିଅ କିଛି ହାସଲ କରିପାରନ୍ତି ନାହିଁ। ଏପରି ବିଚାର ଓ ଅନ୍‌ଲାଇନ୍ ଉତ୍ପୀଡ଼ନ ଅଭିନେତ୍ରୀମାନଙ୍କ ବ୍ୟକ୍ତିଗତ ଜୀବନରେ ଖରାପ ପ୍ରଭାବ ପକାଇଥାଏ। ଅଭିନେତ୍ରୀ ପାଓଲି ଦାମ୍ ଓ ପର୍ଣ୍ଣୋ ମିତ୍ରଙ୍କ ଭଳି ଆଉ କେତେଜଣ ସିନିୟରଙ୍କୁ ମଧ ଅତୀତରେ ଏଭଳି ଦଶା ଭୋଗିବାକୁ ପଡ଼ିଥିଲା। ଅନ୍ୟ କୌଣସି ଝିଅ ଶ୍ୟାମଳ ବର୍ଣ୍ଣକୁ ନେଇ ଟ୍ରୋଲର ଶିକାର ହୁଅନ୍ତୁ ବୋଲି ସେ ଚାହାନ୍ତିନାହିଁ। 'ଦେଶେର ମାଟି' ଲେଖିକା ତଥା ପଶ୍ଚିମବଙ୍ଗ ମହିଳା କମିଶନ ଅଧକ୍ଷା ଲୀନା ଗଙ୍ଗୋପାଧ୍ୟାୟ ମଧ ଶ୍ରୁତିଙ୍କୁ ସମର୍ଥନ କରିଛନ୍ତି।

## ଅଭିନେତ୍ରୀଙ୍କୁ ଅନ୍‌ଲାଇନ୍ ଅତ୍ୟାଚାର

ପୂର୍ବରୁ ମଧ ବହୁ ଅଭିନେତ୍ରୀ ନିଜ ଶ୍ୟାମଳ ବର୍ଣ୍ଣକୁ ନେଇ କେତେବେଳେ ଶୁଟିଂ ସେଟ୍‌ରେ ତ ପୁଣି କେବେ ଇଣ୍ଟରନେଟ୍‌ରେ ଉତ୍ପୀଡ଼ନର ଶିକାର ହୋଇଛନ୍ତି। 'ଦି ଫାମିଲି ମ୍ୟାନ୍-୨' ଅଭିନେତ୍ରୀ ପ୍ରିୟାମଣିଙ୍କୁ ନିଜ ଶରୀରକୁ ନେଇ ଲଜ୍ଜିତ ହେବାକୁ ପଡ଼ିଥିଲା। ଏହି ସାଉଥ୍ ଆକ୍ଟ୍ରେସ୍‌ଙ୍କ ଦ୍ୱାରା କୃଷ୍ଣବର୍ଣ୍ଣର ହୋଇଥିବାରୁ ଅନ୍‌ଲାଇନ୍‌ରେ ୟୁଜର୍ସ ତାଙ୍କୁ 'କାଳୀ' ସମ୍ବୋଧନ କରୁଥିଲେ। ତୁମ ମୁହଁ ଗୋରା କିନ୍ତୁ ଗୋଡ଼ ଦୁଇଟି କାହିଁକି ଶ୍ୟାମଳ ବୋଲି ପ୍ରଶ୍ନ କରୁଥିଲେ। ଗତ ଜୁନ୍ ୧୩ରେ ସେ ଏନେଇ ମୁହଁ ଖୋଲିଥିଲେ। ୨୦୨୦ ମେ'ରେ ଭୂମି ସେଟ୍ଟିଙ୍କୁ ବିଗ୍‌ବସ୍ କନ୍ନଡ଼ ସିଜନ୍ ୭ରେ ପ୍ରଶ୍ନ କରାଯାଇଥିଲା, ତୁମ ଦ୍ୱାରା ସେକ୍ସି କଲର ପାଇଁ ଇଣ୍ଡଷ୍ଟ୍ରିରେ ଭଲ ରୋଲ୍ ପାଉଛ କି? ଏତିକି ନୁହେଁ, ଅନୁଷ୍କା ଶର୍ମା ଓ ଦୀପିକା ପାଦୁକୋନ୍‌ଙ୍କ ଭଳି ବଲିଉଡ୍ ଅଭିନେତ୍ରୀଙ୍କ ରଙ୍ଗ ହଠାତ୍ କେମିତି ବଦଳିଯାଇଛି ବୋଲି ମଧ ୟୁଜର୍ସ ଟ୍ରୋଲ କରିଥିଲେ। 'ଜିସ୍ମ' ଅଭିନେତ୍ରୀ ବିପାଶା ବସୁ ଅତୀତରେ ଏପରି ଅନେକ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ପୂର୍ବରୁ ବର୍ଣ୍ଣଭେଦର ଶିକାର ହୋଇଥିବା ଅଭିନେତ୍ରୀ ନନ୍ଦିତା ଦାସ ୨୦୧୩ରୁ 'ଇଣ୍ଡିଆଜ୍ ଗଟ୍ କଲର' ଅଭିଯାନରେ ସାମିଲ ହୋଇ ଶୈକ୍ଷିକ କର୍ମଶାଳା ଓ କାଉନ୍‌ସେଲିଂ ଜରିଆରେ ସଚେତନତା ସୃଷ୍ଟି କରୁଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଅନ୍‌ଲାଇନ୍‌ରେ 'ଏଣ୍ଡ କଲରିଜମ୍' ନାମରେ ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ଶରୀରର ରଙ୍ଗକୁ ନେଇ ମିଳିଥିବା କେତେକ ନକାରାତ୍ମକ କମେଣ୍ଟକୁ ସେ ଶେୟାର କରିଥିଲେ। ନିକଟରେ ଅଜୟ ଦେବଗନଙ୍କ ଝିଅ ନ୍ୟାସା ଟ୍ରୋଲ ହେବା ପରେ ଅଭିନେତ୍ରୀ ସ୍ତ୍ରୀ କାଜୋଲ ରାଗିଯାଇଥିଲେ। ଆମ ସମାଜରୁ ବର୍ଣ୍ଣଭେଦ ଦୂର ନ ହେବା ପର୍ଯ୍ୟନ୍ତ ଏହି କଳଙ୍କିତ ଦୃଷ୍ଟିଭଙ୍ଗୀ ହଟିବ ନାହିଁ ବୋଲି ସମାଜ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି।

### ଭାକ୍ସିନ ନେବାକୁ ଛୋଟ ପିଲାଙ୍କୁ ସଚେତନତା ବାର୍ତ୍ତା

## ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୪।୭(ବ୍ୟୁରୋ):** କରୋନାରୁ ନିଜକୁ ବଞ୍ଚାଇ ରଖିବା ଲାଗି ଭାକ୍ସିନ ଗୋଟିଏ ମାତ୍ର ରାସ୍ତା ବୋଲି ସମସ୍ତେ ଧରି ନେଇଛନ୍ତି। ସେହି ଅନୁଯାୟୀ ସବୁସ୍ତରରେ ଲୋକମାନଙ୍କୁ ଭାକ୍ସିନ ନେବା ଲାଗି ବାଧ କରିବା ସହିତ ସଚେତନ ମଧ କରାଯାଉଛି। ଧୀରେ ଧୀରେ ଭାକ୍ସିନର ଡବଲ ଡୋଜ ନେଇ ନ ଥିବା ବ୍ୟକ୍ତିଙ୍କୁ ବିଭିନ୍ନ କ୍ଷେତ୍ରରୁ ଦୂରେଇ ରଖିବାର ନୂଆ ପ୍ରୟାସ ଆରମ୍ଭ ହୋଇଛି। ସେହିପରି କେତେକ ଛୋଟ ପିଲା ନାଟକ ମାଧମରେ ଲୋକଙ୍କୁ ଭାକ୍ସିନ ନେବା ପାଇଁ ବାର୍ତ୍ତା ଦେଉଥିବାର ଏକ ଭିଡିଓ ସାମାଜିକ ଗଣମାଧମରେ ଘୂରି ବୁଲୁଛି; ଯାହାକୁ ମୁଖ୍ୟମନ୍ତ୍ରୀ ରିଟୁଇଟ୍ କରି ପ୍ରଶଂସା କରିଛନ୍ତି। କୋଭିଡ୍‌ରୁ ସୁରକ୍ଷିତ ରହିବା ଲାଗି ଟିକା ହିଁ ଶ୍ରେଷ୍ଠ ଉପାୟ ବୋଲି ଏହି କୁନି ପିଲାମାନେ ଖୁବ୍ ସୁନ୍ଦରଭାବେ ବୁଝାଇ ଦେଇଛନ୍ତି। ଏପରି ସୁନ୍ଦର ପ୍ରୟାସ କରିଥିବା ପିଲାଙ୍କୁ ସ୍ନେହ ଓ ସାଧୁବାଦ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଆଜିଠୁ ଗଞ୍ଜାମରେ କୋଭାକ୍ସିନ ଟିକା

**ଛତ୍ରପୁର,୪।୭(ଡି.ଏନ୍.ଏ.)**

ଭୁବନେଶ୍ୱର ପରେ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲାକୁ କୋଭାକ୍ସିନ ଟିକା ଆସିଛି। ପୂର୍ବରୁ ଜିଲାରେ କୋଭିଶିଲ୍ଡ ଟିକା ଦିଆଯାଉଥିଲା। ସୋମବାରଠାରୁ କୋଭାକ୍ସିନ ଟିକା ଦିଆଯିବ। ୧୮ ବର୍ଷରୁ ଉର୍ଦ୍ଧ୍ୱ ବର୍ଗର ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେଇନାହାନ୍ତି, ସେମାନଙ୍କୁ କୋଭାକ୍ସିନ ଦିଆଯିବ। ଅନ୍ୟପକ୍ଷରେ ଯେଉଁମାନେ ପ୍ରଥମ ଡୋଜ୍ କୋଭିଶିଲ୍ଡ ଟିକା ନେଇଛନ୍ତି, ସେମାନେ ଦ୍ୱିତୀୟ ଡୋଜ୍ ବି କୋଭିଶିଲ୍ଡ ଟିକା ନେବେ। ଶନିବାର ଜିଲାକୁ ୧ ଲକ୍ଷ ୪୦ ହଜାର କୋଭାକ୍ସିନ ଓ ୮୫ ହଜାର ଡୋଜ୍ କୋଭିଶିଲ୍ଡ ଆସିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଟିକା ସଂରକ୍ଷଣ କେନ୍ଦ୍ରରୁ ରବିବାର ଏହାକୁ ବିଭିନ୍ନ ଟିକାଦାନ କେନ୍ଦ୍ରକୁ ପଠାଯାଇଛି। ସୂଚନାଯୋଗ୍ୟ, ଟିକା ଅଭାବ ଯୋଗୁ ଗଞ୍ଜାମ ଜିଲାରେ ଟିକାକରଣ ବନ୍ଦ ରହିଥିଲା। ଜିଲାରେ ଏବେ ୨ଟି ଯାକ ଟିକା ଥିବାରୁ ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୁଣି ମେଗା ଟିକାକରଣ କରାଯିବ। ବର୍ତ୍ତମାନ ସୁଦ୍ଧା ଜିଲାରେ ୪ ଲକ୍ଷ ୮୫ ହଜାର ୩୬୮ ଜଣଙ୍କୁ ପ୍ରଥମ ଡୋଜ ଟିକା ଦିଆଗଲାଣି। ସେହିପରି ୧ ଲକ୍ଷ ୬୨ ହଜାର ୭୮୯ ଜଣ ଦ୍ୱିତୀୟ ଡୋଜ ନେଇ ସାରିଲେଣି।




ଛତ୍ରପୁର ହସ୍ପିଟାଲକୁ ଆସିଥିବା କୋଭାକ୍ସିନ ଓ କୋଭିଶିଲ୍ଡ ଟିକା।

## ୭ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

ମୌସୁମୀ ଦୁର୍ବଳ ରହିଥିବାବେଳେ ରାଜ୍ୟରେ ବର୍ଷା ଜାରି ରହିଛି। ଏବେ ଉତ୍ତର-ଦକ୍ଷିଣ ନିମ୍ନଚାପ ରେଖା ସମୁଦ୍ର ପତ୍ତନଠାରୁ ୧.୫ କି.ମି. ଉପରେ ଉତ୍ତର-ପୂର୍ବ ବିହାରରୁ ଉତ୍ତର-ପୂର୍ବ ଝାଡ଼ଖଣ୍ଡ, ଗାଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟକା ମଧ ଦେଇ ଦକ୍ଷିଣ ଓଡ଼ିଶା ଉପକୂଳ ଯାଏ ଲମ୍ବିଛି। ଫଳରେ ଆସନ୍ତା ୨୪ ଘଣ୍ଟା ରାଜ୍ୟର ୭ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡିର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବାକି ୨୩ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, ଢେଙ୍କାନାଳ, ବୌଦ୍ଧରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ। ସେହିଭଳି ୭ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଦେବଗଡ଼, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ାରେ ପ୍ରବଳ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ସେପଟେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଟିଟିଲାଗଡ଼ରେ ସର୍ବାଧିକ ୫୪ ମିମି ବର୍ଷା ହୋଇଥିବାବେଳେ ଛତ୍ରପୁରରେ ୩୨.୬, କୋରାପୁଟ ୨୪, ଅନୁଗୋଳ ୨୪, ବଲାଙ୍ଗୀର ୧୮, ସମ୍ବଲପୁର ୧୪, ଚାନ୍ଦବାଲି ୧୩, ପାରଳାଖେମୁଣ୍ଡି ୧୨.୪, ଭୁବନେଶ୍ୱର ୧୦.୮ ମିମି ବର୍ଷା ରେକର୍ଡ କରାଯାଇଛି। ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମିବା ସହିତ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଗତ ଜୁନ୍ ୧ରୁ ଜୁଲାଇ ୪ ମଧରେ ଓଡ଼ିଶାରେ ୨୦୯.୩ ମିମି ମୌସୁମୀ ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୨୫୬.୧ମିମି ଠାରୁ ୧୮ପ୍ରତିଶତ କମ୍ ରହିଛି।

## ଏମ୍‌ସରେ ବିଷ୍ଣୁ ସେଠୀ

**ଭୁବନେଶ୍ୱର(ବ୍ୟୁରୋ)/ଭଦ୍ରକ ଅଫିସ, ୪।୭**

ଭାଜପା ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀଙ୍କୁ ରବିବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କରୋନାରେ ଆକ୍ରାନ୍ତ ହୋଇ ବିଧାୟକ ସେଠୀ ପୂର୍ବାହ୍ନ ୧୦ଟାରେ ଏମ୍‌ସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ, ମଧୁମେହ ବୃଦ୍ଧି ଯୋଗୁ ଅସୁସ୍ଥତା ଅନୁଭବ କରି ସେଠୀ ଏମ୍‌ସ ଯାଇଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା ପରେ



ରିପୋର୍ଟ ପଜିଟିଭ ଥିବା ଜଣାପଡିଥିଲା। ଏମ୍‌ସ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି ଯେ, ସେଠୀଙ୍କୁ ପ୍ରାଇଭେଟ କ୍ୟାବିନ୍ ଭିତରେ ରଖାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତାଙ୍କ ଚିକିତ୍ସା ଚାଲିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଦୀର୍ଘଦିନ ହେବ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମ୍‌ସରେ ଅଛନ୍ତି। ତାଙ୍କ ଅବସ୍ଥା ଭଲ ରହିଛି।

# ବ୍ରାହ୍ମଣୀରେ ଲୁଚକାଳି ଖେଳ

**ପଟ୍ଟାମୁଣ୍ଡାଇ, ୪।୭(ସ୍ୱ.ପ୍ର.)**



**ମୂର୍ତ୍ତି ଚୋରି ଘଟଣା**
- ଦେଢ଼ ଘଣ୍ଟା ପରେ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ
- ସହାୟତା କଲେ ଗ୍ରାମବାସୀ, ଅଗ୍ନିଶମ କର୍ମଚାରୀ
- ଉଦ୍ଧାର ହେଲା ମୂର୍ତ୍ତି, ଅଳଙ୍କାର, ଅନ୍ୟାନ୍ୟ ସାମଗ୍ରୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନାୟାଡ଼ିଆ ଗ୍ରାମର ଲୋକେ ରବିବାର ମଧ୍ୟାହ୍ନରେ ବ୍ରାହ୍ମଣୀ ନଦୀରେ ଦେଖିବାକୁ ପାଇଥିଲେ ରୋଚକ ଦୃଶ୍ୟ, ଯେଉଁଥିରେ ଏକ ମୂର୍ତ୍ତି ଚୋରି ଘଟଣାର ଅଭିଯୁକ୍ତ ପାଣିରେ ବୁଡ଼ି ବୁଡ଼ି ପୋଲିସକୁ ଚକମା ଦେଖାଉଥିଲେ। ଦେଢ଼ଘଣ୍ଟାର ଉଦ୍ୟମ ପରେ ଅଭିଯୁକ୍ତଙ୍କୁ ଧରାଯାଇଥିଲା। ସେ ହେଲେ ନାୟାଡ଼ିଆ ଗ୍ରାମର ଭରତ ମଲ୍ଲିକ।

ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଦାଣ୍ଡିସାହି ଗ୍ରାମର ରାମମନ୍ଦିରରୁ ଶୁକ୍ରବାର ରାତିରେ ରାମ, ଲକ୍ଷ୍ମଣ, ସୀତା ମୂର୍ତ୍ତି ସହ ଅଳଙ୍କାର ଓ କିଛି ପୂଜା ସାମଗ୍ରୀ ଚୋରି ହୋଇଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ରଶ୍ମିରଞ୍ଜନ ରାଉତ ଶନିବାର ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ଚୋରି ପଛରେ ଆନ୍ତଃଜିଲା ମୂର୍ତ୍ତିଚୋର ରାକେଟ୍‌ର ସମ୍ପୃକ୍ତି ନେଇ ଚର୍ଚ୍ଚା ହୋଇଥିଲାବେଳେ ପଟ୍ଟାମୁଣ୍ଡାଇ ଥାନାରେ ୪୧୧/୨୦୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚଉଦକୁଲାଟ ଫାଣ୍ଡି ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଓ ଅନ୍ୟ ପୋଲିସ ଅଫିସରଙ୍କୁ ନେଇ ୨ଟି ଟିମ୍ ଗଠନ ହେବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପେସାଦାର ମୂର୍ତ୍ତିଚୋରଙ୍କ ସମ୍ପର୍କରେ ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରାଯାଉଥିବାବେଳେ ଅଭିଯୁକ୍ତ ଭରତଙ୍କ ଘରୁ ଲୋକେ ରବିବାର ଚୋରି ହୋଇଥିବା ମୂର୍ତ୍ତି, ଅଳଙ୍କାର ଓ ଅନ୍ୟ ପୂଜା ସାମଗ୍ରୀ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ନାୟାଡ଼ିଆ ଗ୍ରାମକୁ ଯାଇଥିଲା। କିନ୍ତୁ ପୋଲିସକୁ ଦେଖି ଭରତ ଖସିଯିବା ପାଇଁ ବ୍ରାହ୍ମଣୀ ନଦୀକୁ ଡେଇଁ ପଡ଼ିଥିଲେ। ପୋଲିସ ଗ୍ରାମବାସୀଙ୍କ ସହାୟତାରେ ଦୁଇଟି ଡଙ୍ଗାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ କରିଥିଲା। କିନ୍ତୁ ଭରତ ଦେଖାଇଥିଲେ ଲୁଚକାଳି ଖେଳ। ତାଙ୍କୁ ଧରିବାକୁ ଗଲାବେଳକୁ ସେ ପାଣିରେ ବୁଡ଼ି ଲୁଚି ଯିବା ସହ ପହଁରି ପହଁରି ଏପାଖସେପାଖ ହୋଇଯାଉଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀର ସହାୟତା ନିଆଯାଇଥିଲା। ଯୋଜନାବଦ୍ଧ ଭାବେ ତିନି ପଟୁ ଘେରି ଭରତଙ୍କୁ କାବୁ କରାଯାଇଥିଲା। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଏକାଦଶାହ ସ୍ମୃତି ଅର୍ଘ୍ୟ



ରବି ନାରାୟଣ ତ୍ରିପାଠୀ
ଆବିର୍ଭାବ: ୧୪ ଡିସେମ୍ବର ୧୯୪୭
ତିରୋଧାନ: ୨୫ ଜୁନ୍ ୨୦୨୧
ଆପଣ ପ୍ରକୃତରେ ଥିଲେ ରବି । ଆପଣ ଅସ୍ତମିତ ହେଲା ପରେ ଏବେ ଚାରିଆଡ଼େ ଅନ୍ଧାର । ପରଲୋକରେ ଥାଇ ଆମ ସମସ୍ତଙ୍କ ଚଲାପଥକୁ ଆଲୋକିତ କରିବା ପାଇଁ ପ୍ରାର୍ଥନା କରୁଛୁ ।
ପ୍ରତିମା, କୌଶିକ, ପ୍ରଜ୍ଞା, ସିଦ୍ଧାର୍ଥ ଓ ଦିବ୍ୟାର୍ଥ ।

**ଆଜିର ମନ୍ତବ୍ୟ**

ଚଳିତ ବର୍ଷ ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଉ।
**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡୁ
ପରିବାରବର୍ଗ


ପ୍ରମିଳା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହିଳାଙ୍କ ମୁଣ୍ଡ କାଟି ନେଇଗଲେ

**ବାରିପଦା ଅଫିସ/ଠାକୁରମୁଣ୍ଡା,୪।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟାକାରୀ ତାଙ୍କ ମୁଣ୍ଡ କାଟି ନେଇଯାଇଥିବା ବେଳେ ପୋଲିସ ମୁଣ୍ଡବିହୀନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳା ହେଲେ କରଞ୍ଜିଆ ବ୍ଲକ ପାଟବିଲ ପଞ୍ଚାୟତ ଅନ୍ତର୍ଗତ ବାଲିଭୋଳ ଗ୍ରାମର ସ୍ୱର୍ଗତ ଚୈତନ୍ୟ ହାଁସଦାଙ୍କ ସ୍ତ୍ରୀ ଯମୁନା(୬୩)। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ଅନୁଯାୟୀ, ଶନିବାର ପୁଅ ଲକ୍ଷ୍ମଣ ହାଁସଦା ଓ ବୋହୂଙ୍କ ସହ ବୃଦ୍ଧା ଯମୁନା ନିକଟସ୍ଥ ବାଲିଭୋଳ ହାଟକୁ ଯାଇଥିଲେ। ସେଠାରେ ସେ ହାଣ୍ଡିଆ ପିଇ ହାଟପଡ଼ିଆର ଗୋଟିଏ ପାର୍ଶ୍ୱରେ ଶୋଇପଡିଥିଲେ। ହାଟ ସରିବା ପରେ ପୁଅ ବୋହୂ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଘରକୁ ଯିବି କହି ଯମୁନା ସେଠାରେ ରାତିଯାକ ରହିଥିଲେ। ରବିବାର ସକାଳେ ଲକ୍ଷ୍ମଣ ମା'ଙ୍କୁ ଆଣିବାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡବିହୀନ ମରଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ କରଞ୍ଜିଆ ଥାନା ଆଇଆଇସି ରଞ୍ଜନ ସେଠୀ ଏବଂ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୭୭/୨୧) ରୁଜୁ ହୋଇଛି। ଲକ୍ଷ୍ମଣଙ୍କ ଅଭିଯୋଗ ଅନୁଯାୟୀ, ଗତ ଏକ ସପ୍ତାହ ପୂର୍ବେ ନିକଟସ୍ଥ ଜାମୁନାଳିଆ ଗ୍ରାମକୁ ଏକ ଶୁଦ୍ଧିକ୍ରିୟା କାମରେ ଯାଇଥିବା ବେଳେ ସେଠାରେ କେତେଜଣ ଲୋକଙ୍କ ସହ ଯମୁନାଙ୍କ ଝଗଡ଼ା ହୋଇଥିଲା। ୨ ଦିନ ପୂର୍ବେ କେତେଜଣ ବ୍ୟକ୍ତି ଯମୁନାଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ତେବେ ଡାହାଣୀ ସନ୍ଦେହରେ ଯମୁନାଙ୍କୁ ହତ୍ୟା କରି ତାଙ୍କ ମୁଣ୍ଡ କାଟି ନେଇଯାଇଥିବା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସେଠୀ କହିଛନ୍ତି।

# ରାଜ୍ୟରେ କୋଟିଏ ଟପିଲା ପ୍ରଥମ ଡୋଜ୍ ଟିକାକରଣ

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

ରାଜ୍ୟରେ କରୋନାର ପ୍ରଥମ ଡୋଜ୍ ଟିକାକରଣ ଏକ କୋଟି ଟପିଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଜଣାଇଛି। କୋ-ୱିନ ପୋର୍ଟାଲ ତଥ୍ୟାନୁସାରେ, ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ ୧,୨୨,୩୬,୮୮୨ ଡୋଜ୍ ଟିକାକରଣ ହୋଇଥିବାବେଳେ ଏଥିମଧ୍ୟରୁ ୧,୦୦,୧୬,୮୮୮ଟି ପ୍ରଥମ ଡୋଜ୍ ରହିଛି। ୨୨,୧୯,୯୯୪ ଲୋକ ଟିକାର ଦ୍ୱିତୀୟ ଡୋଜ୍ ନେଇଛନ୍ତି। ତେବେ ପ୍ରଥମ ଡୋଜ୍ ଟିକାକରଣ କୋଟିଏ ଟପିବା ପରେ ସ୍ୱାସ୍ଥ୍ୟ ବିଭାଗ ଓଡ଼ିଶାବାସୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛି। ସେପଟେ ରାଜ୍ୟରେ ସୋମବାର ୧,୭୩୦ କେନ୍ଦ୍ରରେ ଟିକାକରଣ ହେବ। ବର୍ତ୍ତମାନ ସରକାରଙ୍କ ପାଖରେ ୯,୫୨,୮୨୦ ଡୋଜ୍ କୋଭିଶିଲ୍ଡ ଓ ୩,୯୧,୫୪୦ ଡୋଜ୍ କୋଭାକ୍ସିନ ଟିକା ଗଚ୍ଛିତ ରହିଛି।

# ଆଜି ଆମାଜନ ସିଇଓ ପଦ ଛାଡ଼ିବେ ବେଜୋସ୍

## ଆଣ୍ଡିଙ୍କୁ ନୂଆ ଦାୟିତ୍ୱ

ୱାଶିଂଟନ୍, ୪।୭: ଇ-କମର୍ସ କମ୍ପାନୀ ଆମାଜନ୍‌ର ପ୍ରତିଷ୍ଠାତା ତଥା ବିଶ୍ୱର ସବୁଠାରୁ ଧନୀ ଜେଫ୍ ବେଜୋସ୍ ସୋମବାର ସିଇଓ ପଦ ଛାଡ଼ିବେ। ୫୭ ବର୍ଷୀୟ ବେଜୋସ୍ ଆମାଜନ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରହି ଦାୟିତ୍ୱ ତୁଲାଇବା ସହ କମ୍ପାନୀର ସବୁଠାରୁ ବଡ ଶେୟାର ହୋଲ୍ଡର ରହିବେ। ଆମାଜନ୍ କ୍ଲାଉଡ୍ କମ୍ପ୍ୟୁଟିଂର ମୁଖ୍ୟ ଆଣ୍ଡି ଜେସିଙ୍କୁ ସେ ସିଇଓ ଭାବେ ନିଯୁକ୍ତ କରିବେ। ସାଇନ୍ସ ଫିକ୍ସନର ଜଣେ ବଡ଼ ପ୍ରଶଂସକ ବେଜୋସ୍ ଆସନ୍ତା ୨୦ ତାରିଖରେ ଭାଇ ମାର୍କଙ୍କ ସହ ମହାକାଶ ଯାତ୍ରାରେ ବାହାରିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି। ସେ ଆମାଜନ୍ ଫଣ୍ଡିଂ ଦ୍ୱାରା ପ୍ରସ୍ତୁତ ଷ୍ଟାର୍ଟଅପ୍ ରିଭିଆନ ପକ୍ଷରୁ ଇଲେକ୍ଟ୍ରିକ ପିକ୍‌ଅପ୍ ଟ୍ରକ୍ ନିର୍ମାଣରେ ମଧ୍ୟ ଲାଗିଛନ୍ତି। ବ୍ଲୁମବର୍ଗସ୍ ବିଲିଓନେୟାରସ୍ ଇଣ୍ଡେକ୍ସ ଅନୁସାରେ ବେଜୋସ୍ ୧୯୯ ବିଲିୟନ ଡଲାରର ମାଲିକ। ୧୯୯୪ ଜୁଲାଇ ୫ରେ ଆମାଜନ୍ ପ୍ରତିଷ୍ଠା ହୋଇଥିଲା।

## ଆଣ୍ଡି ଜେସି କିଏ

ଆମାଜନ୍‌ର ନୂଆ ସିଇଓ ହେବାକୁ ଯାଉଥିବା ୫୩ ବର୍ଷୀୟ ଆଣ୍ଡି ଜେସି ହାର୍ଭାର୍ଡ ବିଜ୍‌ନେସ୍ ସ୍କୁଲରୁ ଏମ୍‌ବିଏ ଡିଗ୍ରୀ ହାସଲ ପରେ ୧୯୯୭ରେ ଆମାଜନ୍‌ରେ ଯୋଗ ଦେଇଥିଲେ। ପ୍ରଥମେ ସେ ଜେଫ୍ ବେଜୋସ୍‌ଙ୍କ ଟେକ୍ନିକାଲ ଆସିଷ୍ଟାଣ୍ଟ ରହିଥିଲେ। ଅନ୍‌ଲାଇନ ପୁସ୍ତକ ବିକ୍ରିରୁ ଆମାଜନ୍‌କୁ ନୂଆ ଦିଗରେ ନେବାରେ ଜେସିଙ୍କ ପ୍ରମୁଖ ଭୂମିକା ରହିଛି। କମ୍ପାନୀର କ୍ଲାଉଡ୍ କମ୍ପ୍ୟୁଟିଂ ଡିଭିଜନ୍ ଆମାଜନ୍ ୱେବ ସର୍ଭିସ୍‌ର ସିଇଓ ହେବା ପୂର୍ବରୁ ସେ ଅନେକ ପଦରେ ରହି ଦାୟିତ୍ୱ ତୁଲାଇଥିଲେ। ଜେସିଙ୍କ ଟିମ୍ ୯୦ରୁ ଅଧିକ କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକଚର ଏବଂ ଆପ୍ଲିକେଶନ ସର୍ଭିସ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ବିଶ୍ୱର କୋଟି କୋଟି ଲୋକ ଷ୍ଟାର୍ଟଅପ୍, ଏଣ୍ଟରପ୍ରାଇଜ କ୍ଷେତ୍ର ସମେତ ସରକାରୀ ସ୍ତରରେ ମଧ୍ୟ ବ୍ୟବହାର ହେଉଛି। ତାଙ୍କ କାର୍ଯ୍ୟରେ ବେଜୋସ୍ ବେଶ୍ ପ୍ରଭାବିତ ହୋଇଥିଲେ। ବ୍ଲୁମ୍‌ବର୍ଗ ବିଲିଓନେୟାର ଇଣ୍ଡେକ୍ସ ଅନୁସାରେ ଜେସି ପ୍ରାୟ ୫ଶହ ମିଲିୟନ ଡଲାରର ମାଲିକ।


ଆଣ୍ଡି ଜେସି

# କରୋନା ସ୍ଥିତି ଅନୁଧ୍ୟାନ ପାଇଁ ଆଜି ଆସିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

**ଦିନକରେ ୨,୮୭୦ ଚିହ୍ନଟ, ୪୨ ମୃତ**

ରାଜ୍ୟରେ ଗତ କିଛିଦିନ ହେବ ଦୈନିକ ସଂକ୍ରମଣ ହାର ଉପର-ତଳ ହେଉଛି। ବିଶେଷକରି ଉପକୂଳ ଓ ଉତ୍ତର ଓଡ଼ିଶାରେ ସଂକ୍ରମଣ ଆଖି ଦୃଶିଆ ଭାବେ ଖସୁ ନ ଥିବାରୁ ଚିନ୍ତାରେ ରାଜ୍ୟ ସରକାର। କାଟେଗୋରୀ-ବି ରେ ଆସୁଥିବା ୧୦ ଜିଲାକୁ ନେଇ ଏବେ ଭୟ ରହୁଛି। ଏଥିମଧ୍ୟରୁ ୮ ଜିଲାରୁ ମୋଟ ଦୈନିକ ସଂକ୍ରମଣର ୭୦ ପ୍ରତିଶତ ଚିହ୍ନଟ ହେଉଛନ୍ତି। କଟକଣା ସତ୍ତ୍ୱେ ସ୍ଥିତିରେ କାହିଁକି ବଡ଼ ଧରଣର ସୁଧାର ଆସୁନାହିଁ, ତା'ର ଅନୁଧ୍ୟାନ ପାଇଁ ସୋମବାର ଏକ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସିବ। ଏହି ଟିମ୍‌ରେ କୋଲକାତାସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ୍ ଆଣ୍ଡ୍ ପବ୍ଲିକ୍ ହେଲ୍‌ଥ (ଏଆଇଆଇଏଚ୍ ଆଣ୍ଡ୍ ପିଏଚ୍)ର ପ୍ରଫେସର ଶିବାନୀ ଦତ୍ତା ଓ ଭୁବନେଶ୍ୱର ଏମ୍ସର ପ୍ରଫେସର ପ୍ରଶାନ୍ତ ରାଘବ ମହାପାତ୍ର ଅଛନ୍ତି। ଦୁହେଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଅଧିକ ପଜିଟିଭ୍ କେସ୍ ଆସୁଥିବା ଜିଲାଗୁଡ଼ିକର ସ୍ଥିତି ଅନୁଧ୍ୟାନ ପରେ ରିପୋର୍ଟ ଦେବେ। ଏଥିସହ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରେ କେନ୍ଦ୍ରୀୟ ଟିମ୍।

ଅନ୍ୟପକ୍ଷରେ ରାଜ୍ୟରେ ଗତ ୨୪ଘଣ୍ଟାରେ ୭୧,୧୨୨ ନମୁନା ପରୀକ୍ଷା ହୋଇଥିବାବେଳେ ୨,୮୭୦ ପଜିଟିଭ୍ ବାହାରିଛି। ସଂକ୍ରମଣ ହାର ୪.୦୪% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଟକରୁ ସର୍ବାଧିକ ୪୪୦ଜଣ ଥିବାବେଳେ ଖୋର୍ଦ୍ଧାରୁ ୩୮୪, ବାଲେଶ୍ୱର ୨୪୦, ଯାଜପୁର ୧୯୧, ମୟୂରଭଞ୍ଜ ୧୬୪, କେନ୍ଦ୍ରାପଡ଼ା ୧୫୭, ଭଦ୍ରକ ୧୨୮, ଜଗତ୍‌ସିଂହପୁର ୧୧୨, ନୟାଗଡ଼ରୁ ୧୦୫ଜଣ ଅଛନ୍ତି। ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୨୧,୮୧୬ରେ ପହଞ୍ଚିଛି। ଅନ୍ୟପଟେ ଆଉ ୪୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଖୋର୍ଦ୍ଧାରୁ ସର୍ବାଧିକ ୮ଜଣ ଥିବାବେଳେ ବରଗଡ଼ ୫, ସୁନ୍ଦରଗଡ଼ ୪, ଗଞ୍ଜାମ, ଝାରସୁଗୁଡ଼ା, ସମ୍ବଲପୁର ଓ ଅନୁଗୋଳରୁ ୩ଜଣ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ସେହିଭଳି ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ, ନୟାଗଡ଼, ପୁରୀ ଓ କଳାହାଣ୍ଡିରୁ ୨ଜଣ ଲେଖାଏ ଏବଂ କେନ୍ଦୁଝରରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୪,୧୯୬କୁ ବୃଦ୍ଧି ପାଇଛି। ରବିବାର ଆଉ ୩,୩୫୮ଜଣ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୮,୯୦,୬୭୮କୁ ବୃଦ୍ଧି ପାଇଛି। ଏବେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬,୮୬୯ ରହିଛି।

# ଏତେଶୀଘ୍ର ନୁହେଁ ପୁରୀରେ ବିମାନବନ୍ଦର

**ଭୁବନେଶ୍ୱର, ୪।୭(ବ୍ୟୁରୋ)**

- **୨୦୨୨-୨୩ ସୁଦ୍ଧା ବିମାନବନ୍ଦର ହେବ: ମନ୍ତ୍ରୀ**
- **ସମ୍ଭବ ନୁହେଁ ବୋଲି ମତ ରଖୁଛନ୍ତି ବହୁ ଅଧିକାରୀ**

ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ମାସ ତଳେ ଏକ ବିଶ୍ୱସ୍ତରୀୟ ବିମାନବନ୍ଦର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବ ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତ ମାସ ୧୭ ତାରିଖରେ ଏକ ସର୍ଭେ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ୩ ଜଣିଆ ଟିମ୍ ଆସି ପୁରୀ ଜିଲା ବ୍ରହ୍ମଗିରି ତହସିଲ ଅଧୀନରେ ଆସୁଥିବା ସିପସରୁବାଲି ମୌଜାରେ ଥିବା ସରକାରୀ ଜମି ବୁଲି ଦେଖିଥିଲେ। କେନ୍ଦ୍ରୀୟ ଟିମ୍ ଏ ଯାବତ୍ ଫିଜିବଲ୍ ରିପୋର୍ଟ ଦେଇ ନ ଥିବାବେଳେ, ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ୨୦୨୨-୨୩ ସୁଦ୍ଧା ଜଗନ୍ନାଥ ଧାମ ପୁରୀରୁ ବିମାନ ଉଡିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ଏତେ କମ୍ ଦିନ ମଧ୍ୟରେ ପୁରୀରେ ବିମାନବନ୍ଦର କାର୍ଯ୍ୟ କେମିତି ସମ୍ଭବ ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନା ମୁତାବକ ଏ ପର୍ଯ୍ୟନ୍ତ ପୁରୀରେ ବିମାନବନ୍ଦର ଯେଉଁ ସ୍ଥାନରେ ହେବ ବୋଲି ଜମି ଚିହ୍ନଟ କରାଯାଇଛି ସେଠାରେ ଏଯାଏ କୌଣସି ପ୍ରକାର କାର୍ଯ୍ୟ ଆରମ୍ଭ ହୋଇନାହିଁ। କେନ୍ଦ୍ର ପ୍ରଥମେ ଫିଜିବଲ୍ ରିପୋର୍ଟ ପ୍ରଦାନ କରିବ। ଏହାପରେ ରନ୍‌ୱେ ଲାଗି ନିର୍ଦ୍ଦେଶ ଆସିବ। ସେହି ଅନୁଯାୟୀ କେତେ ଜମି ଦରକାର ଜଣାପଡିବା ପରେ ସ୍ଥିତି ଅନୁଧ୍ୟାନ ହେବ। ଆଗରୁ କେନ୍ଦ୍ର ସରକାର ବିମାନବନ୍ଦର ଲାଗି ଟଙ୍କା ପ୍ରଦାନ କରୁଥିଲେ। ହେଲେ ଏବେ ଆଉ କେନ୍ଦ୍ର ଏଥିଲାଗି ଟଙ୍କା ପ୍ରଦାନ କରୁନାହିଁ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ହେବ। ଏହାପରେ ସେଠାରେ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ଏହିଭଳି ଅନେକ କାର୍ଯ୍ୟର ସମୀକ୍ଷା କରିବା ପରେ ଯାଇ ବିମାନବନ୍ଦର ନିର୍ମାଣ ସମ୍ଭବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ହେଲେ ମନ୍ତ୍ରୀ ବେହେରା କହିଛନ୍ତି, ୨୦୨୨ ସୁଦ୍ଧା ସବୁ ଠିକ୍‌ଠାକ ଚାଲିଲେ ପୁରୀ ବିମାନବନ୍ଦର କାମ ୨୦୨୨-୨୩ ସୁଦ୍ଧା ଶେଷ ହୋଇଯିବ ବୋଲି ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ସେ କହିଛନ୍ତି, ପ୍ରଥମେ ପୁରୀରେ ବିମାନବନ୍ଦର ପାଇଁ ଜାଗା ଚିହ୍ନଟ ଉପରେ ଚୂଡାନ୍ତ ମୋହର ବାଜିବ। କରୋନା ଯୋଗୁ କାର୍ଯ୍ୟ ପ୍ରକ୍ରିୟା ବିଳମ୍ବିତ ହୋଇଛି। ରାଜ୍ୟର ଉତ୍‌କେଲା, ରାଉରକେଲା ଓ ଜୟପୁର ପ୍ରଭୃତି ସ୍ଥାନରୁ ବିମାନ ଉଡାଣ ପାଇଁ ରାଜ୍ୟ ସରକାର ସହଯୋଗ କରୁଛନ୍ତି। ସେହିପରି ସମସ୍ତ ଅବିଭକ୍ତ ଜିଲାରେ ଥିବା ଏୟାର ଷ୍ଟ୍ରିପ୍‌ର ଉନ୍ନତି ପାଇଁ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ଶନିବାର କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଉଷା ପାଢୀ ଓଡିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ପରିବହନ ସଚିବ ମଧୁସୂଦନ ପାଢୀ କହିଛନ୍ତି ଯେ, ପୁରୀରେ ବିମାନବନ୍ଦର ଲାଗି ପ୍ରଥମେ କେନ୍ଦ୍ର ରିପୋର୍ଟ ଦେବ। ସେମାନେ ରନ୍‌ୱେ ପାଇଁ ନିର୍ଦ୍ଦେଶ ଦେବା ପରେ କେତେ ଜମି ଦରକାର ଜଣାପଡିଲେ ଜମି ଅଧିଗ୍ରହଣ କାମ କରାଯିବ। ରନ୍‌ୱେ ଲାଗି ୫.୫ କିମି ଜମିର ଆବଶ୍ୟକତା ପଡିବ। ଏହିଭଳି ଅନେକ ପ୍ରଦ୍ଧତି ଭିତରେ କାର୍ଯ୍ୟ କରାଯିବ ବୋଲି ସଚିବ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ, ମାଙ୍ଗଳିକ କାମରେ ଠିକ୍ ପରାମର୍ଶ ଦେଇ ଅନ୍ୟମାନଙ୍କ ବିରାଗ ଭାଜନ ହେବେ। ପ୍ରଶାସନିକ ସ୍ତରରେ ଉପରିସ୍ଥ କର୍ମଚାରୀଙ୍କ ଚାପରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଆଦର ଅଭ୍ୟର୍ଥନା ପାଇ ମନ ଖୁସି ହୋଇଯିବ।

**ବୃଷ** - ଭାଗ୍ୟକର୍ମାଧିପ ସ୍ୱଗୃହରେ ଥିବାରୁ ଦିନଟିରେ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ସଭାସମିତି ତଥା ଆଲୋଚନା କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। ବେପରୁଆ କାର୍ଯ୍ୟକଳାପ ସକାଶେ ସମାଲୋଚିତ ହୋଇପାରନ୍ତି। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଦାୟୀ ହେବାକୁ ପଡ଼ିପାରେ।

**ମିଥୁନ** - ଦ୍ୱନ୍ଦ୍ୱରେ ପଡ଼ି କୌଣସି ସଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ପାଇବା ସମ୍ଭାବନା ରହିଛି। ପର କଥାରେ ନିଜ ଲୋକଙ୍କୁ ଭୁଲ ବୁଝିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ, କିନ୍ତୁ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ପରୋକ୍ଷ ଶତ୍ରୁତା ଓ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ତିରସ୍କୃତ ହୋଇପାରନ୍ତି।

**କର୍କଟ** - ସ୍ୱାସ୍ଥ୍ୟ ପ୍ରତି ନଜର ରଖି କାମ କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିବ। ଆଜିର କର୍ମକ୍ଷେତ୍ରରେ କିଛି ଅସୁବିଧା ରହିଥିବାରୁ ମାନସିକ ଦ୍ୱନ୍ଦ୍ୱ ଭିତର ଦେଇ ଗତି କରିବେ। ପାରିବାରିକ କ୍ଷେତ୍ର ବୁଝାମଣା ମଧ୍ୟରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ କାମରେ ଅଧିକ ସମୟ ବିନିଯୋଗ କରିପାରନ୍ତି।

**ସିଂହ** - ଘର ଲୋକଙ୍କ ଅସନ୍ତୋଷଜନକ କାର୍ଯ୍ୟ ଭିତରେ ଭିତରେ ରାଗରେ ଜଳୁଥିଲେ ମଧ୍ୟ କିଛି କହିପାରିବେ ନାହିଁ। ଅଫିସ୍ କାମରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। ମନ ଧରିଲା ଭଳି କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ।

**କନ୍ୟା** - ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବାର ଆଶଙ୍କା ରହିଛି। ସମ୍ପର୍କୀୟଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ କିଛି ନୂତନ କାମ ଆରମ୍ଭ କରିପାରନ୍ତି।

**ତୁଳା** - ଆଜି ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବନ୍ଧୁଙ୍କ କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କଚେରି ମାମଲାର ଶୁଣାଣିର ବିଳମ୍ବତାକୁ ନେଇ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ନିଜର ଅବହେଳା କାରଣରୁ କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ବସିବେ।

**ବିଛା** - ସବୁ ଥାଇ କିଛି ନ ଥିଲା ଭଳି ପରିସ୍ଥିତି ଭିତର ଦେଇ ଗତି କରିବାକୁ ବାଧ୍ୟ ହେବେ। ସମ୍ପର୍କ ଭଲ ନ ଥିବା କାରଣରୁ ସତର୍କରେ ନ ଚଳିଲେ ନିନ୍ଦିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ପରିପ୍ରେକ୍ଷୀରେ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁମାନଙ୍କ ସହଯୋଗ ଭିକ୍ଷା କରିପାରନ୍ତି।

**ଧନୁ** - କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଅନ୍ୟମାନଙ୍କ ଶତ୍ରୁତା କାରଣରୁ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। କାର୍ଯ୍ୟଶୈଳୀର ଭୁଲ ପଦକ୍ଷେପ ଅସୁବିଧାରେ ପକାଇପାରେ।

**ମକର** - ଚିନ୍ତା ନ କରି କାମରେ ଆଗକୁ ମାଡ଼ିଚାଲନ୍ତୁ, କୌଣସି ଅସୁବିଧା ହେବ ନାହିଁ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବା କାରଣରୁ ଚିନ୍ତିତ ରହିବେ। ଘରେ ବନ୍ଧୁମିଳନରୁ ଆମୋଦ ପ୍ରମୋଦର ସୁଅ ଛୁଟିବ। ନିଜର ସୀମା ଭିତରେ ଜଗି ରଖି କଥା କହିବା ଭଲହେବ, ନଚେତ୍ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** - ମନ କଥା ମନରେ ରଖି ବନ୍ଧୁଙ୍କ ସହ ମିଶିବେ, ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ। ସ୍ତ୍ରୀଙ୍କ ଅଭିଯୋଗର ପୁନର୍ବିଚାର କରି କାମ କରିବା ଭଲ। ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିବେ। ସ୍ୱାସ୍ଥ୍ୟକୁ ଜଗି ରଖି ଚଳିବା ଭଲ ହେବ।

**ମୀନ** - ଆଜି କାର୍ଯ୍ୟହାସଲ ନିମିତ୍ତ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମସ୍ୟା ସୃଷ୍ଟି କରିପାରନ୍ତି। କୃତୀ ଓ କୃତିତ୍ୱଜନିତ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅଣସର/ଶସ୍ତ୍ର, ଖଳିଲାଗି ଏକାଦଶୀ ସୋମବାର, ଜୁଲାଇ ୫ ତାରିଖ, ରାଶି ନକ୍ଷତ୍ର- ଦିବା ଘ.୧୨।୧୧ ଗତେ, ଘ.କୃତ୍ତିକା/ମେଷ, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୬ ଗତେ ଘ.୧୦।୩୨ ମଧ୍ୟେ ଅମୃତବେଳା। ସକାଳ ଘ.୦୬।୫୫ ଗତେ ଘ.୦୮।୩୩ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଡରାଇଲାଣି ତୃତୀୟ ...

ପ୍ରତିରକ୍ଷା ଷ୍ଟାଫ୍ ଉପମୁଖ୍ୟ (ମେଡିକାଲ) ଲ୍ୟୁଟ୍‌ନାଣ୍ଟ ଜେନେରାଲ ମାଧୁରୀ କାନିଟ୍‌କର ସଦସ୍ୟ ରହିଛନ୍ତି। ଭାରତରେ କୋଭିଡ୍-୧୯ ସଂକ୍ରମଣ କେଉଁ ପର୍ଯ୍ୟନ୍ତ ଉପରମୁହାଁ ରହିବ ତାହା ଆକଳନ କରିବା ଲାଗି ସେମାନେ ସୂତ୍ର ମଡେଲର ଉପଯୋଗ କରିଥିଲେ। ଦ୍ୱିତୀୟ ଲହରକୁ ନେଇ କମିଟି କରିଥିବା ଆକଳନ ପ୍ରାୟ ଠିକ୍ ହୋଇଥିବାବେଳେ ଏବେ ତୃତୀୟ ଲହର ତଥା ନୂଆ ଭାରିଆଣ୍ଟ ସମ୍ପର୍କରେ ଗବେଷଣା ଜାରି ରଖିଛି। ତେବେ ତୃତୀୟ ଲହରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ, ଟିକାକରଣର ପ୍ରଭାବ ଏବଂ ଅଧିକ ଘାତକ ଭାରିଆଣ୍ଟ ସୃଷ୍ଟି ସମ୍ଭାବନା ମୁଖ୍ୟ ଫ୍ୟାକ୍ଟର ହେବ। ଏ ସମ୍ପର୍କିତ ସବିଶେଷ ରିପୋର୍ଟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଛନ୍ତି। ମୁଖ୍ୟତଃ ତିନୋଟି ସ୍ଥିତିକୁ ନେଇ ଏହି ପୂର୍ବାନୁମାନ କରାଯାଇଛି। ଯଦି ଭୂତାଣୁର ନୂଆ ରୂପ ସୃଷ୍ଟି ନ ହୁଏ, ତେବେ ଅଗଷ୍ଟ ବେଳକୁ ଦେଶରେ ସ୍ୱାଭାବିକ ଅବସ୍ଥା ଫେରିଆସିବ। ସେହିପରି ଟିକାକରଣ ଯଦି ୨୦ ପ୍ରତିଶତ କମ୍ ପ୍ରଭାବୀ ହୁଏ, ତେବେ ମଧ୍ୟମ ଧରଣର ସ୍ଥିତି ରହିବ। ତୃତୀୟଟି ହେଲା ଯଦି ଅଗଷ୍ଟରେ ୨୫ ପ୍ରତିଶତ ଅଧିକ ସଂକ୍ରମକ ଭାରିଆଣ୍ଟ ସୃଷ୍ଟି ହୁଏ, ତେବେ ଗୁରୁତର ସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ରାଜ୍ୟ ସରକାର ...

୯୪ଟି ପେଡିଆଟ୍ରିକ୍ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ପିଆଇସିୟୁ) ଏବଂ ୪୪ଟି ହାଇ ଡିପେଣ୍ଡେନ୍ସି ୟୁନିଟ୍(ଏଚ୍‌ଡିୟୁ) ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ କରୋନା ସ୍ଥିତି ଓ ସମ୍ଭାବ୍ୟ ତୃତୀୟ ଲହର ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ଅଗଷ୍ଟରେ କଟକଣା କୋହଳ ହେବା ଅନୁଚିତ୍। ତୃତୀୟ ଲହର ଆସିବା ନେଇ ଆକଳନ କରାଯାଉଥିବାରୁ ନଭେମ୍ବର ପୂର୍ବରୁ ରାଜ୍ୟରେ ସମ୍ପୂର୍ଣ୍ଣ ଟିକାକରଣ କରିବା ପାଇଁ ଡା. ମିଶ୍ର ପରାମର୍ଶ ଦେଇଛନ୍ତି।

### ରାଜ୍ୟରେ ସବୁଠି ...

ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଥିବାବେଳେ ମାଲକାନଗିରି ସର୍ବାଧିକ ୧୦୬ ଟଙ୍କାରେ ବିକ୍ରି ହେଉଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ ମେ' ୪ ପରଠାରୁ କ୍ରମାଗତ ଭାବେ ତୈଳ ଦର ବଢ଼ିଚାଲିଛି। ଗତ ୯ ସପ୍ତାହ ମଧ୍ୟରେ ପେଟ୍ରୋଲ ୩୪ ଥର ଏବଂ ଡିଜେଲ ୩୩ ଥର ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୯.୧୮ ଟଙ୍କା ଏବଂ ଡିଜେଲରେ ୯.୪୧ ଟଙ୍କା ବୃଦ୍ଧି ଘଟିଲାଣି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ଏବଂ ଡିଜେଲ ୨୦ ପଇସା ବଢିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୦.୩୦ ଟଙ୍କା ଏବଂ ଡିଜେଲ ୯୭.୩୯ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୧୦୦.୬୩ ଟଙ୍କା ଏବଂ ଡିଜେଲ ୯୭.୭୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ଏବଂ ଡିଜେଲ ୧୮ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୯.୫୧ ଟଙ୍କା ଏବଂ ଡିଜେଲ ୮୯.୩୬ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୯.୧୧ ଟଙ୍କା ଏବଂ ଡିଜେଲ ୮.୬୩ ଟଙ୍କା ବୃଦ୍ଧି ପାଇଥିବା ଜଣାପଡିଛି। ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୦.୪୪ ଟଙ୍କା, ୯୯.୪୫ ଟଙ୍କା ଏବଂ ୧୦୫.୫୮ ଟଙ୍କାରେ ବିକ୍ରି ହେଉଛି। ଏହି ସହରଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ ୯୩.୯୧, ୯୨.୨୭ ଏବଂ ୯୬.୯୧ ଟଙ୍କାରେ ପହଞ୍ଚିଛି। ଦେଶରେ ସର୍ବାଧିକ ତୈଳ ଦର ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ରହିଛି। ସେଠାରେ ପେଟ୍ରୋଲ ୧୧୧ ଟଙ୍କା ଏବଂ ଡିଜେଲ ୧୦୩ ଟଙ୍କାରେ ବିକ୍ରି କରାଯାଉଛି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୩୨.୯୦ ଏବଂ ୩୧.୮୦ ଟଙ୍କା ଉତ୍ପାଦ ଶୁଳ୍କ ଆକାରରେ ନେଉଥିବା ବେଳେ ରାଜ୍ୟ ସରକାର ଯଥାକ୍ରମେ ୨୩.୪୮ ଏବଂ ୨୦.୮୫ ଟଙ୍କା ଭାଟ ଆକାରରେ ସଂଗ୍ରହ କରୁଛନ୍ତି। ତୈଳଦର ବୃଦ୍ଧିର ପ୍ରଭାବରେ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ଅହେତୁକ ଭାବେ ବଢ଼ିଚାଲିଛି, ଯାହାକୁ ଜନସାଧାରଣଙ୍କୁ ତଳିତଳାନ୍ତ କରିଦେଲାଣି।


# classifieds Everyday
0674-2580101, 2549302




**SALE**

ଦୁଇ ବଖରା ଆଜବେଷ୍ଟ ଘର ଥାଇ ସ୍ଥିତିବାନ୍ ଘରବାରି ୫ଡିସିମିଲ ଜାଗା ବିକ୍ରିହେବ @ ୪୫୦୦୦୦୦/- ହାଟବଜାର, ଜଟଣୀ। Owner- 9439270333. D-70859

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71112

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855




Rent 1BHK, Hall, Dining, Kitchen, fully furnished with interior with A/C, Inverter & Bed at Patia, near Big Bazar. Contact: 9437636236, 7008671282. D-21001




Newly open Spa offer @ 699/-, Positively health benefits, Jaydevvihar. 7846814019. D-59994

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

Affidavit before Executive Magistrate, Dhenkanal, I Rasmita Jena, W/o. Maheswar Jena, Village-Panamurga, PO-Ghatipiri, Dist-Dhenkanal have change my name from Ranju Jena to Rasmita Jena for LIC Policy 584438052 and all purposes. D-70323

By virtue of affidavit sworn in before Tahasildar & Executive Magistrate, Rayagada, I Sri Pradeep resident of Rayagada state that I have changed my name from Napadu Pradeep Kumar to Pradeep for all purposes. D-21017

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଗଞ୍ଜେଇ ଜବତ, ୨ଗିରଫ**

ତରଭା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ପାଟ୍ରୋଲିଂ ପୋଲିସ ରବିବାର ୫୭ନଂ ଜାତୀୟ ରାଜପଥର ନମସ୍ତେ ଗେଟ ନିକଟରେ ପିକ୍‌ଅପ୍ (ନଂ-ସିଜି୦୭ବିଡବ୍ଲୁ୮୪୦୫)ରୁ ୪୭କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗାଡି ଡ୍ରାଇଭର ଓ ଅନ୍ୟଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ରାୟପୁର ଅଞ୍ଚଳର ଗୋପାଳ ନାଏକ(୩୧) ଓ ମୁକେଶ ବାଘ(୩୧)। ସେମାନେ ବୌଦ୍ଧ ଜିଲାରୁ ରାୟପୁରକୁ ଉକ୍ତ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ତରଭା ଥାନାରେ ଏକ ମାମଲା (ନଂ.୧୨୭/୨୧)ରୁଜୁ ହୋଇଛି।



**ସଂକ୍ଷେପରେ**

## କାଠ ଫାଳିଆରେ ପିଟି ଯୁବକଙ୍କୁ ହତ୍ୟା

ସମ୍ବଲପୁର,୪।୭ (ବ୍ୟୁରୋ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ହାଲିପାଲି ଗ୍ରାମରେ ରବିବାର ସାମାନ୍ୟ ଘଟଣାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଦୁର୍ଲ୍ଲଭ ବାଗ(୩୮)। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତନାଘନା ଚଳାଇଛି। ଏହି ଘଟଣାରେ କଣ୍ଟେଇପାଲି ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଯୁଯୁମୁରା ଥାନା ଅଇଁଲାଝରନ ଗ୍ରାମର ଦୁର୍ଲଭ ଘରଜ୍ୱାଇଁ ଭାବେ ହାଲିପାଲିରେ ରହୁଥିଲେ। ଅଟକ ଯୁବକ ମଧ ତାଙ୍କ ଘର ପାଖରେ ଘର କରି ରହୁଥିଲେ। ରବିବାର ମଧାହ୍ନରେ କୌଣସି କଥାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ଏକ କାଠ ଫାଳିଆରେ ଦୁର୍ଲ୍ଲଭଙ୍କୁ ଅକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଦୁର୍ଲ୍ଲଭଙ୍କୁ ମୃତ ଘୋଷଣା କରିଥିଲେ।

## ସାହିତ୍ୟିକ ମଙ୍ଗଳୁ ବିଶ୍ୱାଳ ଅସୁସ୍ଥ

ସମ୍ବଲପୁର,୪।୭ (ବ୍ୟୁରୋ): ସମ୍ବଲପୁରୀ ଓ ଓଡିଶା ସାହିତ୍ୟର ପ୍ରତିଷ୍ଠିତ କବି, ଲେଖକ ଏବଂ ନାଟ୍ୟକାର ଡ. ମଙ୍ଗଳୁଚରଣ ବିଶ୍ୱାଳ ବୟସାଧିକ କାରଣରୁ ବାରଡୁଙ୍ଗୁରିସ୍ଥିତ ବାସଭବନରେ ଶଯ୍ୟାଶାୟୀ ଅଛନ୍ତି। ରବିବାର ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ ବାରଡୁଙ୍ଗୁରି ଯାଇ ମଙ୍ଗଳୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଲାଗି ମା' ସମଲେଶ୍ୱରୀଙ୍କଠାରେ ପ୍ରମୋଦ ରଥ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଶଙ୍କର ଭୋଇ ଓ ଅନ୍ୟ ସଭ୍ୟମାନେ ପ୍ରାର୍ଥନା କରିଛନ୍ତି। ସମ୍ବଲପୁରୀ ଭାଷା ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ଲାଗି ମଙ୍ଗଳୁଚରଣଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଛି।

## ଲାୟନ୍ସ କ୍ଲବ ପକ୍ଷରୁ ଗ୍ରୀନ ସମ୍ବଲପୁର କାର୍ଯ୍ୟକ୍ରମ

ସମ୍ବଲପୁର,୪।୭(ବ୍ୟୁରୋ): ସମ୍ବଲପୁର ଲାୟନ୍ସ କ୍ଲବ ପକ୍ଷରୁ ଗ୍ରୀନ ସମ୍ବଲପୁର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧନକଉଡା ବ୍ଲକ ଅନ୍ତର୍ଗତ ଡୁମେସିଂହା ଗ୍ରାମରେ ୮୯ ଚାରା ରୋପଣ କରାଯାଇଥିଲା । ଡିଏଫଓ ସଞ୍ଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲାୟନ୍ସ କ୍ଲବ ପୂର୍ବତନ ଡିଷ୍ଟ୍ରିକ୍ ଗଭର୍ଣ୍ଣର ଦେବେନ୍ଦ୍ର କୁମାର ଲାଠ, ମନୋଜ ସିଂହାନିଆ, ସିଦ୍ଧେଶ ଅଗ୍ରୱାଲ, ସିଦ୍ଧାର୍ଥ ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫେରାର ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଝାରସୁଗୁଡା ଅଫିସ୍, ୪।୭

**କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ମାମଲା**

ଗତ ସୋମବାର ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ବେଲପାହାଡ ସେକ୍ସନର କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମହନ୍ତଙ୍କୁ ଠିକାଦାର ସୁନୀଲ କୁମାର ଭୁଜାଲିରେ ଆକ୍ରମଣ କରିଥିବା ନେଇ ବେଲପାହାଡ ଥାନାରେ ଅଭିଯୋଗ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ବେଲପାହାଡ ଥାନାରେ ଏକ ମାମଲା (ନଂ.୧୩୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ଘଟାଇବା ପରେ ଠିକାଦାର ଜଣଙ୍କ ଫେରାର ହୋଇଯାଇଛନ୍ତି। ଇତିମଧ୍ୟରେ ଘଟଣାକୁ ସପ୍ତାହେ ବିତିଥିଲେ ମଧ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଏ ନେଇ ବେଲପାହାଡ ଥାନା ଆଇଆଇସି ରଞ୍ଜନ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ଅଭିଯୁକ୍ତ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ସେ କହିଛନ୍ତି। ଏ ନେଇ ଝାରସୁଗୁଡା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ ପଟ୍ଟନାୟକ ଜିଲାପାଳ, ଏସ୍‌ପି, ଆର୍‌ଡି ଚିଫ୍ ଇଞ୍ଜିନିୟର ଓ ବିଭାଗୀୟ ସଚିବିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଆକ୍ରମଣର ଶିକାର ହୋଇଥିବା କନିଷ୍ଠ ଯନ୍ତ୍ରୀ ମହନ୍ତଙ୍କ ସୂଚନା ଅନୁସାରେ, ଲଖନପୁର ବ୍ଲକ ଅଞ୍ଚଳର ୪ଟି ରାସ୍ତା ନିର୍ମାଣ ପାଇଁ ଠିକାଦାର ସୁନୀଲଙ୍କ ନାମରେ ୩ଟି ଚୁକ୍ତିନାମା ହୋଇଥିଲା। ଏଥିରେ ଏନ୍‌ଏଚ୍-୨୦୦ରୁ ନାଚେନମୁରା, ଏନ୍‌ଏଚ୍-୨୦୦ରୁ ସାହାସବଗା, ଏନ୍‌ଏଚ୍-୨୦୦ରୁ ଅଇଁଲାପଡା ଓ ଆର୍‌ଡି ରୋଡ୍‌ରୁ ସୁକୁଲପାଲି ରାସ୍ତା ରହିଛି। ଏହିସବୁ ରାସ୍ତାର ବ୍ୟୟ ଅଟକଳ ରହିଛି ଅଢେଇ କୋଟି ଟଙ୍କା। ୨୦୧୭ ମେ ମାସରେ ଏହି ଚୁକ୍ତିନାମା ହୋଇଥିଲା। ୯ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ କରିବାର ସମୟସୀମା ରହିଥିଲା। ହେଲେ ଇତି ମଧ୍ୟରେ ୪ବର୍ଷ ବିତିଗଲାଣି କାମ ସମ୍ପୂର୍ଣ୍ଣ ହୋଇ ନ ପାରି କେତେକ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି ବୋଲି କନିଷ୍ଠ ଯନ୍ତ୍ରୀ ମହନ୍ତ କହିଛନ୍ତି। ଏ ସମ୍ପର୍କରେ ଠିକାଦାରଙ୍କୁ ବାରମ୍ବାର ତାଗିଦ୍ କଲେ ମଧ୍ୟ ସେ ଶୁଣୁନାହାନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହିସବୁ କାମର ଫାଇନାଲ୍ ମେଜରମେଣ୍ଟ କରି ଫାଇଲ୍ କ୍ଲୋଜ କରିବା ପାଇଁ କୁହାଯାଇଛି। ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶବଳରେ ଗତ ସୋମବାର ଏସ୍‌ଡିଓ ଅମିର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ମହନ୍ତ, ଚନ୍ଦନ ମୁଣ୍ଡାରୀ ଓ ଖଗେଶ୍ୱର ମେହେର ପ୍ରମୁଖ ଅଧିକାରୀ ସମ୍ପୃକ୍ତ ଠିକାଦାରଙ୍କ ଉପସ୍ଥିତିରେ ୪ ରାସ୍ତାର ମାପଚୁପ କରିଥିଲେ। ମାପଚୁପ ଶେଷକରି ସେହି ଦିନ ସନ୍ଧ୍ୟାରେ ସମସ୍ତେ ବେଲପାହାଡ ସେକ୍ସନ ଅଫିସରେ ପହଞ୍ଚିବା ପରେ ସେଠାରେ ଠିକାଦାର ଜଣଙ୍କ ଲୁଚିରହି କନିଷ୍ଠ ଯନ୍ତ୍ରୀ ମହନ୍ତ ବୋଲେରୋରୁ ବାହାରିବା ସମୟରେ ହଠାତ ତାଙ୍କ ବେକକୁ ଧରି ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ସମୟରେ ବୋଲେରୋ ଚାଳକ ଠିକାଦାରଙ୍କୁ ଅଟକାଇଥିଲେ। ଅଳ୍ପକେ କନିଷ୍ଠ ଯନ୍ତ୍ରୀ ମହନ୍ତ ବର୍ତ୍ତିଯାଇଥିବାବେଳେ ବୋଲେରୋ ଚାଳକ ଆହତ ହୋଇଥିଲେ।

# ବ୍ରହ୍ମପୁରା ଠାକୁରଙ୍କୁ ଦଶମୂଳ ବନୌଷଧି


ରବିବାର ସମ୍ବଲପୁର ବ୍ରହ୍ମପୁରା ମନ୍ଦିରରେ ବନୌଷଧି ପ୍ରସ୍ତୁତ କରାଯାଉଛି।

ସମ୍ବଲପୁର, ୪।୭ (ବ୍ୟୁରୋ)

ଆଷାଢ଼ କୃଷ୍ଣପକ୍ଷ ଦଶମୀ ତିଥିରେ ବ୍ରହ୍ମପୁରା ଠାକୁରଙ୍କୁ ଦଶମୂଳ ବନୌଷଧି ନୀତି ହୋଇଛି। ପରମ୍ପରାନୁସାରେ ଗମ୍ଭାରୀ, ପାଟଳୀ, ଅଗିବଥୁ, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅକରାନ୍ତି, ଲହବାଙ୍କୁଡି, ବେଲ, ଫଣଫଣା, ଗୋଖର ଗଛର ମୂଳକୁ ସମପରିମାଣରେ ଚୂର୍ଣ୍ଣ କରି ମହୁ, କର୍ପୁର, ଗାଈ ଘିଅ, ଇଲାଚି ଓ ଗୁଡ ମିଶ୍ରଣରେ ଦଶମୂଳ ତଥା ବନୌଷଧି ପ୍ରସ୍ତୁତି ହୋଇଥିଲା। ରବିବାର ରାତିରେ ନିୟମାନୁସାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଠାକୁରଙ୍କୁ ଯଥାକ୍ରମେ ୩୫, ୩୨, ୨୩ ଓ ୧୮ଟି କରି ଏହାର ଗୋଲି ଦିଆଯାଇଛି। ସୋମବାର ସକାଳ ଆଳତି କରାଯାଇ ପୁଣି ଠାକୁରଙ୍କୁ ଦଶମୂଳ ଔଷଧ ନୀତି କରାଯିବ। ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ବନୌଷଧି ପୂଜାର୍ଚ୍ଚନା କରି ପ୍ରସ୍ତୁତ କରିଥିଲେ। ଏଥିରେ ସେବାୟତ ବାସନ୍ତି ପାଣିଗ୍ରାହୀ ଓ ମିନାକ୍ଷୀ ପୂଜାରୀ ସହଯୋଗ କରିଥିଲେ। ସେମାନଙ୍କୁ ୫ ଘଣ୍ଟା ସମୟ ଲାଗିଥିଲା। କୋଭିଡ-୧୯ ଯୋଗୁ ଚଳିତବର୍ଷ ମଧ କେବଳ ପରମ୍ପରାକୁ ରକ୍ଷା କରି ନୀତିକାନ୍ତି ଓ ସାମାଜିକ ଦୂରତ୍ୱରେ ଦେବସ୍ନାନ ପୂର୍ଣ୍ଣିମା ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ସମେତ ୨୮ଟି ଜଗନ୍ନାଥ ମନ୍ଦିରରେ ହୋଇଥିଲା। ସେହିଦିନ ଠାରୁ ଠାକୁର ଅଣସର ଘରେ ରହିଥିଲେ। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପଞ୍ଚମୂଳ ବନୌଷଧି ଦିଆଯାଇଥିଲା। ୨୦୨୦-୨୧ ମସିହାକୁ ବାଦ ଦେଲେ ବିଗତ ବର୍ଷରେ ସକାଳ ଆଳତି ପରେ ଭକ୍ତମାନେ ଦଶମୂଳ ତଥା ବନୌଷଧିକୁ ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି । ଭକ୍ତମାନଙ୍କ ବିଶ୍ୱାସ ରହିଛି ଯେ, ଦଶମୂଳ ବନୌଷଧି ଖାଇଲେ ବିଭିନ୍ନ ପ୍ରକାର ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ।

# ଜରାଜୀର୍ଣ୍ଣ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ

ବଣାଇ, ୪।୭(ସ୍ୱ.ପ୍ର.)


ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଜରାଜୀର୍ଣ୍ଣ ଶବ ବ୍ୟବଚ୍ଛେଦ ଗୃହ।

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାରେ ଶବ ବ୍ୟବଚ୍ଛେଦ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଫଳରେ ବାହାରେ ଖୋଲା ମେଲାରେ ତଳେ ଶବ ବ୍ୟବଚ୍ଛେଦ ହେଉଛି। ଏହାକୁ ଦେଖିଲେ ମୃତ୍ୟୁ ପରେ ଉକ୍ତ ଶବକୁ ଉଚିତ ସମ୍ମାନ ମିଳୁଛି କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୌଣସି ଲୋକଙ୍କ ନିଜ ଘରେ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ସହ ସାଧାରଣ ମୃତ୍ୟୁକୁ ଛାଡି ଦେଲେ ଅନ୍ୟାନ୍ୟ ସମସ୍ତ ପ୍ରକାରର ମୃତ୍ୟୁ ହେଲେ ଶବ ବ୍ୟବଚ୍ଛେଦ ଅନିବାର୍ଯ୍ୟ ରହିଛି। ଏଣୁ ମୃତ୍ୟୁ ପରେବି ଶବକୁ ଉଚିତ ସମ୍ମାନର ସହ ବ୍ୟବଚ୍ଛେଦ କରିବା ପ୍ରାବଧାନ ରହିଛି। ହେଲେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଶବ ବ୍ୟବଚ୍ଛେଦ ଗୃହ ବାହାରେ ଖୋଲା ମେଲାରେ ତଳେ ଶବ ବ୍ୟବଚ୍ଛେଦ ହେଉଥିବାକୁ ଦେଖିଲେ ଉକ୍ତ ଶବକୁ ଉଚିତ ସମ୍ମାନ ମିଳୁଥିବା ନେଇ ମନରେ ଆଶଙ୍କା ସୃଷ୍ଟି କରୁଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଆରମ୍ଭ କରି ଉପଖଣ୍ଡ ଚିକିତ୍ସାଳୟ ଓ ଜିଲା ଚିକିତ୍ସାଳୟଗୁଡିକରେ ଶବ ଗୃହ ସାଙ୍ଗକୁ ଶବ ବ୍ୟବଚ୍ଛେଦ ଗୃହ ରହିବାର ବ୍ୟବସ୍ଥା ରହିଛି। ହେଲେ ବଣାଇଁ ଉପଖଣ୍ଡର ଲହୁଣୀପଡ଼ା ଠାରେ ଥିବା ଶବ ବ୍ୟବଚ୍ଛେଦ ଗୃହର ଅବସ୍ଥା ଏପରି ଜରାଜୀର୍ଣ୍ଣ ରହିଛି ଯେ ସେ ଘର ଭିତରେ ଶବ ବ୍ୟବଚ୍ଛେଦ କରିବା ମାନେ ନିଜେ ଶବ ହୋଇ ଯିବାର ଡେର ଆଶଙ୍କା ରହିଥିବା କହନ୍ତି, ବ୍ୟବଚ୍ଛେଦ କରୁଥିବା ସୁଇପର ଏବଂ ଡାକ୍ତର। କେଉଁ ସମୟରେ ସେ ଘର ଭୁଶୁଡିବ କହିବା ମୁସ୍କିଲ। ଘରର କାନ୍ଥରେ ଫାଟ ଦେଖା

**ଖୋଲା ମେଲାରେ ଚାଲିଛି ବ୍ୟବଚ୍ଛେଦ**

ଯାଉଥିବା ବେଳେ ଛାତ ଉପରୁ କଂକ୍ରିଟ ଖଣ୍ଡ ପଡୁଛି। ଉକ୍ତ ଗୃହରେ କବାଟ ଝରକା ନ ଥିବାରୁ ଚାରିଆଡ଼େ ମେଲା। ଫଳରେ ଉକ୍ତ ଘର ଭିତରେ ଶବ ବ୍ୟବଚ୍ଛେଦ କରିବା ବଡ ମୁସ୍କିଲ ବୋଲି କହନ୍ତି। ସେପଟେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହ ନ ଥିବାରୁ କୋଇଡା ବ୍ଲକର ସମସ୍ତ ଶବକୁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ କରାଯାଉଛି। ଲହୁଣୀପଡ଼ାପଡାରେ ମଧ ଶୀତତାପ ନିୟନ୍ତ୍ରଣ ଶବ ଗୃହ ନ ଥିବା ସହ ଯେଉଁ ଶବ ଗୃହ ଅଛି ସେଠାରେ ଶବକୁ ରଖିବା ଭାରି ମୁସ୍କିଲ। କାରଣ ଉକ୍ତ ଗୃହରେ କବାଟ ଝରକା ନ ଥିବାରୁ ସେଠାରେ ଶବ ରଖିଲେ କୁକୁର ଟାଣି ନେବାର ଆଶଙ୍କା ରହିଛି। ଫଳରେ ଲହୁଣୀପଡ଼ା ସମେତ କୋଇଡାରୁ ବ୍ୟବଚ୍ଛେଦ ନିମନ୍ତେ ଆସୁଥିବା ଶବଗୁଡିକ ଡାକ୍ତରଖାନା ପରିସର ଭିତରେ ଖୋଲାରେ ରଖାଯାଉଛି। ଯେଉଁ ଶବଗୁଡିକର ଅଧିକ ଦିନ ହୋଇଯାଇ ଗନ୍ଧ ହେଉଛି ସେତେବେଳେ ଡାକ୍ତରଖାନା ପରିସରରେ ରହୁଥିବା ରୋଗୀଙ୍କ ଉପରେ ତାହାର ବିଶେଷ ପ୍ରଭାବ ପକାଉଥିବା ଦେଖାଯାଉଛି। ଏପରି ସ୍ଥଳେ ଉକ୍ତ ଶବଗୁଡିକ ବାହାରେ ପଡିଥିବା ବେଳେ ଉକ୍ତ ଶବର ପରିବାର ସହ ବନ୍ଧୁ ପରିଜନମାନେ ମଧ ବର୍ଷା ହେଉ କି ଖରା ବାହାରେ ବସି ଶବକୁ ଜଗି ରହୁଛନ୍ତି। ବାହାରେ ବ୍ୟବଚ୍ଛେଦ ହେଉଥିବାକୁ ନେଇ ଲହୁଣୀପଡ଼ା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ଗୃହର ଅବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କହିଥିଲେ। ବହୁ ଆଗରୁ ଉକ୍ତ ଗୃହ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। କିନ୍ତୁ ଉପରିସ୍ଥ ଅଧିକାରୀମାନେ ଏହା ଉପରେ ଧ୍ୟାନ ଦେଇନାହାନ୍ତି। ସେଥିପାଇଁ ଆମେ ବାହାରେ ଶବ ବ୍ୟବଚ୍ଛେଦ କରିବା ପାଇଁ ବାଧ ହେଉଥିବା ସେ କହିଛନ୍ତି।

## ଏନ୍‌ଏଚ୍‌ଆରସିରେ ଅଭିଯୋଗ ପରେ ଚାଷୀଙ୍କୁ ମିଳିଲା ପ୍ରାପ୍ୟ

ସମ୍ବଲପୁର,୪।୭ (ବ୍ୟୁରୋ)

ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ରେ ଅଭିଯୋଗ ପରେ ସମ୍ବଲପୁର ଜିଲା ବାମରା ବ୍ଲକ ଉଚ୍ଚକାପାଟ ଗ୍ରାମର ୧୧ ଜଣ ଚାଷୀ ୧୧ ଲକ୍ଷ ୯୪ ହଜାର ୨୮୭ ଟଙ୍କା ପାଇଛନ୍ତି । ଏହି ଅର୍ଥରାଶି ଶନିବାର ତାଙ୍କ ବ୍ୟାଙ୍କ ଜମା ଖାତାରେ ମିଳିଛି। ସୂଚନାଯୋଗ୍ୟ ଯେ, ୧୧ ଜଣ ଚାଷୀ ଖରିଫ ଧାନ ବିକ୍ରି କରି ଟଙ୍କା ପାଇ ନ ଥିଲେ। ଏହାପରେ ଚାଷୀମାନଙ୍କ ପକ୍ଷରୁ ସ୍ଥାନୀୟ ଜୟ କିଶାନ ଆଦିମ କୃଷକ ସଂଗଠକ ଆବାହକ ଯୋଗବିହାରୀ ପରିଡା ଏନଏଚଆରସିର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ୧୧ଜଣ ଚାଷୀଙ୍କ ୬୩୯.୩୪କୁଇଣ୍ଟାଲ ଧାନର ପ୍ରାପ୍ୟ ମିଳିଛି।

## ଟ୍ରକ୍ ପାର୍କିଂରୁ ଚୋରି

ବ୍ରଜରାଜନଗର,୪।୭ (ଡି.ଏନ.ଏ)

ଝାରସୁଗୁଡା ଜିଲା ଓରିଏଣ୍ଟ ଥାନା ଅଧୀନ ୯ ନଂ. ଟ୍ରକ ପାର୍କିଂରେ ରବିବାର ଚୋରି ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଟ୍ରକ ଆସୋସିଏଶନ ସଭାପତି ସତିଶ ସିଂହଙ୍କ ସହାୟତାରେ ଜଣେ ଗାଡି ମାଲିକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି। ଉକ୍ତ ମାଲିକ ଜଣକ ଗାଡି କିଣି ନିଜେ ଚଳାଉଥିଲେ। ଅନ୍ୟ ଏକ ଗାଡିରୁ ଟାୟାର ଚୋରି କରି ତାଙ୍କ ଗାଡିରେ ଲଗାଇଥିବା ଥାନାରେ ଅଭିଯୋଗ ହୋଇଥିଲା।

# ଝାରସୁଗୁଡ଼ା ପାଇଁ ଲଢ଼େଇ କରିବ ସ୍ୱାଭିମାନ ମଞ୍ଚ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସ୍ୱାଭିମାନ ମଞ୍ଚର କର୍ମକର୍ତ୍ତା।

ଝାରସୁଗୁଡା ଅଫିସ୍,୪।୭

ଝାରସୁଗୁଡା ଭୁର୍କାମୁଣ୍ଡା ସ୍ଥିତ ବେଦାନ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଡମ୍ପିଂ ଚାଲିଛି। ଏଥିରେ ବଣଜଙ୍ଗଲ, ନଦୀନାଳ, ରାସ୍ତାଘାଟ ଓ ବାୟୁମଣ୍ଡଳ ଆଦି ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ଜିଲାରେ ବହୁ ବେଆଇନ କାମ ଓ ଦୁର୍ନୀତି ଚାଲିଛି । ଏହା ପଛରେ ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ କାମ କରୁଛି ବୋଲି ଅଭିଯୋଗ ହେଉଛି। ଏ ନେଇ ଯଦି କେହି ସାମାଜିକ କର୍ମୀ ମୁହଁ ଖୋଲୁଛନ୍ତି ସେମାନଙ୍କୁ ଆକ୍ରୋଶମୂଳକ ଭାବେ ମିଥ୍ୟା ମାମଲାରେ ଛନ୍ଦି ଜେଲ୍ ହାଜତକୁ ପଠାଇ ଦିଆଯାଉଛି। ଗତ ଶୁକ୍ରବାର ସାମାଜିକ କର୍ମୀ ସତ୍ୟ ନାରାୟଣ ରାଓଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହାର ପ୍ରତିବାଦରେ ଝାରସୁଗୁଡା ଜିଲାର ୨୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନେଇ ଏକ ସ୍ୱାଭିମାନ ମଞ୍ଚ ଗଠନ କରାଯାଇ ୫ଦଫା ଦାବିନେଇ ପ୍ରତୀକ ଧର୍ମଘଟ ଚାଲିଥିଲା। ଆଗାମୀ ଦିନରେ ଝାରସୁଗୁଡା ମାଟି ପାଇଁ ସ୍ୱାଭିମାନ ମଞ୍ଚ ଲଢେଇ କରିବ। ଏହି ଲଢେଇରେ ଝାରସୁଗୁଡାବାସୀ ସାମିଲ ହେବା ପାଇଁ ମଞ୍ଚର କର୍ମକର୍ତ୍ତାମାନେ ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସ୍ୱାଭିମାନ ମଞ୍ଚର ଆବାହକ ଦେବାନନ୍ଦ ବାରିକ, ସୀୟାରାମ ଦାସ, ରତ୍ନାକର ପ୍ରଧାନ, ସତ୍ୟନାରାୟଣ ରାଓ, ଅଜିତ ରଥ, ସଂଗ୍ରାମ ମହାନ୍ତି, ହରିଶଙ୍କର ସାହୁ, ସଞ୍ଜୟ ସାହୁ, ନାରାୟଣ ଅଗ୍ରୱାଲ, ମନିଷ ବାଜପେୟୀ, ବିଜୟ ଦାସ, ଚିତ୍ତରଞ୍ଜନ ବେହେରା, ବିଜୟ ରଜାକ, ବଳରାମ ପାଣ୍ଡେ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅକ୍ଟୋବର ସୁଦ୍ଧା ଏସ୍‌ଏମ୍‌ସିର ନୂତନ କୋଠା କାର୍ଯ୍ୟକ୍ଷମ ଲକ୍ଷ୍ୟ

ସମ୍ବଲପୁର,୪।୭ (ବ୍ୟୁରୋ)


ସମ୍ବଲପୁର ମହାନଗର ନିଗମ ନୂତନ କୋଠା ।

ସମ୍ବଲପୁର ମହାନଗର ନିଗମ (ଏସଏମସି)ର ନୂତନ କୋଠା ଅକ୍ଟୋବର ସୁଦ୍ଧା କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ରହିଛି। ୨୦୧୯ ସୁଦ୍ଧା ନିର୍ମାଣ ଶେଷ ହେବାର ଯୋଜନା ରହିଥିବା ବେଳେ ପ୍ରାୟ ଦୁଇବର୍ଷ ବିଳମ୍ବ ହୋଇଛି। ତେଣୁ ଅଧିକାରୀ ଓ ମହାନଗରବାସୀଙ୍କୁ ସମସ୍ୟା ହେଉଛି। ଏହି କୋଠା ଲୋକାର୍ପଣ ହେଲେ ସୁବିଧା ହୋଇଯିବ ବୋଲି ଆଶା କରାଯାଉଛି। ଏହାମଧରେ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ତାଗିଦ କରାଯିବା ସହ ଏସଏମସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଏସଏମସି ନିର୍ବାହୀଯନ୍ତ୍ରୀ ବି.ବି.ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଭିଡ କଟକଣା ଯୋଗୁ ୨ବର୍ଷ ହେଲା କାମ ଆଗେଇ ପାରିନାହିଁ। ପ୍ରଥମ ପର୍ଯ୍ୟାୟ କୋଭିଡ ସମୟରେ ୧ବର୍ଷ ବନ୍ଦ ପଡିଥିଲା। କିଛି ମାସ କାମ କରିବା ପରେ ପୁଣି ଦ୍ୱିତୀୟ ଲହର କଟକଣା ହୋଇଥିଲା। ବିଶେଷ କରି ଶ୍ରମିକ ଅଭାବ ଯୋଗୁ କାମ ବିଳମ୍ବ ହୋଇଛି। ଏବେ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଉଛି। ସିଭିଲ କାମ ପ୍ରାୟ ୮୦ପ୍ରତିଶତ ସମ୍ପୂର୍ଣ୍ଣ ହୋଇସାରିଛି। ବିଦ୍ୟୁତ୍, ଟାଇଲସ, ରଙ୍ଗ କାମ କିଛି ବାକି ରହିଥିବା ବେଳେ ଏହା ଶୀଘ୍ର ସରିଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରେ ସମ୍ବଲପୁର ମ୍ୟୁନିସିପାଲଟି ମହାନଗର ନିଗମ ଭାବେ ଘୋଷଣା କରାଯାଇଥିଲା। ଏହି ଘୋଷଣା ପରେ ପୁରୁଣା ଅଫିସ କୋଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାନଗର ହେବା ପରେ ବୁର୍ଲା, ହୀରାକୁଦ, ମାନେଶ୍ୱର ବ୍ଲକର ୫ ଓ ଧନକଉଡା ବ୍ଲକର ୭ ପଞ୍ଚାୟତକୁ ନେଇ ଗଠନ ହୋଇଥିଲା । ପରିସୀମା ବଢିବା ସହ ଜନ ସଂଖ୍ୟା ବୃଦ୍ଧି ହୋଇଥିଲା। ତେଣୁ ପୁରୁଣା କୋଠାରେ ଭିଡ ହେବା ସହ କାର୍ଯ୍ୟ ସମ୍ପାଦନରେ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ୨୦୧୭ ମସିହାରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସଡିଏ) ଓ ଏସଏମସି ମିଳିତ ଭାବେ ଏକ ନୂତନ ଅଫିସ କୋଠା ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୪କୋଟି ବ୍ୟୟ ଅଟକଳ ରହିଥିଲା। ନୂତନ କୋଠା କଲିକତାର ଏକ ଏଜେନ୍ସି ଦ୍ୱାରା ଡିଜାଇନ କରାଯାଇଥିଲା। କୋଠାକୁ ଦେଖିଲେ ହୀରାକୁଦ ଡ୍ୟାମ ଭଳିଆ ଦେଖାଯାଉଛି।

# ମନ୍ଥର ଗତିରେ ଚାଲିଛି ଟିକିରା ନଦୀ ସେତୁ କାମ

ନାକଟିଦେଉଳ,୪।୭(ଡ଼ି.ଏନ.ଏ.)


ଅଧାପନ୍ତରିଆ ଅବସ୍ଥାରେ ଥିବା ଟିକିରା ନଦୀ ବ୍ରିଜ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଝାରବେଡ଼ା ଏବଂ କୁଟାସିଙ୍ଗା ରାସ୍ତା ମଝିରେ ଥିବା ଟିକିରା ନଦୀ ଉପରେ ଚାଲିଥିବା ପୋଲ କାମ ମନ୍ଥର ଗତିରେ ଚାଲିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହା ଶେଷ ହୋଇ ପାରିନାହିଁ। ଏଣୁ ଚଳିତ ବର୍ଷ ମଧ ପୋଲ ଉପରେ ଯାତାୟାତ କରିବାକୁ ସ୍ୱପ୍ନ ଦେଖୁଥିବା ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ସାହେବୀ ପଞ୍ଚାୟତର ଝାରବେଡ଼ା ଏବଂ ବାଟଗାଁ ପଞ୍ଚାୟତର କୁଟାସିଙ୍ଗା ରାସ୍ତା ଉପରେ ଥିବା ଟିକିରା ନଦୀ ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ଶେଷରେ ବିଜୁ ସେତୁ ଯୋଜନାରେ ୯କୋଟି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଲ କାମ ଚାଲିଛି । ୧୫୩.୧୫ମିଟର ଲମ୍ବ ବିଶିଷ୍ଟ ଏହି ପୋଲ କାମ ସମ୍ବଲପୁରର ଏକ ଠିକା ସଂସ୍ଥା କରୁଛି। ଗତ ତା୯।୩।୨୦୧୮ରିଖରେ ଆରମ୍ଭ ହୋଇଥିବା ଏହି ସେତୁ କାମ ୨୦୨୦ ମାର୍ଚ୍ଚ ୮ତାରିଖରେ ଶେଷ ହେବା କଥା । କାମ ଶେଷ ହେବାର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରୁ ୧ବର୍ଷରୁ ଅଧିକ ଦିନ ବିତିଗଲାଣି। କାମ ଏବେ ଅଧପନ୍ତରିଆ ଅବସ୍ଥାରେ ରହିଛି। ବର୍ଷା ଦିନେ ଅଞ୍ଚଳବାସୀ ବିଭିନ୍ନ ସମୟରେ ଭରା ନଦୀ ପାରି ହୋଇ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି । ଏହି ପୋଲ ହେବା ଦ୍ୱାରା ଝାରବେଡ଼ା, କୁଟାସିଙ୍ଗା, ସାଲେଭଟା, ବାଟଗାଁ, ଜାମୁଯୋରୀ ଏବଂ ହିଞ୍ଜାମୁରା ଗ୍ରାମ ପରସ୍ପର ମଧ୍ୟରେ ସଂଯୋଗୀକୃତ ହେବା ସହ ଏହି ସବୁ ଅଞ୍ଚଳର ପ୍ରାୟ ୨୦ହଜାର ଲୋକ ଉପକୃତ ହୋଇପାରିବେ। ତେବେ କାମ ବିଳମ୍ବ ହେଉଥିବାରୁ ପାଣ୍ଡୁନାଳୀ, କୁଟାସିଙ୍ଗା ଏବଂ ସାଲେଭଟା ପଞ୍ଚାୟତର କେତେକ ଗ୍ରାମର ଲୋକେ ବାଧ ହୋଇ ବାଟଗାଁ ରାସ୍ତା ଦେଇ ବୁଲି ନାକଟୀଦେଉଳ ଆସୁଛନ୍ତି । ରାଜ୍ୟ ସରକାର ଏହାରି ଉପରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

DISTRICT PROJECT OFFICE
SAMAGRA SHIKSHA,
SUNDARGARH, ODISHA
Infront of B.S. High School, At/P.O./Dist.- Sundargarh
Pin: 770001, E-mail- dpcsndgssa.opepa@nic.in
Phone- 06622 273718
No.2248/ CIVIL/ Date 03.07.2021
QUOTATION CALL NOTICE
Sealed quotations are invited from all interested persons / registered firms/ travelling agencies / trust / having valid GST registration for providing commercial multi-purpose vehicle (Mahindra-Bolero / Tata-Sumo Gold etc.) A/C Diesel, for contractual deployment under District Project Office, Samagra Sikshya, Sundargarh on monthly rent basis which shall confirm the terms & conditions (Annexure - A & B). The last date of receipt of the bid is 12th July 2021 upto 17.00 hours. And will be opened at 17.30 hours on the same day in the office of the undersigned. The quotation application form containing the general bid information and detailed terms & conditions for hiring the vehicles can be downloaded from website: www.sundergarh.nic.in.
Sd./- District Project Coordinator
S.S., Sundargarh

# ଅଣଦେଖା କରନି

ବାସହୀନ ଲୋକଙ୍କୁ ସରକାର ସବୁକିଛି ମାଗଣାରେ ଯୋଗାଇପାରିବେ ନାହିଁ। ସେମାନେ ମଧ୍ୟ ଦେଶ ପାଇଁ କିଛି କରିବା ଉଚିତ ବୋଲି ବମ୍ବେ ହାଇକୋର୍ଟ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି କହିଛନ୍ତି। ବୃହନ୍‌ମୁମ୍ବାଇ ମହାନଗର ନିଗମରେ ରହୁଥିବା ବାସହୀନଙ୍କୁ ପୁଷ୍ଟିକର ଖାଦ୍ୟ, ପାନୀୟ ଜଳ, ଶୌଚାଳୟ ଏବଂ ଯୁବତୀ ଓ ମହିଳାମାନଙ୍କୁ ସାନିଟାରୀ ନାପ୍‌କିନ୍ ଯୋଗାଇଦେବା ସକାଶେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହେଲେ ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଜି.ଏସ୍. କୁଲକର୍ଣ୍ଣୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, କୌଣସି କାମ କରୁ ନ ଥିବା ବାସହୀନ ଲୋକଙ୍କୁ ଯଦି ସବୁକିଛି ଯୋଗାଇ ଦିଆଯିବ, ତାହା ହେଲେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବ। ଦେଖିବାକୁ ଗଲେ ହାଇକୋର୍ଟଙ୍କ ମତ ସାର୍ବଜନୀନ ନୁହେଁ। କାରଣ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଅଭାବୀଙ୍କୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ମୌଳିକ ସୁବିଧା ଯୋଗାଇଦେବା ଗଣତାନ୍ତ୍ରିକ ସରକାରଙ୍କ ପ୍ରଥମ ଦାୟିତ୍ୱ। କେହି ଯେଭଳି ଭୋକରେ ନ ମରିବେ ତାହା ସୁନିଶ୍ଚିତ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯିବା ଉଚିତ। ଲୋକମାନେ କାମ ନ କରି ମାଗଣାରେ ସୁବିଧା ପାଇଯାଉଥିବାରୁ ସେମାନଙ୍କ ସଂଖ୍ୟା ସମାଜରେ ବଢ଼ିଯିବ ବୋଲି ଖଣ୍ଡପୀଠଙ୍କ ଆଶଙ୍କା ମଧ୍ୟ ଯୁକ୍ତିସଙ୍ଗତ ମନେ ହେଉନାହିଁ। କାରଣ ଯେଉଁମାନେ ବାସହୀନ ଅଛନ୍ତି ସେମାନେ ନିଶ୍ଚିତ ଭାବେ ଅତ୍ୟନ୍ତ ଦରିଦ୍ର। ତେବେ ତାଲିକାରେ ଏପଟସେପଟ କରୁଥିବା ଲୋକଙ୍କୁ ଧରିବା ଲାଗି ପ୍ରଶାସନିକ ତତ୍ପରତା ହେବା ଦରକାର ବୋଲି କୁହାଯାଇପାରେ।

ସାଧାରଣରେ ଅଭିଯୋଗ ହୋଇଥାଏ ଯେ ଗରିବମାନଙ୍କୁ ସରକାର ସବୁ ଦେଉଛନ୍ତି। ବାସ୍ତବରେ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ଲୋକଙ୍କ ପାଇଁ ସରକାରୀ ବ୍ୟବସ୍ଥା ଏକମାତ୍ର ସାହାଭରସା। କେନ୍ଦ୍ର ହେଉ ବା ରାଜ୍ୟ ସରକାର ଗ୍ରାମାଞ୍ଚଳର ଗରିବଙ୍କୁ ବିନାମୂଲ୍ୟରେ ବିଦ୍ୟୁତ୍ ସଂଯୋଗ କରାଇଦେଉଛନ୍ତି। ସ୍ଥଳବିଶେଷରେ ବଲ୍‌ବ ବା ପଙ୍ଖାଟିଏ ଘୂରିବା ଲାଗି ମାଗଣା ସୁବିଧା ଦେଉଛନ୍ତି। ଯେଉଁଠାରେ ସେମାନେ ଅଧିକ ବ୍ୟବହାର କରୁଛନ୍ତି, ସେଠାରେ ବିଦ୍ୟୁତ୍ ବିଲ୍ ପଇଠ କରୁଛନ୍ତି କିମ୍ବା ଡ୍ରପ୍ ଆଉଟ୍ ଉଡିଯାଉଛି। ତେଣୁ ଜାଲିଆତି କରିବା କଷ୍ଟକର ବ୍ୟାପାର। ଦେଶରେ କର୍ପୋରେଟ୍ ସଂସ୍ଥାଗୁଡ଼ିକ ହଜାର ହଜାର କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଫାଙ୍କି ଦେଉଥିବାବେଳେ ଗରିବଙ୍କୁ ସାମାନ୍ୟ ସୁବିଧା ମିଳିଗଲେ ବମ୍ବେ ହାଇକୋର୍ଟ ବିଚାରପତିଙ୍କ ଭଳି ଅନେକ ବ୍ୟକ୍ତି ବିରୋଧ କରୁଛନ୍ତି। ସେଣ୍ଟ୍ରାଲ ଭିଷ୍ଟା ଭଳି ନୂଆଦିଲ୍ଲୀରେ ରାଜକୀୟ ସୌଧ ଗଢ଼ିବା ସକାଶେ କେନ୍ଦ୍ର ସରକାରଙ୍କ ନିକଟରେ ଅର୍ଥ ଥିବାବେଳେ ଗରିବ ଲୋକଙ୍କୁ ମୌଳିକ ସୁବିଧା ଦେବା ସମୟରେ କୁଣ୍ଠକୁଣ୍ଠ ହେବା ଠିକ୍ ନୁହେଁ। ସରକାର ସଂଗ୍ରହ କରୁଥିବା ଅର୍ଥ ଯଦି ଏହିଭଳି ଲୋକଙ୍କ କଲ୍ୟାଣ ଦିଗରେ ବିନିଯୋଗ ହେବ ନାହିଁ, ତାହା ହେଲେ ସେହି ଅର୍ଥ କେଉଁଥିପାଇଁ ଉଦ୍ଦିଷ୍ଟ ବୋଲି ପ୍ରଶ୍ନ ହେବା ସ୍ୱାଭାବିକ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଦରକାରୀ ଲୋକଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଫଳରେ ପୂର୍ବାପେକ୍ଷା ଅନାହାର ମୃତ୍ୟୁ କମିଛି। ଏହା ସରକାରଙ୍କ ଦ୍ୱାରା ନିଆଯାଇଥିବା ଉତ୍ତମ ପଦକ୍ଷେପ। ଅଭିଯୋଗ ହେଉଛି, ମାଗଣା ଜିନିଷ ଦିଆଯାଇ ଲୋକଙ୍କୁ କୋଢ଼ କରିଦିଆଯାଉଛି। ବାସ୍ତବରେ ସରକାର ସେମାନଙ୍କୁ ଏଭଳି ସ୍ଥିତିକୁ ଆଣୁନାହାନ୍ତି। ଏଥିପାଇଁ ଲୋକମାନେ ନିହାତି ଦାୟୀ। କାରଣ ମୌଳିକ ସୁବିଧା ପାଇଯାଉଥିବା ବ୍ୟକ୍ତି ଯଦି କାମ କରି ଆଗକୁ ବଢ଼ିବାକୁ ନ ଚାହିଁବେ, ତେବେ ସେ ପଙ୍ଗୁ ମାନସିକତାରେ ରହିଗଲେ ବୋଲି ବୁଝିବାକୁ ହେବ।

ବମ୍ବେ ହାଇକୋର୍ଟରେ ହୋଇଥିବା ପିଆଇଏଲ୍‌କୁ ଦେଖିଲେ ସେଠାକାର ସରକାର, ମହାନଗର ନିଗମ କର୍ତ୍ତୃପକ୍ଷ ଏବଂ ଏନ୍‌ଜିଓ ସହଯୋଗରେ ବାସହୀନ ଓ ଗରିବଙ୍କୁ ଖାଦ୍ୟପୁଡ଼ିଆ, ମହିଳାଙ୍କୁ ସାନିଟାରୀ ନାପ୍‌କିନ ବଣ୍ଟନ କରାଯାଉଥିବା ଖଣ୍ଡପୀଠଙ୍କ ନିକଟରେ କୁହାଯାଇଛି। ତେଣୁ ଅସହାୟ ଓ ଗରିବମାନେ କିଭଳି ସରକାରୀ ସହଯୋଗ ପାଇ ଅଧିକ ଉପକୃତ ହୋଇପାରିବେ ସେ ଦିଗରେ ବିଶେଷ ଚିନ୍ତା କରାଯିବା ଦରକାର। କୋଭିଡ୍ ମହାମାରୀ ଭଳି ସଙ୍କଟ ସମୟରେ ଉପରଠାଉରିଆ ମାନସିକତା ରଖାଯାଇ ବାସହୀନଙ୍କ ଅଧିକାରକୁ ଅଣଦେଖା କରାଯିବା ଆଦୌ ସ୍ପୃହଣୀୟ ନୁହେଁ।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୨୮:** 'ଅଗ୍ନି ପ୍ରାଇମ୍'ର ସଫଳ ପରୀକ୍ଷଣ।
➢ବଂଶୀଧର ମାଝି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ହେଲେ।
➢ସୁଇଡେନ୍ ପ୍ରଧାନମନ୍ତ୍ରୀ ଷ୍ଟିଫାନ୍ ଲୋଫବେନ୍‌ଙ୍କ ଇସ୍ତଫା।
**ଜୁନ୍ ୨୯:** ରାଜ୍ୟର ୨୦ ଜିଲାରେ ପେଟ୍ରୋଲ ୧୦୦ ଟପିଲା।
➢ଭାରତରେ ମଡର୍ନାକୁ ମଞ୍ଜୁରୀ।
**ଜୁନ୍ ୩୦:** କଶ୍ମୀରରୁ ୧୪୯ ବର୍ଷ ଦରବାର ପରିବର୍ତ୍ତନ ପରମ୍ପରା ହଟିଲା।
➢ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ କାନାଡ଼ାରେ ୧୩୪ ମୃତ।
➢ଦୂତୀ ଚାନ୍ଦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।
➢କରୋନା ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବା ପାଇଁ ସରକାର ନିଷ୍ପତ୍ତି ନେବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି।
**ଜୁଲାଇ ୧:** ଏଲ୍‌ପିଜି ସିଲିଣ୍ଡର ଦର ବଢ଼ିଲା।
➢ଗୋପାଳପୁରରେ ସମୁଦ୍ର ଗାଁ ଆଡ଼କୁ ମାଡିଆସୁଛି।
**ଜୁଲାଇ ୨:** କୋଭିଡ୍ ସଂକ୍ରମଣ ବଢୁଥିବାରୁ ଓଡ଼ିଶାରେ କେନ୍ଦ୍ରୀୟ ଟିମ୍ ପହଞ୍ଚିଛନ୍ତି।
➢ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତଙ୍କ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା।
➢ଜାତିବାଦରୁ ଆଇଆଇଟି ପ୍ରାଧ୍ୟାପକ ବିପିନ୍ ପୁଥିୟେଦାଥ୍ୱୀତିଲ୍ ଇସ୍ତଫା ଦେଇଛନ୍ତି।
➢ବେଜୋସଙ୍କ ପୂର୍ବରୁ ମହାକାଶ ଯିବେ ରିଚାର୍ଡ ବ୍ରାନ୍‌ସନ୍।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | 3 |
| | | | 7 | | 1 | 4 | | |
| | | | | 8 | | | 2 | |
| | | | | | | | | 4 |
| 4 | 6 | 5 | | 1 | | | | |
| | | 7 | | 6 | 9 | | | |
| | 2 | | | | 3 | | | |
| | 7 | 8 | 9 | | 4 | 6 | | 5 |
| | | 9 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 5 | 4 | 1 | 2 | 3 | 9 | 8 |
| 2 | 1 | 3 | 9 | 5 | 8 | 7 | 4 | 6 |
| 8 | 4 | 9 | 6 | 3 | 7 | 1 | 5 | 2 |
| 1 | 8 | 6 | 5 | 2 | 3 | 9 | 7 | 4 |
| 3 | 2 | 4 | 7 | 8 | 9 | 6 | 1 | 5 |
| 9 | 5 | 7 | 1 | 4 | 6 | 2 | 8 | 3 |
| 5 | 3 | 1 | 2 | 7 | 4 | 8 | 6 | 9 |
| 7 | 6 | 2 | 8 | 9 | 5 | 4 | 3 | 1 |
| 4 | 9 | 8 | 3 | 6 | 1 | 5 | 2 | 7 |

ଗତକାଲିର ଉତ୍ତର



# ହନୁ କହିବାକୁ ଥିବା ସତକଥା

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ରୋଗରେ ଶଯ୍ୟାଶାୟୀ ଜଣେ ବ୍ୟକ୍ତିର ମନୋଭାବ କ'ଣ ହୋଇପାରେ, ଏହି ସମ୍ପର୍କରେ ଧାରଣା ପାଇଁ ଆମେ ନିମ୍ନ ଉଦ୍ଧୃତାଂଶଟି ପ୍ରତି ଦୃଷ୍ଟିଦେଇ ପାରୁ।''ଦିନେ ମୁଁ କାମନାର କାଗଜ-ବୋଇତ ନିର୍ମାଣ କରି ଅପାର ପାରାବାର ବକ୍ଷରେ ଆହୁଲା ବାହି ଚାଲୁଥିଲି- ଆକାଶ-କୁସୁମର ସୁରମ୍ୟ କୁଞ୍ଜ ରଚନା କରି ମହାଶୂନ୍ୟରେ ମନ-ଅଟ୍ଟାଳିକା ଗଢ଼ି ଆଶା ଓ ଆକାଂକ୍ଷାର ଡେଣା ମେଲାଇ ଅନନ୍ତ ଆକାଶରେ ଛାତି ଫୁଲାଇ ଉଡ଼ି ବୁଲୁଥିଲି। ଯେତେବେଳେ ଜାଣି ନ ଥିଲି ଏହାର ଦିନେ ଶେଷ ଅଛି ବୋଲି ବିରାମ ଅଛି ବୋଲି। ହଠାତ୍ ପଡ଼ିଲି- ଅଜାଣିତ, ଅତର୍କିତ, ଅପ୍ରତ୍ୟାଶିତ ଭାବରେ ପଡ଼ିଲି କଚାଡ଼ି। ଓଃ! ସେ କି ଭୀଷଣ ପତନ।''-କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (୧୮୮୮-୧୯୫୩)। କାନ୍ତକବି ଆମ ଭାଷାର ଜଣେ ଶ୍ରେଷ୍ଠ ହାସ୍ୟସ୍ରଷ୍ଟା ଓ ବ୍ୟଙ୍ଗାତ୍ମକ ରଚନା କ୍ଷେତ୍ରରେ ଧୁରୀଣ। 'ଚଟକ ଚନ୍ଦ୍ରହାସ ଚମ୍ପୂ' ପରି କାବ୍ୟ-ଲାଳିକା ଓ 'ଦେହି ପଦ ପଲ୍ଲବ ମୁଦାରମ୍' ଶୀର୍ଷକ ହାସ୍ୟଗଳ୍ପ ରଚନା ସକାଶେ ସେ ପାଠକ ମହଲରେ ଲୋକପ୍ରିୟ ହୋଇପାରିଛନ୍ତି। ବିଭିନ୍ନ ସୁଖପ୍ରଦ, କୌତୁକାବହ ସର୍ଜନା କରିଥିବା ଏକ ସାରସ୍ୱତ ପ୍ରତିଭାଙ୍କଠାରୁ ନିଜ ସମ୍ପର୍କରେ ଉପରୋକ୍ତ ଦୁଃଖଦାୟକ ସ୍ୱୀକାରୋକ୍ତି ଜଣକୁ ଅବିଶ୍ୱସନୀୟ ଲାଗିପାରେ; ବିଚଳିତ କରିପାରେ। କିନ୍ତୁ ଏହି ନୈରାଶ୍ୟଭରା ଆବେଗ ପଛରେ ରହିଛି ତାଙ୍କର ଏକାଧିକ ବ୍ୟକ୍ତିଗତ ସମସ୍ୟା। ତେବେ ତନ୍ମଧ୍ୟରେ ପ୍ରମୁଖ ହୋଇପାରେ ଦୁରାରୋଗ୍ୟ କୁଷ୍ଠରୋଗର ପୀଡ଼ା।

ବାସ୍ତବିକ ଜଣେ ରୁଗ୍ଣ ହୋଇଗଲେ, ତା'ର ଜୀବନାଦର୍ଶ, ଚାଲିଚଳନ ଓ ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣ ଭାବେ ଓଲଟପାଲଟ ହୋଇଯିବା ଅସମ୍ଭବ ନୁହେଁ। ବିଶେଷତଃ ଏହି ରୋଗର ପ୍ରକୋପ ଯଦି ବଢ଼ିଚାଲେ ଏବଂ ସେଥିରୁ ଆରୋଗ୍ୟ ହେବାର ଆତ୍ମବିଶ୍ୱାସ ତୁଟିଯାଏ, ସେତେବେଳେ ତା'ର ମତିଗତି ଓ ବ୍ୟବହାର ଅତି ଦୟନୀୟ ହୋଇପଡ଼େ। ଏହି ପରିପ୍ରେକ୍ଷୀରେ କୋଭିଡ୍-ୱାର୍ଡର ରୋଗୀମାନଙ୍କ ପ୍ରତି ଦୃଷ୍ଟି ଦିଆଯାଇପାରେ। କରୋନା-ସଂକ୍ରମିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ସୁସ୍ଥ ହେଉଥିଲେ ମଧ୍ୟ, ସେମାନଙ୍କ ମଧ୍ୟରେ ଯେଉଁମାନେ ନିଶ୍ଚିତ ହୁଅନ୍ତି ଯେ ସେମାନଙ୍କ ମୃତ୍ୟୁ ଅନିବାର୍ଯ୍ୟ, ହସ୍ପିଟାଲରେ ସେମାନଙ୍କ ଆଚରଣ ଭିନ୍ନ ରୋଗୀଙ୍କ ପାଇଁ ଭିନ୍ନ ରୂପ ନେଇଥାଏ।

ହାଇଦ୍ରାବାଦର ଗାନ୍ଧୀ ହସ୍ପିଟାଲ। ସେଠାରେ କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ଆସନ୍ନ ମୃତ୍ୟୁ ସମ୍ବନ୍ଧରେ ଯେତେବେଳେ ନିଶ୍ଚିତ ହୋଇଯାନ୍ତି, ସେମାନଙ୍କ ପ୍ରତିକ୍ରିୟା କ'ଣ ହୋଇଥାଏ? ସେମାନଙ୍କ ଶେଷ ଇଚ୍ଛାରେ ଅନ୍ତର୍ନିହିତ ହୋଇଥାଏ ଜୀବନରେ ଅପୂର୍ଣ୍ଣ କାର୍ଯ୍ୟ ବା ଗୋପନୀୟ ରହସ୍ୟ ପ୍ରକାଶ କରିବା। ଗତ ଦଶବର୍ଷ ଧରି ଦୁଇ ଭାଇ ମଧ୍ୟରେ ସମ୍ପତ୍ତି ନେଇ ମକଦ୍ଦମା ଲାଗି ରହିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଭାଇର ଭାଗକୁ ଅନ୍ୟାୟରେ ଅକ୍ତିଆର କରିଥିବାରୁ ମାମଲା ଚାଲିଥିଲା। ଅପହରଣକାରୀ ଜଣଙ୍କ କରୋନା-ଆକ୍ରାନ୍ତ ହୋଇ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ନିଜ ମୃତ୍ୟୁ ତାଙ୍କ ଦ୍ୱାରଦେଶରେ ପହଞ୍ଚିଗଲାଣି ବୋଲି ଅନୁଭବ କରି ଅନବରତ କାନ୍ଦିଲେ ଏବଂ ଡାକ୍ତରଙ୍କୁ ଜଣାଇଲେ ଯେ, ସେ ହିଁ ଦୋଷୀ। ଏହି ବିଷୟ ସେ ଅଦାଲତରେ ସେତେବେଳ ପର୍ଯ୍ୟନ୍ତ ମାନି ନ ଥିଲେ। ତାଙ୍କର ଏହି ଅପରାଧକୁ ନିଜ ଭାଇକୁ ଜଣାଇବାକୁ ସେ ଡାକ୍ତରଙ୍କୁ ଅନୁରୋଧ କରୁଥାନ୍ତି। ସେମିତି ଏକ ତରୁଣ ଦମ୍ପତିଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ଗତ ଏକ ବର୍ଷ ଧରି ବିଗିଡ଼ିଗଲା। ଉଭୟେ ପୀଡ଼ିତ ହୋଇ ସେଇ ୱାର୍ଡର ଭିନ୍ନ ଭିନ୍ନ ଚ୍ୟାମ୍ବରରେ ଏକାକୀ ସଙ୍ଗରୋଧରେ ରହିଥିଲେ। ସମ୍ପ୍ରତି ସ୍ୱାମୀଟି ନିଜ ଦୋଷ ବୁଝିପାରିଲା ଓ ପତ୍ନୀ ନିକଟକୁ ଯାଇ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା ସକାଶେ ଇଚ୍ଛା ବ୍ୟକ୍ତ କଲା। ଏପରି କି ସେ ହସ୍ପିଟାଲରୁ କେମିତି ଖସି ପତ୍ନୀର ପରିବାରକୁ ଭେଟିପାରିବ, ସେଥିପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ନେହୁରା ହେଲା।

କିଛି ରୋଗୀ ନିଜ ନିଜ ପରିବାରବର୍ଗଙ୍କୁ ଭେଟିବାକୁ ଚାହୁଁଥିଲେ। କିନ୍ତୁ କୋଭିଡ୍ କଟକଣାରୁ ଏହା ସମ୍ଭବ ନ ଥିଲା। କିନ୍ତୁ ସେମାନେ ଏଥିପାଇଁ ଅଡ଼ି ବସୁଥିଲେ। କେହି କେହି ମଧ୍ୟ ଚାହୁଁଥିଲେ ଯେ, ଶେଷ ଦେଖା ନ ହୋଇପାରିଲେ, ସେମାନଙ୍କ ଜୀବନ ଶରୀର ଛାଡ଼ିବ ନାହିଁ। ଏମିତି ସ୍ଥଳେ ଅନେକ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ସଂକ୍ରମଣ ଭୟରୁ ମିଶିବାକୁ ଚାହୁଁ ନ ଥିଲେ। ତେବେ ସ୍ଥିତିକୁ ଲାଘବ କରିବା ପାଇଁ ବେଳେବେଳେ ଡାକ୍ତରମାନେ ସେମାନଙ୍କ ଉଦ୍ଦିଷ୍ଟ ସ୍ୱଜନ ଭାବେ ଅଭିନୟ କରୁଥାନ୍ତି। ଅବଶ୍ୟ ସେତେବେଳକୁ ରୋଗୀମାନେ କୋମା ସ୍ତରକୁ ଚାଲିଆସିଥାନ୍ତି। ତେଣୁ ଏହି ଅଭିନୟ ନିଷ୍ଫଳ ସାବ୍ୟସ୍ତ ହୁଏ।

ତେବେ ଜଣେ ଭିଆଇପି ରୋଗୀଙ୍କ ମନୋଭାବ ଅତ୍ୟନ୍ତ ବିଚିତ୍ର। ହସ୍ପିଟାଲର ସାଦା ସାଧାରଣ ଖାଦ୍ୟ ତାଙ୍କୁ ରୁଚୁ ନ ଥାଏ। ସେ ବାରମ୍ବାର ବିକଳ ଓ ବିନୀତ ଭାବେ ଅନୁରୋଧ କରୁଥାନ୍ତି ବାହାରୁ ରାଜକୀୟ ଖାଦ୍ୟ ବରାଦ କରି ତାଙ୍କୁ ଯୋଗାଇବା ସକାଶେ। ଏଥିପାଇଁ ସେ ଅତ୍ୟଧିକ ବ୍ୟୟବହନ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ। ଅବଶ୍ୟ ମନଲାଖି ସୁସ୍ୱାଦୁ ବ୍ୟଞ୍ଜନ ପାଇଁ ଏହି ଭିଆଇପି ରୋଗୀ ଜଣକ ବ୍ୟାକୁଳ ହେଉଥିବା ଦୃଷ୍ଟାନ୍ତଟି ବିରଳ ନୁହେଁ। ସାମନାରେ ମୃତ୍ୟୁ-ଦୂତର ପଦଶବ୍ଦ ଶୁଭୁଥିବାବେଳେ ସେହି ପ୍ରକାରେ ଅନ୍ୟ କେତେଜଣ ଖାଦ୍ୟ ପ୍ରତି ଆସକ୍ତିର ଚରମ ନିଦର୍ଶନ ମଧ୍ୟ ପ୍ରଦର୍ଶନ କରିଥିବା ଇତିହାସ ପୃଷ୍ଠାରୁ ସିଦ୍ଧ ହୁଏ। ମନେହୁଏ, ଏହା ଯେମିତି ଏକ ଆଦିମ ପ୍ରବୃତ୍ତି।

ଯୁକ୍ତରାଷ୍ଟ୍ରର ଟେକ୍ସାସରେ ପ୍ରଚଳିତ ଧାରା ଅନୁଯାୟୀ ଜଣେ ଫାଶୀ-ଆସାମୀକୁ ତା'ର ଶେଷ ଭୋଜନ ପାଇଁ ଆଇଟମ୍ ଜଣାଇବା ସୁଯୋଗ ଦିଆଯାଉଥିଲା। ଏହି ଅବସରରେ ଜଣେ ବନ୍ଦୀ ଖାଇବା ପାଇଁ ଚିକେନ ଫିସ୍, ଆମଲେଟ୍, ବାରବିକ୍ୟୁ, ପିଜା, ଆଇସ୍‌କ୍ରିମ୍, କୋଲ୍ଡ ଡ୍ରିଙ୍କ୍ସ ଇତ୍ୟାଦି ବରାଦ ଦେଇଥିଲେ। ଅବଶ୍ୟ ଟେକ୍ସାସ୍‌ର ଷ୍ଟେଟ ଡିପାର୍ଟମେଣ୍ଟ ତାଙ୍କ ଶେଷ ଇଚ୍ଛା ପୂରଣ କଲେ। କିନ୍ତୁ ଗୋଟିଏ ବଡ଼ ଥାଳିରେ ଅଭିଳଷିତ ଖାଦ୍ୟ ସାମଗ୍ରୀ ଯୋଗାଇବା ପରେ ସେ ଏହା ଗ୍ରହଣ କରି ନ ଥିଲେ। ଅନ୍ୟ ଏକ ଘଟଣାରେ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ବ୍ୟକ୍ତି ଫାଶୀଦଣ୍ଡ ପାଇବା ଆଗରୁ ଫ୍ରାନ୍ସରେ ଜନପ୍ରିୟ ପାରାମାଂସର ବ୍ୟଞ୍ଜନ, ପିଜିଅନ ପାଇ ପିଠା ଓ ଚିକେନର ଦୁଇଟି ଥାଳି ଚାହିଁଥିଲେ। ସେ ହେଉଛନ୍ତି ଆର୍କନସାରେ ୧୯୯୨ରେ ଫାଶୀଦଣ୍ଡ ପାଇଥିବା ଆସାମୀ ରିକ୍‌ରେ ରେକ୍ଟର। କିନ୍ତୁ ସେ ନିଜ ମସ୍ତକ ଉପରେ ଗୁଳିଚାଳନା ଦ୍ୱାରା ଆତ୍ମହତ୍ୟା କରିଥିଲେ। ସେ ଯାହାହେଉ, ଏହିସବୁ ଉଦାହରଣରୁ ପ୍ରତୀତ ହୁଏ ଯେ, କୋଭିଡ୍ ହେଉ ବା ନ ହେଉ, ଏମିତି ଲୋକ ଅଛନ୍ତି, ଯେଉଁମାନେ ମୃତ୍ୟୁର ଜରୁରୀ ଆହ୍ୱାନ ସତ୍ତ୍ୱେ ପେଟପୂରା ଭୋଜନ ପାଇଁ ଉଦ୍‌ଗ୍ରୀବ।

ପ୍ରଥମ ଲହରବେଳେ ହାଇଦ୍ରାବାଦସ୍ଥିତ ଗାନ୍ଧୀ ହସ୍ପିଟାଲଟି, ତେଲଙ୍ଗାନାର ନୋଡାଲ ହେଲ୍‌ଥ କେୟାର ସେଣ୍ଟର ଥିଲା। ସେଠାରେ ପ୍ରାୟ ଦୁଇ ହଜାର କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଡାକ୍ତରମାନଙ୍କ ଏହି ପ୍ରସଙ୍ଗରେ ଅନୁଭୂତି ବିବିଧ ଓ ବିସ୍ତୃତ। ସେମାନଙ୍କ ମତାନୁସାରେ ଅଧିକାଂଶ ମୃତକ ଅନ୍ତିମ ବିଦାୟ ପୂର୍ବରୁ ଯେଉଁ ପ୍ରକାରେ ନିଜ ମନୋଭାବ ପ୍ରକାଶ କରିଥାନ୍ତି, ତାହା ଥିଲା ମୁଖ୍ୟତଃ ଜୀବନରେ ଘଟିଥିବା ଲୁକ୍କାୟିତ ଦୋଷ ଓ ଅପରାଧର ମୁକ୍ତ ସ୍ୱୀକାରୋକ୍ତି, ନୈତିକ ସ୍ଖଳନ, ଅହଂ-କଳହରେ ନିମଗ୍ନତା, ସମ୍ପତ୍ତି ଓ ଆର୍ଥିକ କାରବାର ଜନିତ ଶଠତା, ଦାୟିତ୍ୱ ଗ୍ରହଣରେ ଖିଲାପ ଓ ଅବହେଳା; ଏପରି କି ଏହିସବୁ ପ୍ରକାର ବିଷୟମାନଙ୍କୁ କେତେକ କ୍ଷେତ୍ରରେ ଆଡ଼େଇ ରାଜକୀୟ ଖାଦ୍ୟ ଓ ପାନୀୟ ଉଦରସ୍ଥ କରିବା ପାଇଁ ଅନ୍ତିମ ଇଚ୍ଛା। ଚିକିତ୍ସକମାନଙ୍କ ପ୍ରତ୍ୟକ୍ଷ ଅନୁଭୂତିରୁ ପ୍ରକଟିତ ମୁମୂର୍ଷୁ ମଣିଷମାନଙ୍କ ଏହି ଧରଣର ବିଚିତ୍ର ଓ ଅପ୍ରତ୍ୟାଶିତ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ। ଅବଶ୍ୟ ଉକ୍ତ ରୋଗୀମାନେ ବଞ୍ଚିବାର ସମସ୍ତ ଆଶା ହରାଇଥାନ୍ତି ଏବଂ ମୃତ୍ୟୁ ଆସନ୍ନ ବୋଲି ନିଶ୍ଚିତ ହୋଇଥାନ୍ତି। ତେଣୁ ଏହି ମରଣାପନ୍ନ ବ୍ୟକ୍ତିମାନଙ୍କ ସ୍ୱଷ୍ଟୋକ୍ତିକୁ ଅଶୁଦ୍ଧ ଓ ଅସତ୍ୟ ବୋଲି ବିବେଚନା କରିବା ସମର୍ଥନଯୋଗ୍ୟ ନୁହେଁ।

ଗୋଟିଏ ବହୁ ପ୍ରଚଳିତ ଢଗ ହେଉଛି 'ହନୁ ମଲାବେଳେ ସତ କହେ।' ଅବଶ୍ୟ ପୁରାଣ ଶାସ୍ତ୍ରରେ ହନୁମାନ ଚିରଞ୍ଜୀବୀ ବୋଲି ବର୍ଣ୍ଣିତ ହୋଇଛି। ଫଳରେ ହନୁମାନଙ୍କ ମରଣ ନାହିଁ। ତେଣୁ ମୃତ୍ୟୁକାଳୀନ ମୁହୂର୍ତ୍ତରେ ତାଙ୍କ ଶ୍ରୀମୁଖରୁ ସତକଥା ଶୁଣିବା ଅଚିନ୍ତ୍ୟ। ତେବେ ଏହି ପରିପ୍ରେକ୍ଷୀରେ କୋଭିଡ୍-ୱାର୍ଡର ଉକ୍ତ ମରଣୋନ୍ମୁଖ ବ୍ୟକ୍ତିମାନଙ୍କ ଶେଷ ବାକ୍ୟରୁ ଆମେ ଯେଉଁ ସତ୍ୟର ଆଭାସ ପାଉଛେ, ତାହା ନିର୍ବିବାଦୀୟ ଓ ଗ୍ରହଣୀୟ।

ମୋ: ୯୦୭୮୭୪୩୮୪୩



# ଆନନ୍ଦ ବଜାର ଓ ମହାପ୍ରସାଦ

ଡ. ପ୍ରମୋଦ କୁମାର ପଣ୍ଡା

ପୁରୀ ଜଗନ୍ନାଥ ଧାମ ବା ପୁରୁଷୋତ୍ତମ ଧାମ ହିନ୍ଦୁମାନଙ୍କର ୪ ମୁଖ୍ୟ ଧାମ ମଧ୍ୟରୁ ଅନ୍ୟତମ। ଅନ୍ୟ ତିନୋଟି ମୁଖ୍ୟ ଧାମ ହେଲା ବଦ୍ରିକା ଧାମ, ଦ୍ୱାରକା ଧାମ ଓ ରାମେଶ୍ୱର । ଶାସ୍ତ୍ର ବିଧି ବିଶ୍ୱାସ ଅନୁସାରେ ଭଗବାନ ବିଷ୍ଣୁ ଏହି ୪ ଧାମକୁ ପ୍ରତିଦିନ ପ୍ରଦକ୍ଷିଣ କରନ୍ତି । ଭକ୍ତ, ଏହି ଚାରି ଧାମ ଦର୍ଶନରେ ଭଗବାନ ଦର୍ଶନ ଲାଭ କରନ୍ତି ଓ ମୋକ୍ଷ ପ୍ରାପ୍ତି କରିଥାନ୍ତି। ସେଥିପାଇଁ ଶଙ୍କରାଚାର୍ଯ୍ୟ ଏହି ଚାରି ଧାମରେ ୪ଟି ମଠ ସ୍ଥାପନା କରିଥିଲେ ଓ ସେଠାରେ ଅବସ୍ଥାନ ମଧ୍ୟ କରୁଥିଲେ। ବିଶ୍ୱାସ ରହିଛି ଯେ ଭଗବାନ ବିଷ୍ଣୁ ବଦ୍ରିକା ଧାମରେ ଶଯ୍ୟା ତ୍ୟାଗ କରନ୍ତି, ଦ୍ୱାରକା ଧାମରେ ସ୍ନାନ କରନ୍ତି, ପୁରୁଷୋତ୍ତମ ଧାମରେ ଭୋଜନ କରନ୍ତି ଓ ରାମେଶ୍ୱରମ୍‌ରେ ଶୟନ କରିଥାନ୍ତି। ଜଗନ୍ନାଥ ଧାମରେ ଭଗବାନ ବିଷ୍ଣୁ ଭୋଜନ କରନ୍ତି ବୋଲି ଏଠାରେ ପ୍ରତିଦିନ ୫୬ ଭୋଗ ରନ୍ଧାଯାଏ ଓ ଭଗବାନଙ୍କୁ ଅର୍ପଣ କରାଯିବାର ବିଧି ରହିଛି; ଯାହା କି ଭାରତ ବର୍ଷର ଅନ୍ୟ କୌଣସି ମନ୍ଦିରରେ ଦେଖିବାକୁ ମିଳେ ନାହିଁ। ପ୍ରତାପରୁଦ୍ରଦେବଙ୍କ ସମୟରେ ବର୍ଷ ସାରା ୪୩୬ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନର ଅର୍ପଣ ବିଧି ଥିଲା ବୋଲି ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି, ମାତ୍ର ବିଗତ ୫୦୦ ବର୍ଷରେ ଏହା କ୍ରମଶଃ ହ୍ରାସ ପାଇ ବର୍ତ୍ତମାନରେ ମାତ୍ର ୧୫୨ପ୍ରକାରକୁ ଖସି ଆସିଛି। ଭାରତବର୍ଷର ଅନେକ ସୁସ୍ୱାଦୁ ବ୍ୟଞ୍ଜନର ଉତ୍ପତ୍ତି ଏହି ଜଗନ୍ନାଥ ମନ୍ଦିରରୁ ହୋଇଛି। ଯେପରି କି ରସଗୋଲା, ଚାଉଳ ଖିରି, ପୁରୀ ଖଜା ଇତ୍ୟାଦି ଅନ୍ୟତମ। ପୁରୀରେ ଏତେ ପ୍ରକାରର ବ୍ୟଞ୍ଜନ ମହଜୁଦ ଥିବାର ପ୍ରମାଣ ହେଉଛି, ବ୍ୟଞ୍ଜନ ଦ୍ୱାଦଶୀରେ କେତେଗୁଡ଼ିକ ମଠରେ ଏବେ ବି ୬୦୦ରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ ପ୍ରସ୍ତୁତ ହୋଇ ଭୋଗ କରାଯାଉଛି। ସମଗ୍ର ଦେଶର ବିଭିନ୍ନ ମନ୍ଦିରରେ ଭଗବାନଙ୍କୁ ଅର୍ପଣ ହେଉଥିବା ଭୋଗକୁ ପ୍ରସାଦ କୁହାଯାଉଥିବା ବେଳେ ପୁରୀରେ ଏହାକୁ ମହାପ୍ରସାଦ କୁହାଯାଏ। କାରଣ ବିଶ୍ୱାସ ଅନୁଯାୟୀ ସ୍ୱୟଂଭଗବାନ ଏହାକୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ମହାପ୍ରସାଦ ବିତରଣ ହେଉଥିବା ସ୍ଥାନର ନାମ ଆନନ୍ଦ ବଜାର।

ମହାପ୍ରସାଦର ପ୍ରସ୍ତୁତିରେ ମଧ୍ୟ ଅନେକ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଭକ୍ତମାନଙ୍କର ସର୍ବଦା ଏକ ସ୍ୱତନ୍ତ୍ର ଧ୍ୟାନ ରହିଥାଏ ମହାପ୍ରସାଦ ଉପରେ। ପୃଥିବୀର ସବୁଠୁ ପବିତ୍ର ବସ୍ତୁ ବୋଲି ଏହାକୁ ଗ୍ରହଣ କରାଯାଏ। ଭକ୍ତମାନେ ମନ ଖୁସିରେ ଆନନ୍ଦ ବଜାରରେ ଏହାକୁ ସେବନ କରନ୍ତି ଓ ପ୍ରିୟଜନଙ୍କ ପାଇଁ ଘରକୁ ନେଇଥାନ୍ତି କେଉଁ ଆଦିମ କାଳରୁ। ଜନ୍ମ, ମୃତ୍ୟୁ, ବିବାହ, ବ୍ରତ ସବୁଠି ମହାପ୍ରସାଦ ସେବନ ଦ୍ୱାରା ଭକ୍ତମାନେ ପବିତ୍ରତା ଅନୁଭବ କରନ୍ତି। ପାଠକ ବନ୍ଧୁ ! ଆଜି ସମୟ ବଦଳିଛି ? ପରିଷ୍କାରର ସଂଜ୍ଞା ମଧ୍ୟ ବଦଳି ଯାଇଛି। ପରିଷ୍କାର ପରିଚ୍ଛନ୍ନତାରେ କେତେକ ପୀଠ ଯଥା ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଓ ବ୍ୟକ୍ତିଗତ ମାଲିକାନାରେ ଥିବା ବୃନ୍ଦାବନ ପ୍ରେମ ମନ୍ଦିର ଇତ୍ୟାଦି ଭକ୍ତଙ୍କର ଦୃଷ୍ଟି ଆକର୍ଷିତ କରୁଛନ୍ତି। ବର୍ତ୍ତମାନର ଆନନ୍ଦ ବଜାରର ଅସ୍ୱାସ୍ଥ୍ୟକର ପରିବେଶ ବାହାର ରାଜ୍ୟର ଭକ୍ତଙ୍କ ମନରେ କ'ଣ ଆମ ରାଜ୍ୟର ଭକ୍ତଙ୍କ ମନରେ ବି ଅନେକ ସମୟରେ ନାନା ଶଙ୍କା ଉତ୍ପନ୍ନ କରୁଛି। ମହାପ୍ରସାଦ ପ୍ରସ୍ତୁତି ପାଇଁ ନିମ୍ନ ମାନର ଚାଉଳ କିମ୍ବା ଡାଲି ଯୋଗାଣ କଥା ଗଣମାଧ୍ୟମରେ ଅନେକ ଥର ଚର୍ଚ୍ଚା ହୋଇଛି। ଏହି ପରିପ୍ରେକ୍ଷୀରେ ଆନନ୍ଦ ବଜାର ସଂସ୍କାର ଅତ୍ୟନ୍ତ ଆବଶ୍ୟକ; ଯଦ୍ଦ୍ୱାରା ଏକ ସୁସ୍ଥ ପରିବେଶରେ ସୁସ୍ୱାଦୁ ମହାପ୍ରସାଦ ପରିବେଷଣ କରାଯାଇପାରିବ। ଆମେ ବିଶ୍ୱବାସୀଙ୍କୁ ଦେଖାଇଦେଇ ପାରିବା ଯେ ପୃଥିବୀର ପବିତ୍ରତମ ପଦାର୍ଥ ମହାପ୍ରସାଦକୁ ଏକ ସୁନ୍ଦର, ପରିଷ୍କାର ଓ ମନୋରମ ପରିବେଶରେ ସାତ୍ତ୍ୱିକ ଭାବନାରେ ପରିବେଷଣ କରିବାରେ ଓଡ଼ିଆମାନେ ସର୍ବଦା ଆଗରେ ଅଛନ୍ତି।

ଆମର ଦୃଢ଼ ଇଚ୍ଛାଶକ୍ତି ରହିଲେ କୌଣସି କାର୍ଯ୍ୟ ଅସମ୍ଭବ ରହିବ ନାହିଁ। ଆସନ୍ତୁ କିପରି ଏହା କାହାର ସ୍ୱାର୍ଥହାନି ନ କରି ସାଧନ ହୋଇପାରିବ ସେ ବିଷୟରେ ଆଲୋଚନା କରିବା। ପ୍ରଥମତଃ ଆନନ୍ଦ ବଜାରରେ ଯେତେଜଣ ଅଂଶୀଦାର ଅଛନ୍ତି (ମହାପ୍ରସାଦ ଯୋଗାଣ, ବିକ୍ରୟ ଓ ଭୋଜନ ବ୍ୟବସ୍ଥା) ସମସ୍ତଙ୍କର ଆୟୁକୁ ସୁରକ୍ଷା ଦେବା ଆବଶ୍ୟକ। ମହାପ୍ରସାଦ ସେବନ ଓ ବିତରଣ କେନ୍ଦ୍ରୀଭୂତ (centralized) ସିଷ୍ଟମରେ ହେବା ଆବଶ୍ୟକ। ସମସ୍ତ ଅଂଶୀଦାର ସେଠାରେ ବିଭିନ୍ନ କାର୍ଯ୍ୟ କରିବା ଦରକାର ଓ କିଛିଦିନ ପରେ ସେମାନଙ୍କର କାର୍ଯ୍ୟ ରୋଟେସନ ମାଧ୍ୟମରେ ପରିବର୍ତ୍ତିତ ହେବା ଆବଶ୍ୟକ। ପ୍ରସାଦ ବିକ୍ରିରୁ ଉପଲବ୍ଧ ଅର୍ଥ ସେମାନଙ୍କ ମଧ୍ୟରେ ପ୍ରାପ୍ୟ ଅନୁସାରେ ବଣ୍ଟା ହେବା ଦରକାର। ତା' ଛଡା କୌଣସି ଏକ ଦିନରେ ମହାପ୍ରସାଦ ବିକ୍ରି ନ ହୋଇ ବଳି ପଡ଼ିଲେ, ତାକୁ ନଷ୍ଟ କରିଦେବା ଆବଶ୍ୟକ କିମ୍ବା ତା'ର ବିକଳ୍ପ ବିନିଯୋଗ କରାଯିବା ଆବଶ୍ୟକ। ମହାପ୍ରସାଦ ବିତରଣ ଦୁଇଟି ବିଭାଗରେ କରାଯିବା ଉଚିତ। ପ୍ରଥମଟି ହେଲା ପାର୍ସଲ ବିଭାଗ ଓ ଦ୍ୱିତୀୟଟି ହେଲା ଭୋଜନ ବିଭାଗ। ଭୋଜନ ବିଭାଗରେ ପରିଷ୍କାର ଚଟାଣ ଉପରେ ଗାଲିଚା ବିଛା ହେବା ଆବଶ୍ୟକ। କଦଳୀ ପତ୍ରରେ ମହାପ୍ରସାଦ ପରଷା ଯାଇପାରିବ। ଆମେ ମହାପ୍ରସାଦକୁ ଛୋଟ ଛୋଟ ମାଟି କୁଡୁଆରେ ପରଷି ପାରିଲେ ଭକ୍ତମାନଙ୍କ ମନରେ ଏକ ନୂତନ ଅନୁଭବ ସୃଷ୍ଟି ହେବ। ମାଟି କୁଡୁଆର ଆବଶ୍ୟକତା ବଢ଼ିବ ଓ ଆମ କୁମ୍ଭକାରଙ୍କ ରୋଜଗାର ମଧ୍ୟ ବଢ଼ିବ। ତା' ସହିତ ଭକ୍ତମାନଙ୍କୁ ତମ୍ବା ଗ୍ଲାସରେ ପାଣି ଦିଆଯିବା ଦରକାର। ଭକ୍ତମାନେ କାଉଣ୍ଟରରୁ ଟିକେଟ କାଟି ଆସିବେ, ତଦନୁସାରେ ତାଙ୍କୁ ପ୍ରସାଦ ମିଳିବ ଆରାମରେ ବସି ଖାଇବା ପାଇଁ। ଏକା ସଙ୍ଗେ ଶହ ଶହ ଭକ୍ତ ବସି ମହାପ୍ରସାଦ ଖାଇପାରିବେ। ଏକ ପରିଷ୍କାର ପରିବେଶରେ ସୁସ୍ୱାଦୁ ମହାପ୍ରସାଦ ଖାଇ ବାସ୍ତବରେ ସେମାନେ ଆନନ୍ଦ ଅନୁଭବ କରିପାରିବେ। ଖାଇ ସାରିବା ପରେ ସେମାନେ ପାର୍ସଲ ବିଭାଗରୁ ମହାପ୍ରସାଦ ନେଇ ଘରକୁ ଫେରିବେ। ଏପ୍ରକାର ବ୍ୟବସ୍ଥା ଆମ ମହାପ୍ରସାଦ ବିତରଣକୁ ଆହୁରି ପାରଦର୍ଶୀ କରିବ ଓ ବିଶ୍ୱରେ ଏହାର ମହତ୍ତ୍ୱ ବଢ଼ାଇବ।

ଅତୀତରେ ଓଡ଼ିଆ ଜାତି ବହୁ ବଡ଼ ବଡ଼ ସ୍ୱପ୍ନ ଦେଖିଛି ଓ ସେଗୁଡ଼ିକୁ ସାକାର ମଧ୍ୟ କରିଛି। ଯେପରି କି ବଡ଼ ଦେଉଳ, ବଡ଼ ରଥ, ବଡ଼ ଦାଣ୍ଡ, ବଡ଼ ପରମ୍ପରା ଇତ୍ୟାଦି, ଇତ୍ୟାଦି। ସମସ୍ତେ ମିଶି ଏକ ସ୍ୱଚ୍ଛ ପରିବେଶରେ ସୁସ୍ୱାଦୁ ମହାପ୍ରସାଦ ପରିବେଷଣ ପାଇଁ ପଦକ୍ଷେପ ନେଲେ, ଜଗନ୍ନାଥ ସଂସ୍କୃତି ପ୍ରତି ଏହା ବର୍ତ୍ତମାନ ପିଢ଼ିର ଏକ ଶ୍ରେଷ୍ଠ ଅବଦାନ ହୋଇପାରିବ। ଆମ ଦେଶରେ ମଧ୍ୟ ବିଭିନ୍ନ ମଠ ମନ୍ଦିରରେ ପରିଷ୍କାର ପରିବେଶରେ ଏକାବେଳେ ଶହ ଶହ ଭକ୍ତ ପ୍ରସାଦ ଖାଇବାର ବ୍ୟବସ୍ଥା ରହିଛି। ମୋର ପ୍ରସ୍ତାବ ଏକମାତ୍ର ବିକଳ୍ପ ନୁହେଁ। ମାନସ ମନ୍ଥନ କଲେ ଆହୁରି ଅନେକ ସୁନ୍ଦର ବିକଳ୍ପ ବାହାରିପାରିବ। ସମସ୍ତେ ଏଦିଗରେ ଧ୍ୟାନ ଦେବା ଆବଶ୍ୟକ।

ମୈତ୍ରୀବିହାର, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

କୋଭିଡ୍ ମହାମାରୀରେ ଚାକିରି ହରାଇ ସେବାକୁ ବ୍ରତ ଭାବେ ଗ୍ରହଣ କରିଛନ୍ତି ପୁଣେର ଅନିତା ଗୋସାଭି। ସେ ପୁଣେ, ନାସିକ ଏବଂ ଲାଟୁର ଅଞ୍ଚଳରେ ଆମ୍ବୁଲାନ୍ସ ସେବା ଆରମ୍ଭ କରି କୋଭିଡ୍ ପୀଡ଼ିତଙ୍କୁ ହସ୍ପିଟାଲ ନେବା ଆଣିବା କରୁଛନ୍ତି। ୪୧ ବର୍ଷୀୟା ଅନିତା ଏକ ସ୍କୁଲ ବସ୍‌ରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। କୋଭିଡ୍-୧୯ ଯୋଗୁ ଚାକିରି ହରାଇବା ପରେ ଏଭଳି ସେବା ଯୋଗାଇ ଦେବା ପାଇଁ ସେ ନିଷ୍ପତ୍ତି ନେଇଥିଲେ। ଦିନ ରାତି ଯେତେବେଳେ ଯିଏ ଖୋଜିଲେ ନିଜେ ଆମ୍ବୁଲାନ୍ସ ଚଲାଇ ସେଠାରେ ପହଞ୍ଚି ଯାଉଛନ୍ତି। ଏବେ ସୁଦ୍ଧା ଅନିତା ୬୦ ଜଣ କୋଭିଡ୍ ପୀଡ଼ିତଙ୍କୁ ହସ୍ପିଟାଲ ନେବା ଆଣିବା କରିବା ସହ ୧୬୦ ମୃତଦେହ ଶ୍ମଶାନକୁ ନେଇ ସାରିଲେଣି। କେବଳ ଏତିକି ନୁହେଁ ଯେଉଁ ମୃତଦେହକୁ ପରିବାର ଲୋକେ ଛାଡି ଚାଲିଯାଆନ୍ତି ସେ ତାହାର ଦାହ କରୁଛନ୍ତି। ଏମିତି କି ଅନେକ କ୍ଷେତ୍ରରେ ରାତିରେ ସେ ଶ୍ମଶାନରେ ରହି ଉକ୍ତ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆମ୍ବୁଲାନ୍ସ ସେବା ସେ ୨୦୨୦ ସେପ୍ଟେମ୍ବରରୁ ଆରମ୍ଭ କରିଥିଲେ। ପରିବାରେ ଚଳାଇବା ଦାୟିତ୍ୱ ତାଙ୍କ ଉପରେ ଥିଲେ ମଧ୍ୟ ସେ କେବେ ବି କୋଭିଡ୍ ପୀଡ଼ିତଙ୍କୁ ନେବା ଆଣିବାରେ ହେଳା କରିନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁଲାଇ ୧୯୯୬**

- ବୋରିସ୍ ୟେଲଟ୍‌ସିନ ରୁଷିଆର ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ।
- ଏଲ୍‌ଟିଟିଇ ଆତ୍ମଘାତୀ ବାହିନୀର ମାନବ ବୋମା ବିସ୍ଫୋରଣରେ ସୈନ୍ୟବାହିନୀର ଜଣେ ବ୍ରିଗେଡିୟରଙ୍କ ସମେତ ୨୧ ନିହତ।
- ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଏବଂ ବିଜେପି ନେତା ଯଜ୍ଞଦତ୍ତ ଶର୍ମାଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ଦୃଷ୍ଟିପଡୁ

ମହାଶୟ,

ରାଜ୍ୟ ସରକାର ଖବରଦାତାମାନଙ୍କୁ ସମ୍ମୁଖ କୋଭିଡ୍ ଯୋଦ୍ଧା ଭାବେ ମାନ୍ୟତା ଦେଲେ, ଯାହା ଅତି ପ୍ରଶଂସନୀୟ। ସରକାରୀ ବିଦ୍ୟାଳୟଗୁଡ଼ିକର ଅଧିକାଂଶ ଶିକ୍ଷକ ବର୍ତ୍ତମାନ କୋଭିଡ୍ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ସେମାନେ ପରିବାରକୁ ଭୁଲି ନିଜକୁ କୋଭିଡ୍ କାର୍ଯ୍ୟରେ ସମର୍ପିତ କରୁଛନ୍ତି। ସେଥିପାଇଁ ଆମେ ସମସ୍ତେ ସେମାନଙ୍କ ନିକଟରେ ଚିରକୃତଜ୍ଞ। ରାଜ୍ୟ ସରକାର ସେମାନଙ୍କୁ ମଧ୍ୟ କୋଭିଡ୍ ଯୋଦ୍ଧା ଭାବେ ମାନ୍ୟତା ଦେବା ଉଚିତ । କରୋନାରେ କାର୍ଯ୍ୟରତ ଥିବା ବେଳେ କେତେ ଜଣ ଶିକ୍ଷକଙ୍କର ମୃତ୍ୟୁ ଘଟିସାରିଛି । ସରକାର ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଆବଶ୍ୟକ କ୍ଷତିପୂରଣ ମିଳିବାର ବ୍ୟବସ୍ଥା କରନ୍ତୁ। ଯାହା ଜଞ୍ଜାଳ ମଧ୍ୟରେ ସେମାନଙ୍କ ନିମନ୍ତେ ଏକ ପ୍ରକାର ଆଶ୍ୱସ୍ତି ହେବ । ରାଜ୍ୟ ସରକାର ଏହିସବୁ ଦିଗପ୍ରତି ଦୃଷ୍ଟି ଦିଅନ୍ତୁ।

-ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଓମ୍ ପ୍ରକାଶ ମିଶ୍ର ପାଇଲେ ଜାତୀୟ ଆଇସିଟି ଶିକ୍ଷକ ପୁରସ୍କାର



**ଜୟପୁର ୪।୭( ନି.ପ୍ର.):** ରାଜ୍ୟର ପ୍ରଥମ ଶିକ୍ଷକ ଭାବେ ଜୟପୁର ସରକାରି ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ ପ୍ରକାଶ ମିଶ୍ର ଭାରତ ସରକାରଙ୍କ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ଶିକ୍ଷକ ପୁରସ୍କାର ପାଇଛନ୍ତି। ଆଇସିଟି କ୍ଷେତ୍ରରେ ତାଙ୍କର ଅବଦାନକୁ ବିଚାର କରି ମିଶ୍ରଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବିଜ୍ଞାନ ଓ ଗଣିତର କଠିନ ପ୍ରସଙ୍ଗଗୁଡ଼ିକୁ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସରଳ ଭାବରେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏହି ପୁରସ୍କାର ପାଇଁ ଗତବର୍ଷ ଅନ୍‌ଲାଇନରେ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଆବେଦନକାରୀଙ୍କ ମଧ୍ୟରୁ ୬ ଜଣ ଶିକ୍ଷକଙ୍କୁ ଜାତୀୟ ସ୍ତରର ପ୍ରତିଯୋଗିତାକୁ ସୁପାରିଶ କରିଥିଲା । ସମଗ୍ର ଦେଶରୁ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ୨୦୪ ଜଣ ଶିକ୍ଷକ ଚୂଡ଼ାନ୍ତ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ଶେଷ ପର୍ଯ୍ୟାୟରେ ସମଗ୍ର ଦେଶରୁ ମାତ୍ର ୨୫ ଶିକ୍ଷକଙ୍କୁ ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ସୂଚନାଯୋଗ୍ୟ, ଶିକ୍ଷକ ମିଶ୍ର ପୂର୍ବରୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଥିଲେ।

### ହାର୍ଡକୋର ମାଓବାଦୀ ପୁନେମ୍‌ଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୪।୭(ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଜଣେ ହାର୍ଡକୋର ମାଓବାଦୀ ରବିବାର ବସ୍ତର ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ମାଓବାଦୀଙ୍କ କାଙ୍ଗେର ଭ୍ୟାଲି ଏରିଆ କମିଟିର ସଚିବ ପୁନେମ୍ ରାଜେଶ। ପୁନେମ୍‌ଙ୍କ ନାମରେ ୩ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଦୀର୍ଘ ବର୍ଷ ଧରି ସେ ମାଓବାଦୀ ସଙ୍ଗଠନରେ ରହି ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିଲେ।

### ବଜ୍ରପାତରେ ୨ ମୃତ

**ନିଶ୍ଚିନ୍ତକୋଇଲି/ସଇଁତଳା, ୪।୭(ସ୍ୱ.ପ୍ର./ ଡି.ଏନ୍.ଏ.):** ବଲାଙ୍ଗୀର ଓ କଟକ ଜିଲାରେ ରବିବାର ବଜ୍ରପାତ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବେଲଗାଁ ପଞ୍ଚାୟତ ପିପୃଟ କୁସମମୁଣ୍ଡା ଗାଁର ଚାଷୀ ଧନୁ ରଣା (୪୫)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ସକାଳେ ଜମିରେ ହଳ କରୁଥିବାବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ସେଠାରେ ପଡ଼ିଯାଇଥିଲେ। ପାଖ ଜମିରେ କାମ କରୁଥିବା ଅନ୍ୟ ଚାଷୀମାନେ ତାଙ୍କୁ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଧନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ବଳିପଡ଼ିଆ ଗ୍ରାମରେ ସନ୍ଧ୍ୟାରେ ବଜ୍ରପାତ ଘଟି ନରେନ୍ଦ୍ର ଜେନା(୩୮) ମୃତ୍ୟୁ ଘଟିଥିବାବେଳେ ଅରିଲୋ ଗ୍ରାମର କୃଷ୍ଣପ୍ରସାଦ ରାଉତ ଗୁରୁତର ହୋଇଛନ୍ତି। ବର୍ଷା ହେଉଥିବାବେଳେ ଉଭୟେ ବାଲିପଡ଼ିଆ ବଜାରର ଏକ ଘର ବାହାରେ ଛିଡ଼ା ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନରେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଥିବା କୃଷ୍ଣପ୍ରସାଦଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ଚର୍ଚ୍ଚରେ ଫାଦରଙ୍କ ଆତ୍ମହତ୍ୟା

**ଗୋପାଳପୁର,୪।୭:** ଗଞ୍ଜାମ ଜିଲା ଗୋପାଳପୁର ହିଲ୍‌ଟପ ରୋଡରେ ଥିବା ସେଣ୍ଟ ଭିନ୍‌ସେଣ୍ଟ ଚର୍ଚ୍ଚର ଫାଦର ପ୍ରଦୀପ ସରେନ(୩୦) ଆତ୍ମହତ୍ୟା କରିଛନ୍ତି। ରବିବାର ଗୋପାଳପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ଏ ନେଇ ନଂ.୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସୁନ୍ଦରଗଡ଼ର ପ୍ରଦୀପ ଗତ ଦେଢ଼ ବର୍ଷ ହେଲା ଉକ୍ତ ଚର୍ଚ୍ଚରେ କ୍ୟାଥୋଲିକ୍ ଫାଦର ରୂପେ କାର୍ଯ୍ୟ କରୁଥିଲେ। କୌଣସି ବିଷୟକୁ ନେଇ ବିଭିନ୍ନ ସମୟରେ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ଶନିବାର ରାତିରେ ଖାଇ ସାରି ଶୋଇବାକୁ ଯାଇଥିଲେ। ରବିବାର ସକାଳେ କବାଟ ନ ଖୋଲିବାରୁ ସେଠାରେ ଥିବା ଅନ୍ୟ ଫାଦରମାନେ ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରେ ପଶିଥିଲା। ପ୍ରଦୀପ ଗାଧୁଆ ଘର ଭିତରେ ଏକ କତା ରଶି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା।

# ଓଡ଼ିଶା ଭିତରକୁ ପଶିଲା ଛତିଶଗଡ଼

**ମାଲକାନଗିରି, ୪।୭(ଡି.ଏନ.ଏ.)**

- ଓଡ଼ିଶାର ରାଜସ୍ୱ ଗ୍ରାମ ପର୍ଯ୍ୟନ୍ତ କଳା ପିଚୁ ରାସ୍ତା
- ଦୀର୍ଘ ବର୍ଷ ଧରି ସଫା ହୋଇନି ଉଭୟ ରାଜ୍ୟର ସୀମା ଲାଇନ୍
- ଓଡ଼ିଶାର ଆକରପାଲି ପର୍ଯ୍ୟନ୍ତ ରାସ୍ତା କରିଛି ଛତିଶଗଡ଼

ଓଡ଼ିଶାର ସୀମାନ୍ତ ଅଞ୍ଚଳ ଉପରେ ପଡ଼ୋଶୀ ରାଜ୍ୟଗୁଡ଼ିକର ନଜର ପଡ଼ିଛି। କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ କୋଟିଆ ଉପରେ ଆନ୍ଧ୍ର ପ୍ରଦେଶ ଦୃଷ୍ଟି ପକାଇଥିବା ବେଳେ ମାଲକାନଗିରି ଜିଲା ସୀମାନ୍ତ ଉପରେ ଛତିଶଗଡ଼ର ଆଖି ପଡ଼ିଛି। ସଦର ବ୍ଲକ୍ ମଟାପାକା ପଞ୍ଚାୟତ ଆକରପାଲି ଗ୍ରାମକୁ କବ୍‌ଜାକୁ ନେଇଛି ଛତିଶଗଡ଼।

ଟିଟିବିରି-ମତାପାକା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଆକରପାଲି ରାଜସ୍ୱ ଗ୍ରାମ ରହିଛି। ଏହି ଗ୍ରାମଠାରୁ ୧ କି.ମି. ଦୂରରେ ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲା ଅବସ୍ଥିତ। ଆକରପାଲିରୁ ସୁକୁମା ଯିବା ରାସ୍ତାରେ ୧ କି.ମି. ପରେ ପଡୁଥିବା ମାଙ୍ଗିପାଲି ଦାରବା ଗ୍ରାମ ଛତିଶଗଡ଼ର। ସେହି ଗ୍ରାମକୁ ଲାଗି ଛତିଶଗଡ଼ ଓ ଓଡ଼ିଶା ସୀମା ଚିହ୍ନଟ ହୋଇଛି। ସେହି ସୀମା ଲାଇନରେ ଏବେ ମଧ୍ୟ ପଥର ଖୁଣ୍ଟି ଅଛି। ମାଙ୍ଗିପାଲି ଦାରବା ଗ୍ରାମର ରାମା କୁରାମି (୯୦) କହନ୍ତି, ତାଙ୍କ ପିଲାବେଳୁ ଗାଁକୁ ଲାଗି ଏହି ସୀମା ଲାଇନ ରହିଥିବା ସେ ଦେଖି ଆସୁଛନ୍ତି। ଛତିଶଗଡ଼ ସୀମା ଡେଇଁ ଓଡ଼ିଶାର ଆକରପାଲି ପର୍ଯ୍ୟନ୍ତ ରାସ୍ତା କରିଛି।

ଏ ସମ୍ପର୍କରେ ମାଟା ପାକା ସରପଞ୍ଚ ବିନାୟକ ମାଡ଼କାମି, ଆକରପାଲି ଗ୍ରାମ ମୁଖିଆ ଦୁଲା ମାଡକାମି, ୱାର୍ଡମେମ୍ବର ଆଇତା ପଡ଼ିଆମି ପ୍ରମୁଖ କହିଛନ୍ତି, ଆମ ଅଞ୍ଚଳର ରାସ୍ତା ଅତି ଖରାପ ଅଛି। ଆମକୁ ଛତିଶଗଡ଼ର ସୁକୁମା ପାଖ ହେଉଥିବାରୁ ଆମେ ସେହି ବଜାର ଉପରେ ନିର୍ଭର କରୁଛୁ। ଆମର ଦ୍ରବ୍ୟ ବିକ୍ରି କରି ଓ ଆବଶ୍ୟକୀୟ ଜିନିଷ ଖରିଦ କରି ସୁକୁମାରୁ ଆଣୁଛୁ। ଛତିଶଗଡ଼ ପଶି ଆସିଥିବା ୧ କି.ମି. ଓଡ଼ିଶାର ଆକରପାଲି ଅଞ୍ଚଳର। ଏଠାରେ ଥିବା ଜଙ୍ଗଲ, ଜଙ୍ଗଲଜମି ଏବଂ ପଟ୍ଟା ଚାଷଜମି ଆଦି ଆମର ରହିଛି।



ମାଙ୍ଗିପାଲି ଦାରବା ଗ୍ରାମର ବୟସ୍କ ବ୍ୟକ୍ତି ରାମା କୁରାମ ନିଜେ ଛିଡା ହୋଇଥିବା ସ୍ଥାନଠାରୁ ଓଡ଼ିଶା ସୀମା ଆରମ୍ଭ ହୋଇଥିବା ସୂଚନା ଦେଉଛନ୍ତି।

ଏନେଇ ମାଲକାନଗିରି ତହସିଲଦାର ଗୁଣନିଧି ନାୟକଙ୍କୁ ପଚାରିବାରୁ, କୌଣସି ଗ୍ରାମବାସୀ ଘଟଣା ସମ୍ପର୍କରେ ମୋ ଦୃଷ୍ଟିକୁ ଆଣିନାହାନ୍ତି। ତେବେ ସୋମବାର ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି। ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନଙ୍କୁ ପଚାରିବାରୁ, ସୂଚନା ପାଇ ଗତ ସପ୍ତାହରେ ମୁଁ ଘଟଣାସ୍ଥଳକୁ ଯାଇଥିଲି। ଏନେଇ ପିଡି ଡିଆର୍‌ଡିଏଙ୍କୁ ଏକ ରିପୋର୍ଟ ଦିଆଯିବ। ରାଜସ୍ୱ ବିଭାଗ ଘଟଣା ସ୍ଥଳକୁ ଯାଇ ସୀମା ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବ ବୋଲି ପ୍ରଧାନ କହିଛନ୍ତି।

## ବର୍ଷକରେ ୧୬୦ ମାଓବାଦୀଙ୍କ ମୃତ୍ୟୁ: ମାଓବାଦୀ କେନ୍ଦ୍ରୀୟ କମିଟି

**ମାଲକାନଗିରି, ୪।୭ (ଡି.ଏନ.ଏ.)**

**୨୮ରୁ ୩ ଅଗଷ୍ଟ ପର୍ଯ୍ୟନ୍ତ ଶହୀଦ ସପ୍ତାହ**

ବର୍ଷେ ମଧ୍ୟରେ ୧୬୦ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ବିଭିନ୍ନ ସମୟରେ ଗୁଳି ବିନିମୟ, ଦୁର୍ଘଟଣା ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଏହି ମୃତ୍ୟୁ ହୋଇଛି। ଏନେଇ ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ପକ୍ଷରୁ ରବିବାର ଜାରି ୧୬ ପୃଷ୍ଠାର ପ୍ରେସ୍ ନୋଟ୍‌ରେ ସ୍ପଷ୍ଟ କରାଯାଇଛି। ସବୁଠାରୁ ଅଧିକ ଦଣ୍ଡକାରଣ୍ୟର ୧୦୧ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏଥିସମେତ ବିହାର ଝାଡଖଣ୍ଡର ସୀମାନ୍ତରେ ୧୧, ଓଡ଼ିଶାରେ ୧୪, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼ ସୀମାନ୍ତରେ ୮, ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ୧୧, ତେଲଙ୍ଗାନାରେ ୧୪ ଓ ପଶ୍ଚିମଘାଟିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଏଥିରେ ଉଲ୍ଲେଖ ରହିଛି। ତେବେ ଏହି ଗୋଟିଏ ବର୍ଷରେ ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୩୦ ଜଣ ମହିଳା ମାଓବାଦୀ ରହିଛନ୍ତି। ଦୁର୍ଘଟଣାରେ ୫ ଜଣ ମାଓବାଦୀ ଓ ରୋଗଗ୍ରସ୍ତ ହୋଇ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରିବାକୁ ଏହି ପ୍ରେସ୍ ନୋଟ୍‌ରେ ମଧ୍ୟ ଉଲ୍ଲେଖ କରିଛନ୍ତି।

## ବଳାତ୍କାର ଅଭିଯୋଗରେ ବନପାଳ ଗିରଫ

**ମାଲକାନଗିରି, ୪।୭(ଡି.ଏନ.ଏ.)**

ମାଲକାନଗିରି ବନପାଳ ମୁରଲୀଧର ଅନୁଗୁଳିଆ ଓର୍କେଲ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ଯୁବତୀ(୨୬)ଙ୍କୁ ବଳାତ୍କାର କରିବା ଅଭିଯୋଗରେ ରବିବାର ଗିରଫ ହୋଇଛନ୍ତି। ଏହି ଯୁବତୀଙ୍କ ସହ ମୁରଲୀଙ୍କ ପୂର୍ବରୁ ପରିଚିତ ଥିଲେ। ଏପ୍ରିଲ୍ ୫ରେ ବନପାଳଙ୍କ ବାସଭବନକୁ ଯୁବତୀ ଜଣକ ବୁଲିବାକୁ ଯାଇଥିଲେ। ଉକ୍ତ ଦିନ ରାତିରେ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ବନପାଳ ମୁରଲୀ ତାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡିତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ରଖିବା ସହ କାହାକୁ ନ ଜଣାଇବାକୁ କହିଥିଲେ। ଘଟଣା ଉଭୟ ପରିବାରର ଲୋକେ ଜାଣିବା ପରେ ମୁରଲୀଙ୍କ ସହ ସମ୍ପୃକ୍ତା ଯୁବତୀଙ୍କ ବିବାହ କରିଦେବାକୁ ସହମତି ପ୍ରକାଶ କରିଥିଲେ। ତେବେ ଇତି ମଧ୍ୟରେ ମୁରଲୀ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ଜାଣିବାକୁ ପାଇବା ପରେ ପୀଡିତା ଏନେଇ ମୁରଲୀଙ୍କୁ ପଚାରିଥିଲେ। ମୁରଲୀ ତାଙ୍କୁ ଧମକଚମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଶେଷରେ ପୀଡିତା ମାଲକାନଗିରି ଏସଡିଜେଏମ୍‌ଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ମୁରଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଗିରଫ ବନପାଳ ମୁରଲୀ।



ରାୟଗଡ଼ା ସହର ମଝିଘରିଆଣୀ ମନ୍ଦିର ନିକଟ ବ୍ରିଟିଶ ଅମଳର ବ୍ରିଜ୍ ବିପଜ୍ଜନକ ସ୍ଥିତିରେ ରହିଛି। ଯାନବାହନ ଚଳାଚଳ ନିଷେଧ ସତ୍ତ୍ୱେ ଏହା ଉପରେ ଦୈନିକ ଭାରିଯାନ ଯିବାଆସିବା କରୁଛି।

## ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କଲେ ବିଧାୟକ

**କୋକସରା, ୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବିଧାୟକ ମୌଷଧି ବାଗ ରବିବାର କୋକସରା ବ୍ଲକର ବିଭିନ୍ନ ସାମାଜିକ, ବନୀକରଣ ଓ ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ବିଧାୟକ ପ୍ରଥମେ ଗମ୍ଭାରୀଗୁଡାଠାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଯାଦବ ଭବନର ଭୂମିପୂଜନ କରିଛନ୍ତି। ଏହାପରେ ସେ କୁଲେରଗୁଡା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ୭୨ତମ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। କାର୍ଯ୍ୟମରେ ଧର୍ମଗଡ ରେଞ୍ଜର ପ୍ରଦୀପ ଭୋଇଙ୍କ ସମେତ ଫରେଷ୍ଟର ଓ ବନ ବିଭାଗ କର୍ମଚାରୀ, ଶିକ୍ଷକ, ବିଜେଡି ବ୍ଲକ ଯୁବ ସଭାପତି ହେମନ୍ତ ମାଝି, ଯଦୁମଣି ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଡୋକାରିଚଞ୍ଚରାରେ ଗୁଡାହାଣ୍ଡି ଉନ୍ନୟନ କମିଟି ବୈଠକରେ ଯୋଗଦେଇଥିଲେ। ଡୋକାରିଚଞ୍ଚରାର ଉନ୍ନୟନ କାମର ସମୀକ୍ଷା କରିଥିଲେ। ପର୍ଯ୍ୟଟନସ୍ଥଳୀରେ ମଧ୍ୟ ବନ ବିଭାଗ ଦ୍ୱାରା ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଗୁଡାହାଣ୍ଡି ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ଘନଶ୍ୟାମ ନାଏକ, ମଧୁବନ ପାତ୍ର, ଜିତେନ୍ଦ୍ର ପ୍ରଧାନୀ, ଅଜିତ ପଟ୍ଟନାୟକ, ଅଧ୍ୟାପକ ଅଇରି ନାଶନ ଚିନ୍ଦା, ରତୁରାଜ ମାଝି, ଆଶୁତୋଷ ପୁରୋହିତ, ବିରଞ୍ଚି ନାରାୟଣ ପଣ୍ଡା, ଧର୍ମଗଡ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ବନ ମହୋତ୍ସବ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

## ବିବାହ ଭୋଜିରେ ଚଢ଼ାଉ, ୩୦ହଜାର ଜରିମାନା

**କଟକ ଅଫିସ, ୪।୭:** କୋଭିଡ୍ କଟକଣା ଉଲ୍ଲଂଘନ କରି ନୂଆପଡ଼ାଠାରେ ବିବାହ ଭୋଜି ଚାଲିଥିବାବେଳେ ରବିବାର ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ଜରିମାନା ଆଦାୟ କରିଛି। ନୂଆପଡ଼ାସ୍ଥିତ ବାୟାବାବା ମଠରେ ଆୟୋଜିତ ବିବାହ ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଭୋଜି ପ୍ରସ୍ତୁତ କରାଯାଇଥିଲା। ଭୋଜି ଚାଲିଥିବାବେଳେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଘଟଣାସ୍ଥଳରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ଏନେଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି, ସରକାରୀ ନିୟମ ଉଲ୍ଲଂଘନ କରି ମାତ୍ରାଧିକ ଲୋକଙ୍କୁ ନେଇ ଅନେକ ସ୍ଥାନରେ ବିବାହ ଉତ୍ସବ ଆୟୋଜନ ହେଉଛି। ଏହାଦ୍ୱାରା କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢିବା ଆଶଙ୍କା ରହିଛି।

## ସୁଦୀପଙ୍କ ରିମାଣ୍ଡ ପାଇଁ ଏସ୍‌ଟିଏଫ୍‌ର ଆବେଦନ

**ଭୁବନେଶ୍ୱର,୪।୭(ବ୍ୟୁରୋ)**

**ନକଲି କରୋନା ଔଷଧ ଜବତ ଘଟଣା**

- ମୁମ୍ବାଇ କୋର୍ଟଙ୍କୁ ଅବଗତ କରିବେ କଟକ ଟ୍ରାଏଲ କୋର୍ଟ
- ଅନୁମତି ମିଳିଲେ ମହାରାଷ୍ଟ୍ର ଯିବ ଟିମ୍

ରାଜ୍ୟରେ ନକଲି କରୋନା ଔଷଧ ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ର୍ୟାକେଟ୍‌ର ମୁଖ୍ୟ କାର୍ପଟଦାର ମୁମ୍ବାଇର ସୁଦୀପ ବାର୍ନାଜୀଙ୍କୁ ୧୦ ଦିନିଆ ରିମାଣ୍ଡରେ ଆଣିବ। ଏନେଇ ମୁମ୍ବାଇ କୋର୍ଟର ଅନୁମତି ପାଇଁ ଏସ୍‌ଟିଏଫ୍ ପକ୍ଷରୁ କଟକ ଟ୍ରାଏଲ୍ କୋର୍ଟରେ ଆବେଦନ କରାଯାଇଛି। ତେବେ ଏହା ଏକ ଲମ୍ବା ପ୍ରକ୍ରିୟା ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ତାଙ୍କ ସୂଚନାନୁସାରେ, ସୁଦୀପ ଗିରଫ ହୋଇ ଏବେ ମହାରାଷ୍ଟ୍ର ଜୁଡିସିଆଲ ମାଜିଷ୍ଟ୍ରେଟ୍ ଅଧୀନରେ ଅଛନ୍ତି। ଆମ ପକ୍ଷରୁ କଟକ ଟ୍ରାଏଲ୍ କୋର୍ଟଙ୍କୁ ରିମାଣ୍ଡ ନିମନ୍ତେ ଲେଖାଯାଇଛି। କଟକ ମାମଲାରେ ସୁଦୀପଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ଏଠାକୁ ଅଣାଯାଇ ପଚରାଉଚରା କରିବାକୁ କଟକ ଟ୍ରାଏଲ୍ କୋର୍ଟ ମହାରାଷ୍ଟ୍ର କୋର୍ଟଙ୍କୁ ଅବଗତ କରିବେ। ସେଠାରୁ ଅନୁମତି ମିଳିଲେ ଏସ୍‌ଟିଏଫ୍ ଟିମ୍ ମୁମ୍ବାଇ ଯାଇ ସୁଦୀପଙ୍କୁ ଆଣି କଟକ ଟ୍ରାଏଲ୍ କୋର୍ଟରେ ଦାଖଲ କରିବ। ଏହାପରେ କଟକ କନିକା ଅଞ୍ଚଳରୁ ଜବତ ହୋଇଥିବା ନକଲି ଔଷଧ ଘଟଣାର ମୁଖ୍ୟ ଅଭିଯୁକ୍ତ ଶିବ ଜେନାଙ୍କ ସହ ସୁଦୀପଙ୍କର ମୁହାଁମୁହିଁ ଜେରା କରାଯିବ। ମୁଖ୍ୟତଃ ଓଡ଼ିଶାର କେଉଁଠିକୁ ଏହି ନକଲି ଔଷଧ ସପ୍ଲାଏ କରାଯାଇଛି, ବଜାରରେ ଏହି ନକଲି ଔଷଧ ରହିଯାଇଛି କି ନାହିଁ ଓ ଏଥିସହିତ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ଆଦି ବିଭିନ୍ନ ଦିଗକୁ ନେଇ ଉଭୟଙ୍କୁ ଜେରା କରାଯିବ ବୋଲି ସୂଚନା ମିଳିଛି।

ଓଡ଼ିଶାରେ ନକଲି କରୋନା ଔଷଧ କାରବାରର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବଙ୍କୁ ଜୁନ୍ ୨୪ରେ ଏସ୍‌ଟିଏଫ୍ ଗିରଫ କରିଥିଲା। କଟକ କନିକା ଛକସ୍ଥିତ ନିଜ ମେଡ଼ିଲଏଡ୍ ମେଡ଼ିସ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ମାଧ୍ୟମରେ ଶିବ କରୋନା ଚିକିତ୍ସା ପାଇଁ ବ୍ୟବହୃତ ନକଲି ଫାଭିମ୍ୟାକ୍ସ-୨୦୦ ଏବଂ ଫାଭିମ୍ୟାକ୍ସ-୪୦୦ ଔଷଧ ମୁମ୍ବାଇର ସୁଦୀପଙ୍କ ପାଖରୁ ଆଣିଥିଲେ। ଜୁନ୍ ୧୦ରେ ଘଟଣା ସମ୍ପର୍କରେ ମହାରାଷ୍ଟ୍ର ଡ୍ରଗ୍ସ କଣ୍ଟ୍ରୋଲର ଓଡ଼ିଶା ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ସୂଚନା ଦେବା ପରେ ସେଠାରେ ଚଢ଼ାଉ କରାଯାଇ ବିପୁଳ ନକଲି ଔଷଧ ଜବତ ହୋଇଥିଲା।

## ଥାନା ଆଗରେ ସ୍ତ୍ରୀଙ୍କ ଆତ୍ମାହୁତି ଉଦ୍ୟମ

**ସିମୁଳିଆ, ୪।୭(ଡି.ଏନ.ଏ.)**

**ସ୍ୱାମୀ ଛାଡ଼ି ଫେରାର**

ଦ୍ୱିତୀୟ ସ୍ୱାମୀଙ୍କଠାରୁ ପ୍ରତାରଣାର ଶିକାର ହେବା ପରେ ଜଣେ ମହିଳା ରବିବାର ଅପରାହ୍ନରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ସେ ଥାନା ଆଗରେ ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଉକ୍ତ ମହିଳାଙ୍କ ଘର ଭଦ୍ରକ ଜିଲା ଆଗରପଡ଼ାରେ।

ମହିଳାଙ୍କ କହିବା ଅନୁଯାୟୀ ପୂର୍ବରୁ ସେ ବିବାହିତା ଥିଲେ। ପରେ ସୋସିଆଲ ମିଡିଆରେ ସିମୁଳିଆ ଥାନା କୁପୁରା ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କ ସମ୍ପର୍କ ସ୍ଥାପନ ହେବାରୁ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ଗତ ଜାନୁଆରୀରେ ତାଙ୍କ ପ୍ରେମିକଙ୍କ ସହିତ ଚେନ୍ନାଇ ଚାଲିଯାଇ ସେଠାରେ ବିବାହ କରିଥିଲେ। ଏବେ ସେ ଗର୍ଭବତୀ ଅଛନ୍ତି। ସେଠାରେ ପ୍ରେମିକ ବିଭିନ୍ନ ଆଳ ଦେଖାଇ ତାଙ୍କ ଆକାଉଣ୍ଟରେ ଥିବା ୨ଲକ୍ଷ ଟଙ୍କା ହାତେଇଥିଲେ। ପରେ ମା'ଙ୍କ ଦେହ ଖରାପ ଥିବା ଦର୍ଶାଇ ସେ ଗତ ଫେବୃୟାରୀ ୪ରେ ତାଙ୍କୁ ସାଙ୍ଗରେ ନେଇ ଘରକୁ ଆସୁଥିବା ବେଳେ ଭୁବନେଶ୍ୱରରେ ତାଙ୍କ ମୋବାଇଲ, ଗହଣା ଥିବା ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲେ। ସ୍ୱାମୀଙ୍କୁ ନ ପାଇ ମହିଳାଜଣକ ସିମୁଳିଆସ୍ଥିତ ଶାଶୁ ଘରେ ପହଞ୍ଚିବା ପରେ ସେମାନେ ତାଙ୍କୁ ଗ୍ରହଣ କରି ନ ଥିଲେ। ଶାଶୁ ଘର ଲୋକେ ଗ୍ରହଣ ନ କରିବା ଓ ସ୍ୱାମୀ ଫେରାର ସମ୍ପର୍କରେ ସେ ଗତ ଜୁନ୍ ୯ ତାରିଖରେ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ଆତ୍ମାହୁତି ଉଦ୍ୟମ କରିଥିବା କହିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## ଶୃଙ୍ଖଳିତ ରଥଯାତ୍ରା ଉପରେ ଡିଜିପିଙ୍କ ଗୁରୁତ୍ୱ

**ପୁରୀ ଅଫିସ,୪।୭**

- ଶ୍ରୀମନ୍ଦିର ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ
- ପୁରୀବାସୀଙ୍କ ସହଯୋଗ ଲୋଡ଼ିଲେ
- ବ୍ଲୁ ପ୍ରିଣ୍ଟ୍‌କୁ ସ୍ୱୀକୃତି ପରେ ଗାଇଡ୍‌ଲାଇନ୍

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର ପୁରୀ ଗସ୍ତରେ ଆସି ରଥଯାତ୍ରା ସଂକ୍ରାନ୍ତ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେ ଶ୍ରୀମନ୍ଦିର ସଂଶ୍ଳିଷ୍ଟ ଅଞ୍ଚଳରେ ବୁଲି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ସହ ଏ ନେଇ ପ୍ରସ୍ତୁତ ହୋଇଥିବା ବ୍ଲୁ ପ୍ରିଣ୍ଟ ସମ୍ପର୍କରେ ଏସ୍‌ପିଙ୍କୁ ପଚାରି ବୁଝିଛନ୍ତି। ଶୃଙ୍ଖଳିତ ଭାବେ ରଥଯାତ୍ରା ସମ୍ପନ୍ନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ଯେପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ ସେଥିପାଇଁ ସଜାଗ ରହିବାକୁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ଲାଗି ପୋଲିସ ଫୋର୍ସ ମୁତୟନ ହେବା ନେଇ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ତାଙ୍କ ସହିତ ଅତିରିକ୍ତ ଡିଜି (ଆଇନ ଶୃଙ୍ଖଳା) ରାଧାକୃଷ୍ଣ ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଲଳିତ ଦାସ, କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଗୋଇନ୍ଦା ବିଭାଗ ଡିଆଇଜି ଅନୁପ ସାହୁ ଏବଂ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ଶୃଙ୍ଖଳିତ ରଥଯାତ୍ରା ନିମନ୍ତେ ପୋଲିସ ଡିଜି ଅଭୟ ଜନସାଧାରଣ ବିଶେଷକରି ପୁରୀବାସୀଙ୍କ ସହଯୋଗ କାମନା କରିଛନ୍ତି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ପୁରୀବାସୀ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ମାନି ଘରେ ରହି ସିଧା ପ୍ରସାରଣ ମାଧ୍ୟମରେ ରଥଯାତ୍ରା ଦେଖିବା ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଡିଜିପି କହିଛନ୍ତି, ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି। ମୋ ସହିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ଏସ୍‌ପି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହାକୁ ଦିନେ କିମ୍ବା ଦୁଇଦିନ ଭିତରେ ଆହୁରି ସୁଦୃଢ଼ କରି ଚୂଡ଼ାନ୍ତ ରୂପ ଦିଆଯାଇ ବିଧିବଦ୍ଧ ଭାବେ ସ୍ୱୀକୃତି ପରେ ଗାଇଡ୍‌ଲାଇନ ଜାରି କରାଯିବ। ଗତବର୍ଷ ଜନସାଧାରଣ ବିଶେଷକରି ପୁରୀ ସହରବାସୀଙ୍କ ଅକୁଣ୍ଠ ସମର୍ଥନ ଯୋଗୁ ଶୃଙ୍ଖଳିତ ଭାବେ ରଥଯାତ୍ରା ହୋଇପାରିଥିଲା। ଚଳିତ ବର୍ଷ ମଧ୍ୟ ସେଭଳି ସହଯୋଗ ଆଶା କରୁଛୁ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ବିନା ଭକ୍ତରେ ରଥଯାତ୍ରା ହେଉଥିବାରୁ ପୋଲିସ ନିକଟରେ ଆଇନଶୃଙ୍ଖଳା ଏକ ବଡ଼ ଚ୍ୟାଲେଞ୍ଜ। ତେଣୁ ଏହାକୁ ଗୁରୁତ୍ୱର ସହ ନିଆଯାଉଛି। ଏ ନେଇ ପୋଲିସ ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।



ଏସ୍‌ପି ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ପୋଲିସ ଡିଜି ଅଭୟ ଶ୍ରୀମନ୍ଦିର ସଂଲଗ୍ନ ଅଞ୍ଚଳ ବୁଲି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

## ଜଡ଼ାକୁଦରରେ ବନମହୋତ୍ସବ ପାଳିତ

ବେଦବ୍ୟାସ,(ଡି.ଏନ.ଏ): କୁଆଁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଜଡାକୁଦର ସାମାଜିକ ବନୀକରଣ ପରିସରରେ ଶନିବାର ବନମହୋତ୍ସବ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଲାଠିକଟା ଜିଲା ପରିଷଦ ସଭ୍ୟ ମହେଶ ନାଗ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ସ୍ୱାଧୀନତା ସାହାନୀ, ବିରକେରା ସରପଞ୍ଚ ସଂଯୁକ୍ତା ବିନ୍ଦୁ ଲାକ୍ରା, ସମିତି ସଭ୍ୟା ସୁନୀତା ସେଠୀ, ବଲଣ୍ଡା ସରପଞ୍ଚ ମେରି କିରଣ ତିଗ୍ଗା, ଉପ ରେଞ୍ଜ ଅଧିକାରୀ ଦିକେ ପ୍ରଧାନଙ୍କ ସମେତ ସମସ୍ତ ବନ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ଏ ନେଇ ୯୬୦୦ ଗୋଟି ବିଭିନ୍ନ ଜାତୀୟ ବୃକ୍ଷ ପ୍ରାୟ ୬ ଏକର ଜମିରେ ରୋପଣ କରାଯାଇଥିଲା।

## ସଂକ୍ଷେପରେ

### ବାଲ୍ୟ ବିବାହ ସଚେତନତା ନେଇ ବୈଠକ

କୁତ୍ରା, ୪।୭(ଡି.ଏନ.ଏ): ବାଲ୍ୟବିବାହ ଓ ବାଲ୍ୟଶ୍ରମିକକୁ ବିରୋଧ କରି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ସମସ୍ତ ଅଙ୍ଗନଓ୍ୱାଡି କେନ୍ଦ୍ରରେ ମହିଳା ଶିଶୁ ବିକାଶ ଯୋଜନା ପକ୍ଷରୁ ଶନିବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନଓ୍ୱାଡି କର୍ମୀମାନେ ନିଜ ଅଞ୍ଚଳର ୧୦ ବର୍ଷ ରୁ ୧୯ ବର୍ଷୀୟ ପିଲାଙ୍କ ଅଭିଭାବକମାନଙ୍କୁ ନେଇ ସଚେତନତା କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ୟୁନିଟରେ ଅବସ୍ଥାପିତ ସୁପରଭାଇଜର ନିଜ ଅଞ୍ଚଳର ଅଙ୍ଗନଓ୍ୱାଡି କର୍ମୀମାନଙ୍କୁ ସାମିଲ କରି କାର୍ଯ୍ୟବଳୀ ଉପରେ ସମୀକ୍ଷା କରିଥିଲେ। ବାଲ୍ୟବିବାହ ଓ ବାଲ୍ୟ ଶ୍ରମିକ ଭଳି ସମସ୍ୟାକୁ ନେଇ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅଭିଭାବକମାନେ ଯେମିତି ଜୋରଜବରଦସ୍ତ ନାବାଳିକାଙ୍କୁ ବାହା ନ କରିବେ ସେହି ବିଷୟଗୁଡିକ ନେଇ ସଚେତନତା କରାଯାଇଥିଲା। ଅଚିହ୍ନା ଯୁବକମାନଙ୍କ ସହିତ ମିଳାମିଶା ନ କରିବା ପାଇଁ ଝିଅମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଶନିବାର କରାଯିବ ବୋଲି ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏସ୍.ମୁଣ୍ଡ ସୂଚନା ଦେଇଛନ୍ତି।

### ଅନାଥ ଶିଶୁଙ୍କୁ ସହାୟତାର ହାତ ବଢ଼ାଇଲେ ବିଜେଡି କର୍ମକର୍ତ୍ତା

ସୁନ୍ଦରଗଡ଼,୪।୭ (ଡି.ଏନ୍.ଏ): କରୋନା ମହାମାରୀ କେତେ ପରିବାରକୁ ଉଜାଡି ଦେଇଥିବାବେଳେ କେତେ ଶିଶୁଙ୍କୁ ଅନାଥ କରିଦେଇଛି। ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତୁରଙ୍ଗାଗଡ ଗାଁର ଏମିତି ଜଣେ ଅନାଥ ଶିଶୁଙ୍କୁ ସହାୟତାର ହାତ ବଢାଇଛନ୍ତି ସୁନ୍ଦରଗଡ଼ ବିଜେଡିର କେତେଜଣ କର୍ମକର୍ତ୍ତା। ଏହି ଗ୍ରାମର ଜଣେ ମହିଳା କିରଣ ବଇଗା । ସ୍ୱାମୀ ନିମାଇଁ ବଇଗା, ଝିଅ ରିଆ ଓ ଶାଶୁ ଶ୍ୱଶୁରଙ୍କୁ ନେଇ ତାଙ୍କ ପରିବାର। କିରଣ ଗାଁର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଗତ ୪ବର୍ଷରୁ ଅଧିକ ହେବ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ତେବେ କରୋନା ସମୟରେ ସେ ଅଙ୍ଗନଓ୍ୱାଡି କର୍ମୀଙ୍କ ସହ ମିଶି ଗାଁରେ ଘର ଘର ବୁଲି ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ସହ ଭିଟାମିନ ବଟିକା ଦେଇ ଆସୁଥିଲେ । ଏହି ସବୁ କାମ ନିଜେ ଗର୍ଭବତୀ ଥାଇ ମଧ୍ୟ କରୁଥିଲେ। ଗତ ମେ ୧୪ରେ ସେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶିଶୁ ଜନ୍ମ ହେବା ପରେ ଡାକ୍ତର ତାଙ୍କୁ କୋଭିଡ୍ ପଜିଟିଭ ଅଛି କହି ସ୍ଥାନୀୟ ଏନଟିପିସି କୋଭିଡ୍ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଏହି ମହିଳାଙ୍କର ମେ ୧୬ରେ କରୋନାରେ ମୃତ୍ୟୁ ଘଟିଥିଲା। ଏହା ପରେ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ନବଜାତ ଶିଶୁକୁ ଘରକୁ ନେଇ ଶୁଦ୍ଧିକ୍ରିୟା ହୋଇଥିଲେ । ଏହାପରେ କିରଣଙ୍କର ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ତାଙ୍କ ସ୍ୱାମୀ ୧ମାସ ହେବ ସୁନ୍ଦରଗଡ କୋଭିଡ ହସ୍ପିଟାଲ ଓ ମୁନିସିପାଲିଟି ଅଫିସକୁ ଦୌଡି ନୟାନ୍ତ ହେବା ପରେ ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ମିଳି ନ ଥିଲା। ସ୍ଥାନୀୟ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ନଜରକୁ ଆସିବା ପରେ ତାଙ୍କ ନେତୃତ୍ୱରେ ଏକପ୍ରତିନିଧି ମଣ୍ଡଳୀ ମ୍ୟୁନିସିପାଲିଟି ଅଫିସ ଯାଇ କିରଣଙ୍କର ମୃତ୍ୟୁ ପ୍ରମାଣପତ୍ର ବାହାର କରିଥିଲେ। ଏହା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କୁ ସାକ୍ଷାତ କରି ଶିଶୁର ଥଇଥାନ ଓ ସୁରକ୍ଷା ପାଇଁ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଏହି ବିଜେଡି ପ୍ରତିନିଧି ମଣ୍ଡଳୀ ତୁରଙ୍ଗାଗଡକୁ ଯାଇ ଦେଢମାସର ନବଜାତ ଶିଶୁପୁତ୍ର ଓ ୨ବର୍ଷର ଝିଅକୁ ଦେଖି ସେମାନଙ୍କର ଥଇଥାନ ଓ ସବୁ ପ୍ରକାର ସୁବିଧା ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଥିଲେ । ନିଷ୍ପତ୍ତି ଅନୁଯାୟୀ ଝିଅର ରହିବା, ଖାଇବା ଓ ପାଠପଢିବା ପାଇଁ ନିକଟସ୍ଥ ମେଘଡେଗା ଗାଁ ଆଶ୍ରମ ସ୍କୁଲରେ ତାର ନାମ ଲେଖା ହେବ। ଛୋଟ ଶିଶୁପୁତ୍ରର ଯତ୍ନ ପାଇଁ ବିପିଏଲ କାର୍ଡଧାରୀ ବାପା ନିମାଇଁଙ୍କୁ ଜିଲା ରେଡକ୍ରସ ଫାଣ୍ଡିରୁ କିଛି ସହାୟତା ରାଶି ଦେବାକୁ ଓ ଏହି ଗରିବ ଆଦିବାସୀ ନିମାଇଁଙ୍କୁ ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ଯୋଗାଇ ଦେବା ସହ ମୃତା ପାଚିକା କିରଣଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ଜିଲାପାଳଙ୍କ ଠାରେ ଏହି ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ଗୋପ ମହାନ୍ତି, ସୁନ୍ଦରଗଡ଼ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସୁନୀଲ ମହାପାତ୍ର, ତ୍ରିଲୋଚନ କାକ, ନିର୍ମଳ ଘୋଷ, ପ୍ରଦୀପ ବିଶ୍ୱକର୍ମା, ମୁକେଶ ପଟେଲ ପ୍ରମୁଖ ସାମିଲ ଥିଲେ।


ଦନ୍ତାହାତୀ ପଞ୍ଚରା କୁଲସର ଗ୍ରାମର ଦୟା ମାଝିଙ୍କ ଘର ଭାଙ୍ଗିଦେଇଛି।


ଦନ୍ତାହାତୀ ଆକ୍ରମଣରେ ଆହତ ଶବରା ଗ୍ରାମର ମଙ୍ଗୁଳି ମୁଣ୍ଡା ଚିକିତ୍ସିତ ହେଉଛନ୍ତି।

# ଥମୁନି ଦନ୍ତାହାତୀ ଉପଦ୍ରବ

- ପଞ୍ଚରା ସେକ୍ସନ ଅଞ୍ଚଳରେ ଘର ଭାଙ୍ଗିଲେ
- କୁଳିପୋଷ ରେଞ୍ଜରେ ଦନ୍ତା ଆକ୍ରମଣରେ ମହିଳା ଗୁରୁତର

କୁତ୍ରା/ଲହୁଣୀପଡା, ୪।୭ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାରେ ହାତୀ ଉପଦ୍ରବ ଥମୁନାହିଁ। ଜିଲାର ବଡ଼ଗାଁ, କୁତ୍ରା, ଲହୁଣୀପଡ଼ା, କୋଇଡ଼ା ଆଦି ବ୍ଲକ ଅଞ୍ଚଳରେ ଗତକିଛି ଦିନ ଧରି ଦନ୍ତାହାତୀର ଉପଦ୍ରବ ଲାଗି ରହିଛି। ବଡ଼ଗାଁ, କୁତ୍ରା ଅଞ୍ଚଳରେ ଏକ ଦନ୍ତାହାତୀ ଉପଦ୍ରବ ଚଳାଇଥିବାବେଳେ ଲହୁଣୀପଡ଼ା ଅଞ୍ଚଳରେ ଅନ୍ୟ ଏକ ଦନ୍ତା ଉପଦ୍ରବ ଚଳାଇଛି। ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁ ନ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଦିନକୁ ଦିନ ଦନ୍ତା ହାତୀର ଉପଦ୍ରବ ବଢ଼ିବାରେ ଲାଗିଛି। ବଡ଼ଗାଁ ବନାଞ୍ଚଳ ପଞ୍ଚରା ସେକ୍ସନରେ ଶନିବାର ରାତିରେ ହାତୀ ଆତଙ୍କ ଦେଖାଦେଇଛି। ଏକ ଦନ୍ତା ହାତୀ ଉତ୍ପାତ କରି ପ୍ରଥମେ ପଞ୍ଚରା କୁଲସର ଗ୍ରାମର ଦୟା ମାଝିଙ୍କ ଘର ଭାଙ୍ଗିବା ସହିତ ଧାନ ଖାଇଥିଲା । ପରେ ପଡ଼ାବାସୀ ହାତୀ ଘଉଡେଇବାରୁ ଦନ୍ତା ହାତୀ ପାଖ ଜଙ୍ଗଲ ଆଡକୁ ଚାଲିଯାଇଛି। ଘର ଲୋକେ ଦନ୍ତା କବଳରୁ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। କିଛି ଦିନ ନିରବତା ପରେ ପୁଣି ହାତୀ ଆତଙ୍କ ଦେଖାଦେଇଥିବାରୁ ରାତିରେ ଗ୍ରାମାଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଥିବାର ଦେଖିବାକୁ ମିଳୁଛି। ଦନ୍ତା ହାତୀ ରାତିରେ ଯାତାୟତ କରୁଥିବା ସମୟରେ ଜୋରରେ ଗର୍ଜନ କରିବା ସହିତ ଦ୍ରୁତ ଗତିରେ ଯାଉଥିବାରୁ ଲୋକେ ଅଧିକ ଭୟଭୀତ ହେଉଛନ୍ତି। ବନ ବିଭଗ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ଦନ୍ତାକୁ ଘଉଡ଼ାଇବା ସହ ଘରଭଙ୍ଗା କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି। ସେହିପରି ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଳିପୋଷ ରେଞ୍ଜ ଅନ୍ତର୍ଗତ ଶବରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ମହିଳାକୁ ଆକ୍ରମଣ କରିଥିବା ଜଣାପଡିଛି। ମହିଳା ଜଣକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, ଶବରା ଗ୍ରାମର ମଙ୍ଗୁଳି ମୁଣ୍ଡା ଏବଂ ସ୍ୱାମୀ ରମା ମୁଣ୍ଡା ଘର ଅଗଣାରେ ଶୋଇଥିଲେ। ରାତ୍ରି ପ୍ରାୟ ୨ଟାବେଳେ ଦନ୍ତା ହାତୀ ଡଲେଇସରା ଜଙ୍ଗଲରୁ ଯାଉଥିବାବେଳେ ଘର ଅଗଣାରେ ଶୋଇଥିବା ମଙ୍ଗୁଳି ଓ ରମା ଶବ୍ଦ ଶୁଣି ଉଠିପଡ଼ିଥିଲେ। ରମା ଦୌଡି ପଳେଇଥିବା ବେଳେ ମଙ୍ଗୁଳି ଯାଇପାରି ନ ଥିଲେ। ଫଳରେ ହାତୀ ଆକ୍ରମଣ କରି ମଙ୍ଗୁଳିଙ୍କ ଡାହାଣ ଗୋଡକୁ ଭାଙ୍ଗି ଦେଇଥିଲା । ଖବରପାଇ କୁଳିପୋଷ ରେଞ୍ଜର ମୁକ୍ତିକାନ୍ତ ପରିଡା, ମହୁଲଡିହା ଫରେଷ୍ଟର ଡେରୁଲା ନନ୍ଦ ଗଡନାୟକ ଶବରା ଗ୍ରାମରେ ପହଞ୍ଚି ଆହତ ମଙ୍ଗୁଳିଙ୍କୁ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଦନ୍ତା ହାତୀ ବୁଢ଼ା ପାହାଡରେ ଲୁଚି ରହିଥିବାରୁ ଶବରା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

## ରାଉରକେଲା ଶ୍ରୀକୃଷ୍ଣ ସମାଜ ପକ୍ଷରୁ ମାସ୍କ ବିତରଣ

ବେଦବ୍ୟାସ,୪।୭ (ଡି.ଏନ.ଏ)

ଉତ୍କଳ ଯାଦବ ମହାସଭା ସହବନ୍ଧିତ ରାଉରକେଲା ଶ୍ରୀକୃଷ୍ଣ ସମାଜ ପକ୍ଷରୁ ରବିବାର ବେଦବ୍ୟାସ, ନଦୀଟୋଲା, ବ୍ରାହ୍ମଣୀତରଙ୍ଗ, ସିଂଟୋଲା ଆଦି ଅଞ୍ଚଳରେ ମାସ୍କ ବିତରଣ କରାଯାଇଛି। ଶ୍ରୀକୃଷ୍ଣ ସମାଜ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା ସହ ସାମାଜିକ ଦୂରତ୍ୱ ପାଳନ, ବାରମ୍ବାର ସାନିଟାଇଜର କରିବା ପାଇଁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ରାଜ୍ୟ ଉପସଭାପତି ଶ୍ରୀକାନ୍ତ ଦାଶ ଯୋଗଦେଇ କରୋନାକୁ ପ୍ରତିହତ କରିବାକୁ ହେଲେ ସର୍ବସାଧାରଣ ପ୍ରଥମେ ସଚେତନ ହେବା ସହ ସରକାରଙ୍କ ନିୟମକୁ ମାନିବା ଉଚିତ ବୋଲି କହିଥିଲେ। ରାଉରକେଲା ଅତିରିକ୍ତ ସରକାରୀ ଓକିଲ ଅଞ୍ଜନ ବାରିକ, ଉତ୍କଳମଣୀ ସରକାରୀ ବୈଷୟୀକ ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରଫେସର ରଞ୍ଜିତରଞ୍ଜନ ବେହେରା, ଯୁବ ସମାଜସେବୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସେବାୟତ ଅଜିତ କୁମାର ଦାଶ, କପିଳେନ୍ଦ୍ର ପୃଷ୍ଟି, ଯୁବ ଆଇନଜୀବି ଉପେନ୍ଦ୍ର ବଘାର ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର କୋଷାଧ୍ୟକ୍ଷ ହାଡିବନ୍ଧୁ ବେହେରା, ବିସରାମ କଛୁରିଆ, ଛବିଲ ପୂଜାରୀ, ରାଜୁ ଗୌଡ ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବେଦବ୍ୟାସ ଅଞ୍ଚଳରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅସହାୟ, ଗରିବ ଲୋକଙ୍କୁ ମାସ୍କ ବିତରଣ କରାଯାଇଛି।

## ହନୁମାନ ମନ୍ଦିର କମିଟି ତରଫରୁ ଆର୍ଥିକ ସହାୟତା

ଲହୁଣୀପଡା, ୪।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ଗ୍ରାମର ପ୍ରମୋଦ କୁମାର ପଣ୍ଡା (୫୨) କରୋନାରେ ଆକ୍ରାନ୍ତ ହୋଇ ଗତ ୨୨ ତାରିଖ ରାଉରକେଲା ହାଇଟେକ କୋଭିଡ୍ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। କରୋନା ନିୟମ ଅନୁଯାୟୀ ବେଦବ୍ୟାସଠାରେ ଅନ୍ତିମ ସତ୍କାର କରାଯାଇଥିଲା।ଖବର ପ୍ରସାରିତ ହେବା ପରେ ନିଜ ଗ୍ରାମ ଗମଲେଇ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ସ୍ୱର୍ଗତ ପଣ୍ଡାଙ୍କର ଦୁଇଟି ସନ୍ତାନ ବଡ ଝିଅ ସ୍ମିତିପ୍ରଜ୍ଞା ପଣ୍ଡା ରାଉରକେଲା ମ୍ୟୁନିସିପାଲିଟି ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଭାବରେ ଶିକ୍ଷା ଗ୍ରହଣ କରୁଛନ୍ତି। ପ୍ରମୋଦ କୁମାର ପଣ୍ଡାଙ୍କର ଆକସ୍ମିକ ମୃତ୍ୟୁ ଯୋଗୁ ପୁଅ ଝିଅ ଦୁହିଁଙ୍କର ଶିକ୍ଷାରେ ବାଧା ସୃଷ୍ଟି ହେବା ଆଶଙ୍କା କରି ବଣାଇସ୍ଥିତ ହନୁମାନ ମନ୍ଦିର କମିଟିର ଉପସଭାପତି ଦୁର୍ଗାମାଧବ ବେହେରା, ଗିରେନ୍ଦ୍ର କୁମାର ସାହୁ, ସମ୍ପାଦକ ତପନ କୁମାର ଦଣ୍ଡିଆ ଓ ଶ୍ରୀକାନ୍ତ କୁମାର ସାହୁ, ତପନ କୁମାର ମିଶ୍ର ପ୍ରମୁଖ ତାଙ୍କ ବାସଭବନକୁ ଆସି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହିତ ଉଭୟ ପିଲାଙ୍କ ଶିକ୍ଷା ଗ୍ରହଣରେ ବାଧା ସୃଷ୍ଟି ନ ହେବା ପାଇଁ କମିଟି ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ପ୍ରତିଶ୍ରୁତି ମଧ ଦେଇଥିବା ଜଣାପଡିଛି ।


ହନୁମାନ ମନ୍ଦିର କମିଟିର କର୍ମକର୍ତ୍ତା ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

## ଦେବଗଡ଼ କଲେଜ ପରିସରରେ ବନମହୋତ୍ସବ

ଦେବଗଡ଼, ୪।୭(ଡି.ଏନ.ଏ)

ଦେବଗଡ଼ କଲେଜ ପାଠାଗାର ପରିସରରେ ବନବିଭାଗ ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ଼ ବନାଞ୍ଚଳାଧିକାରୀ ଦେବଦତ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ବଲପୁର ଲୋକସଭା ସଦସ୍ୟଙ୍କ ମେଡିକାଲ ନୋମିନୀ ବିରଞ୍ଚି ନାରାୟଣ ନନ୍ଦ, ବଣାଇଁ କଲେଜର ଅଧ୍ୟକ୍ଷ ଜେନାମଣି ସାହୁ, ଅଧ୍ୟାପକ ବିଜୟ କୁମାର ପ୍ରଧାନ, ଜୀବନ କୁମାର ନନ୍ଦ, ହାରା ସେଟ, ଲାଇବ୍ରେରିଆନ ରଞ୍ଜିତ କୁମାର ପ୍ରଧାନ ଓ ଡେମୋନଷ୍ଟ୍ରେଟର ଅନ୍ତର୍ଯ୍ୟାମୀ ପ୍ରଧାନ ଉପସ୍ଥିତ ରହି କଲେଜ ପାଠାଗାର ପରିସରରେ ଚାରା ରୋପଣ କରିଥିଲେ। ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ, ସନ୍ଧ୍ୟାରାଣୀ ରାଉତଙ୍କ ସମେତ କଲେଜ କର୍ମଚାରୀ ସହଯୋଗ କରିଥିଲେ।

## ଡ. ଶ୍ୟାମାପ୍ରସାଦଙ୍କ ସ୍ମୃତିରେ ଭାଜପାର ଚାରାରୋପଣ


ରାଉରକେଲାରେ ଭାଜପା କର୍ମକର୍ତ୍ତା ଚାରାରୋପଣ କରୁଛନ୍ତି।

ରାଉରକେଲା ଅଫିସ, ୪।୭

ଭାରତୀୟ ଜନ ସଂଘର ପ୍ରଥମ ସଭାପତି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଜୁନ ୨୩ରୁ ପୁଣ୍ୟ ଜୟନ୍ତୀ ଜୁଲାଇ ୬ ପର୍ଯ୍ୟନ୍ତ ପ୍ରାୟ ୧୫ ଦିନ ବ୍ୟାପି ଭାଜପା ତରଫରୁ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ସେହି ଦେଶପ୍ରେମୀଙ୍କୁ ସମ୍ମାନ ଜଣାଇ ରବିବାର ଭାଜପା ଛେଣ୍ଡ ମଣ୍ଡଳ ତରଫରୁ ବିପିୟୁଟି ପାର୍ଶ୍ୱ ପଡିଆରେ ବୃକ୍ଷରୋପଣ କରାଯାଇଥିଲା। ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଅମର ରହେ, ଭାରତୀୟ ଜନତା ପାର୍ଟି ଜିନ୍ଦାବାଦ ଧ୍ୱନୀ ସହ କାର୍ଯ୍ୟକର୍ତ୍ତାମାନେ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମଣ୍ଡଳ ସଭାପତି ପ୍ରଶାନ୍ତ ପଣ୍ଡାଙ୍କ ସମେତ ରାଜ୍ୟ ଭାଜପା ମୁଖପାତ୍ର ଧିରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଜେନା, ଯୁବ ମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମା, ସମ୍ପାଦକ ପ୍ରବଳ ବାରିକ, ବରିଷ୍ଠ ନେତୃତ୍ୱ ଭବାନୀ କବି, କୈଳାଶ ରାଉତ, ଶିବାନୀ ଦେ, ପ୍ରଦୀପ ନାୟକ, ସୁଶାନ୍ତ ବିଶ୍ୱାଳ, ନୃସିଂହ ଜେନା, ଅବୋଧ ରାୟ, ବାବୁ ପରିଡା, ବଟକୃଷ୍ଣ ନାୟକ, ଅଞ୍ଜନା ପତି, ସୁରଂଜନ ପଣ୍ଡା, ସେକ ମୁଜାହିଦ, ଗୌରବ ସିଂ, ଗୌତମ ବିଶ୍ୱକର୍ମା, ସର୍ଦ୍ଦାର ସିଂ, ଜେସି ସିଂ, ବୀର ସାହୁ, କ୍ରିଷ୍ଣା ତନ୍ତି, ଆଶିଷ ଶର୍ମା, ସଞ୍ଜିବ ରାୟ ମହାପାତ୍ର, ସୂର୍ଯ୍ୟ ସାହୁ, ଅଭିଷେକ ସାହୁ, ରୋନକ ସିଂ, ଚିରାଗ ସିଂ, ପ୍ରତିକ ଚୌରାସିଆ, ରିତକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୁଖପାତ୍ର ଭଗବାନ ରାଉତ ଓ ଗଙ୍ଗାଧର ଦାସ ଏକ ପ୍ରେସ ବିବୃତ୍ତିର ଏନେଇ ଜଣାଇଛନ୍ତି।

## ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ: ହତ୍ୟା ସନ୍ଦେହ

ସୁନ୍ଦରଗଡ଼, ୪।୭(ଡି.ଏନ୍.ଏ)

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ବିଜାପଡା ନିକଟରେ ୧୦ନଂ. ରାଜ୍ୟ ରାଜପଥ ପାର୍ଶ୍ୱରୁ ରବିବାର ସକାଳେ ପୋଲିସ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ। ମୁଣ୍ଡର ପଛପାଖରେ କ୍ଷତଚିହ୍ନ ଥିବାରୁ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ପିଟି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ ଟାଉନ ଥାନାରେ ଏକ ହତ୍ୟା ମାମଲା (ନଂ. ୧୯୭।୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ମୃତଦେହକୁ ଜବତ କରି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଆଗାମୀ ୭୨ ଘଣ୍ଟା ମଧ୍ୟରେ ତାଙ୍କ ପରିବାର କିମ୍ବା ସମ୍ପର୍କୀୟ ମୃତଦେହ ନେବାକୁ ନ ଆସନ୍ତି ତାହା ହେଲେ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଟାଉନ୍ ଥାନା ପୋଲିସ ପ୍ରକାଶ କରିଛି। ରବିବାର ସକାଳ ପ୍ରାୟ ୯ଟା ବେଳେ ସେଠାରେ ଏକ ମୃତଦେହ ପଡିଥିବାର ଖବର ପାଇ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରୁ କିଛି ଦୂରରେ ରକ୍ତଛିଟା ଲାଗିଥିବା ୨ ରୁ ୩ ଖଣ୍ଡ କାଠଫାଳିଆ ପୋଲିସ ଜବତ କରିଛି। ଏଣୁ ଯୁବକଙ୍କୁ ୨ରୁ ୪ଜଣ ମିଶି କାଠଫାଳିଆରେ ପିଟି ହତ୍ୟା କରି ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି।


ଟାଉନ୍ ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି।

## ଓଁକାରେଶ୍ୱରଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

ରାଉରକେଲା ଅଫିସ, ୪।୭

ଲାଠିକଟା ବ୍ଲକ ଅନ୍ତର୍ଗତ ଗର୍ଜନ ଗ୍ରାମରେ ଅବସ୍ଥିତ ପାହାଡ଼ ଶିଖରରେ ପ୍ରଭୁ ଓଁକାରେଶ୍ୱର ଦେବଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ରବିବାର ଭୂମିପୂଜନ କାର୍ଯ୍ୟକ୍ରମ କୋଭିଡ୍ କଟକଣା ଭିତରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କଳସ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଅଷ୍ଟାଦଶ ମାତୃଗଣ ପୂଜା, ବ୍ରହ୍ମସାବିତ୍ରୀ ପୂଜା, ନବଗ୍ରହ ପୂଜା, ବାସ୍ତୁ ପୂଜା, ଲକ୍ଷ୍ମୀ ପୂଜା, ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କର୍ମକର୍ତ୍ତା ତଥା ସମାଜସେବୀ ଶାନ୍ତନୁ କୁସୁମ ଯୋଗଦେଇ ଗର୍ଜନ ପଞ୍ଚାୟତବାସୀଙ୍କ ଏଭଳି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜାଗରଣ ପାଇଁ ମନ୍ଦିର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପଣ୍ଡିତ କେଦାରନାଥ ପାଢ଼ୀ ପୂଜକ ଦାୟିତ୍ୱ ତୁଲାଇଥିବାବେଳେ ପିଣ୍ଟୁ କୁମାର ଏବଂ ବେବି କୁମାରୀ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ମନ୍ଦିର ନିର୍ମାଣ କମିଟିର ନବୀନ କିଷାନ, ଗଜେନ୍ଦ୍ର ପ୍ରସାଦ ପଲେଇ, ଦଶରଥ ରଣା, ପ୍ରଶାନ୍ତ କୁମାର କିଷାନ, ପ୍ରକାଶ ରଣା, ମନୋଜ ପାଣ୍ଡେ, ନବୀନ ଦାଶ, ପ୍ରଫୁଲ୍ଲ ସିଂ ମାନକି, ଭବାନୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ମନ୍ଦିର ନିର୍ମାଣ ଲାଗି ଭୂମିପୂଜା କରାଯାଉଛି।

## କଣ୍ଟେନର ମାଲିକ, ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

- ବେଆଇନ୍ ଗୋରୁ ଚୋରା ଚାଲାଣ କରୁଥିବା କଣ୍ଟେନର ଜବତ ଘଟଣା
- ଥାନାରେ ଲିଖିତଭାବେ ଜଣାଇଲେ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତା

ଦେବଗଡ଼,୪।୭(ଡି.ଏନ୍.ଏ.)

ଗତ ଶୁକ୍ରବାର ବେଆଇନ ଗୋରୁ ଚାଲାଣ କରୁଥିବାବେଳେ ଚଟିବରଘାଟ ଠାରେ ଏକ କଣ୍ଟେନର ସକାଳେ ଛିଡ଼ା ହୋଇଥିବାର ସ୍ଥାନୀୟ କେତେଜଣ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଉକ୍ତ କଣ୍ଟେନର ବହୁ ସମୟ ଛିଡ଼ା ହୋଇଥିବାବେଳେ ଭିତରୁ ଗୋରୁଗୁଡ଼ିକର ରଡ଼ି ଗ୍ରାମବାସୀ ଶୁଣିବାକୁ ପାଇଥିଲେ। ଗାଡ଼ି ଭିତରେ ଗୋରୁ ଅଛି କି ବୋଲି ଡ୍ରାଇଭରକୁ ପଚାରିବା ଦ୍ୱାରା ଡ୍ରାଇଭର ବିରକ୍ତି ପ୍ରକାଶ କରି ଗାଳିଗୁଲଜ କରିଥିଲେ। ଜେକ୍‌ରଡ଼ ଧରି ମାରିବାକୁ ଉଦ୍ୟତ ହେବା ସମୟରେ ଅନ୍ୟ ଗ୍ରାମବାସୀଙ୍କୁ ଡାକିବାରୁ ଡ୍ରାଇଭର, ଖଲାସୀ ଓ ବ୍ୟବସାୟୀ ସେଠାରୁ ଚମ୍ପଟ ମାରିଥିଲେ। କଣ୍ଟେନର ସମ୍ବଲପୁରରୁ କଲିକତା ଅଭିମୁଖେ ୪୧ଟି ଗୋରୁ ବୋଝେଇ କରି ଯାଉଥିବାବେଳେ ୪୯ ନମ୍ବର ଜାତୀୟ ରାଜପଥ ଚଟିବରଘାଟ ନିକଟରେ ଯାନ୍ତ୍ରୀକ ତୃଟି ଥିବାରୁ ଅଟକି ଯାଇଥିଲା। ଖବରପାଇ ଦେବଗଡ଼ ପୋଲସ୍ ଏସ୍ଆଇ ବୁଦ୍ଧରା ମାଝି ଓ ପ୍ରତାପ ଦଳେଇ ସଦଳବଳେ ପହଞ୍ଚି ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ କଣ୍ଟେନର ଭିତରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଗୋରୁ ବନ୍ଧାହୋଇଥିବାର ଦେଖିବାକୁ ପାଇଥିଲେ। ସେଥିରୁ ଗୋଟି ଗାଈର ମୃତ୍ୟୁ ହୋଇଯାଇଥିଲା। ଦେବଗଡ଼ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୋରୁଗୁଡ଼ିକୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜିମା ଦିଆଯାଇଛି। ଏ ନେଇ ସ୍ଥାନୀୟ ଚଟିବରଘାଟର ଗ୍ରାମବାସୀ ଓ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଡ଼ିଲେଶ୍ୱର ମହାପାତ୍ରଙ୍କ ସମେତ ଝସକେତନ ଗଡ଼ନାୟକ, ଅସିତ୍ କୁମାର ପ୍ରସାଦ ପ୍ରଧାନ, ଜନକ କୁମାର ଗଡ଼ନାୟକ, ସନ୍ତୋଷ କୁମାର ଗଡ଼ନାୟକ, ପଞ୍ଚାନନ ଗଡ଼ନାୟକ, ସୁବାସ କୁମାର ମହାପାତ୍ର, ରବି ପୂଜାରୀ, ସଂଗ୍ରାମ କୁମାର ନାୟକ ଓ ସନ୍ତୋଷ କୁମାର କର ଏଭଳି ଏକ ଅମାନୁଷିକ କାର୍ଯ୍ୟ ପାଇଁ କଣ୍ଟେନର ମାଲିକ, ଡ୍ରାଇଭର ଓ ଖଲାସୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଚିତ ଦଣ୍ଡ ଦେବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


କାର୍ଯ୍ୟାନୁଷ୍ଠାନ ଦାବି କରି ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଥାନାରେ ଲିଖିତ ଭାବେ ଜଣାଉଛନ୍ତି।

## ସଂକ୍ଷେପରେ

### ହୋଣ୍ଡା କାର୍ ଦର ବଢ଼ିବ

**ନୂଆଦିଲ୍ଲୀ, ୪।୭:** ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ ଭାରତରେ ଏହାର ବିଭିନ୍ନ ମଡେଲ କାର ଦର ବଢାଇବାକୁ ଯାଉଛି। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କଞ୍ଚାମାଲ ଦର ବଢିବା ଯୋଗୁ ଏଭଳି ଦର ବୃଦ୍ଧି ନେଇ ବିଚାର କରାଯାଇଥିବା ଅଧିକାରୀ ଜଣକ କହିଛନ୍ତି। ବର୍ତ୍ତମାନ ଲୌହ ସମେତ ଅନ୍ୟ ମେଟାଲ ଦର ବଢିଛି। କାର ପ୍ରସ୍ତୁତି ଲାଗି ବିଭିନ୍ନ ଧାତୁ ବିଶେଷ ଭାବେ ବ୍ୟବହାର ହୋଇଥାଏ। ହୋଣ୍ଡା କାର୍ କମ୍ପାନୀ ଭାରତରେ ସିଟି ଏବଂ ଆମେଜ ଭଳି ଅନ୍ୟ କିଛି ମଡେଲ ବିକ୍ରି କରୁଛି। କେଉଁ ମଡେଲ ଉପରେ ଦର କେତେ ବଢିବ ସେ ନେଇ କମ୍ପାନୀ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ଭାବେ ସୂଚନା ଦେଇନାହିଁ। କମ୍ପାନୀର ସେଲ୍ସ ଆଣ୍ଡ ମାର୍କେଟିଂ ବିଭାଗ ବରିଷ୍ଠ ଉପାଧ୍ୟକ୍ଷ ରାଜେଶ ଗୋୟଲ କହିଛନ୍ତି- ଇସ୍ପାତ, ଆଲୁମିନିୟମ ଭଳି ଧାତୁର ଦର ବର୍ତ୍ତମାନ ବଢିଛି। ତେବେ ଅଗଷ୍ଟଠାରୁ ଏହି ମୂଲ୍ୟ ବୃଦ୍ଧି ହେବ ବୋଲି ଜଣାପଡିଛି।

### ୧୩,୨୬୨ କୋଟିର ଏଫ୍‌ପିଆଇ ନିବେଶ

**ନୂଆଦିଲ୍ଲୀ, ୪।୭:** ଭାରତୀୟ ଶେୟାର ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ନିବେଶ ଜୁନ ମାସରେ ୧୩,୨୬୨ କୋଟି ଟଙ୍କା ରହିଛି। ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ନିବେଶ ଧାରା ଜାରି ରଖିଛନ୍ତି। କୋଭିଡ୍ ମାମଲା କମୁଥିବା ବେଳେ ଅର୍ଥ ବ୍ୟବସ୍ଥା ଖୋଲିବା ନେଇ ନିବେଶକ ଆଶା ରଖିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ କଟକଣା ବର୍ତ୍ତମାନ ହ୍ରାସ ପାଉଛି। ଏହାଦ୍ୱାରା ଆର୍ଥିକ କାର୍ଯ୍ୟକଳାପ ବଢିଛି। ପ୍ରଥମ ତ୍ରୈମାସରେ କମ୍ପାନୀଗୁଡିକର ଫଳାଫଳ ଉନ୍ନତ ରହିଛି। ଆଗାମୀ ଦିନଗୁଡିକରେ ମଧ ସକାରାତ୍ମକ ଅଭିବୃଦ୍ଧି ନେଇ ଆକଳନ କରାଯାଇଛି। ଡିପୋଜିଟାରୀ ଡାଟା ମୁତାବକ, ଏଫପିଆଇ ଜୁନ୍ ୩୦ ସୁଦ୍ଧା ଶେୟାରରେ ୧୭,୨୧୫ କୋଟି ଏବଂ ବଣ୍ଡରେ ୩୯୪୬ କୋଟି ନିବେଶ କରିଥିବା ଜଣାପଡିଛି।

# ଆରବିଆଇ ନୋଟ ପ୍ରିଣ୍ଟ ନ କରୁ

**ବିତ୍ତୀୟ ନିଅଣ୍ଟ ନେଇ ପିନାକୀ ଚକ୍ରବର୍ତ୍ତୀଙ୍କ ମତ**

ମୁମ୍ବାଇ, ୪।୭

ସରକାରଙ୍କ ବିତ୍ତୀୟ ନିୟଣ୍ଟ (ସରକାରଙ୍କ ଆୟ-ବ୍ୟୟ ମଧ୍ୟରେ ପାର୍ଥକ୍ୟ)କୁ କମ୍ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୋଟ୍ ପ୍ରିଣ୍ଟ ନ କରୁ। ଏହା ବିତ୍ତୀୟ ଅପବ୍ୟୟ ହେବ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ପିନାକୀ ଚକ୍ରବର୍ତ୍ତୀ ରବିବାର ମତପ୍ରକାଶ କରିଛନ୍ତି। ପିଟିଆଇକୁ ସାକ୍ଷାତ୍କାରରେ ସେ କହିଛନ୍ତି, ଭାରତୀୟ ଅର୍ଥ ବ୍ୟବସ୍ଥା ଯଦି ତୃତୀୟ ଲହରର ସାମ୍ନା ନ କରେ ତେବେ ଜିଡିପି ଅଭିବୃଦ୍ଧି ଉନ୍ନତ ହେବ। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି(ଏନ୍‌ଆଇପିଏଫ୍‌ପି)ର ନିର୍ଦ୍ଦେଶକ ଭାବେ ଚକ୍ରବର୍ତ୍ତୀ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି, ଉଚ୍ଚ ମୁଦ୍ରାସ୍ଫୀତି ଚିନ୍ତାଜନକ। ଦରଦାମରେ ସ୍ଥିରତା ଆଣିବା ସହ ଏହାକୁ ଏକ ନିୟନ୍ତ୍ରଣ କରିବା ଭଳି ସ୍ଥିତିକୁ ଆଣିବା ଆବଶ୍ୟକ।



ମହାମାରୀ ଆସିବାରୁ କେନ୍ଦ୍ରୀୟ ବ୍ୟାଙ୍କ ନୋଟ ଛାପିବା ଆବଶ୍ୟକ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଆର୍‌ବିଆଇ ଏଭଳି କରି ନ ପାରେ ବୋଲି ସେ ମତ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କ ଏବଂ ସରକାରଙ୍କ ମଧ୍ୟରେ ସହମତି ଭିତ୍ତିରେ ଏଭଳି ଧାରାକୁ ୧୯୯୬ରେ ବନ୍ଦ କରାଯାଇଛି। ଏଭଳି ବ୍ୟବସ୍ଥାକୁ ପୁଣି ଫେରାଇ ଆଣିବାର କୌଣସି ଆବଶ୍ୟକତା ନାହିଁ। କୋଭିଡ୍ ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହରରେ ବଜାର ବେଶି ପ୍ରଭାବିତ ହୋଇନାହିଁ। ନୂଆ କରି ଯଦି କୌଣସି ବଡ ଲହର ନ ଆସେ ତେବେ ଆର୍ଥିକ ସୁଧାର ତ୍ୱରାନ୍ୱିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ମହାମାରୀରେ ଜିଡିପି ହ୍ରାସ ହୋଇଥିବାରୁ ଏହାଦ୍ୱାରା ନିଯୁକ୍ତି ପ୍ରଭାବିତ ହୋଇଛି। ରୋଜଗାର ବଢାଇବା ଲାଗି ଦୃଢ ଆର୍ଥିକ ପୁନରୁଦ୍ଧାରର ଆବଶ୍ୟକତା ରହିଛି। ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ସରକାର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପ୍ରୟାସ କରୁଥିବା ସେ କହିଛନ୍ତି। ସରକାର ବଜେଟରେ ଦେଇଥିବା ପ୍ରୋତ୍ସାହନ ଯୋଗୁ ବିତ୍ତୀୟ ନିୟଣ୍ଟ ଜିଡିପିର ୯.୫%କୁ ବଢିଛି। ସେହିଭଳି ରାଜ୍ୟଗୁଡିକର ବିତ୍ତୀୟ ନିୟଣ୍ଟ କଥା ବିଚାରକୁ ନେଲେ ଏହା ୪.୫% ରହିଛି। ମୋଟାମୋଟି ଭାବେ ବିତ୍ତୀୟ ନିଅଣ୍ଟ ଜିଡିପିର ୧୪ରୁ ୧୫% ରହିଛି। ଏଭଳି ସ୍ଥିତିରେ ଆହୁରି ଖର୍ଚ୍ଚ ବଢାଇବା ବେଳେ ଅନେକ କଥା ବିଚାରକୁ ନେବାକୁ ହେବ ବୋଲି ସେ ମତ ରଖିଛନ୍ତି।

# 'ଓଡ଼ିଶାର ପ୍ରି-ଏମ୍ପସନ ନୀତି ପ୍ରଗତିଶୀଳ'

ଭୁବନେଶ୍ୱର, ୪।୭

ଶିଳ୍ପସଂସ୍ଥାଗୁଡ଼ିକୁ ଆଗକୁ ବଢାଇବା ନିମନ୍ତେ ଓଡ଼ିଶା ସରକାରଙ୍କର ଅଭିନବ ତଥା ପ୍ରଗତିଶୀଳ ନୀତିକୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ଭି.ଆର. ଶର୍ମା ପ୍ରଶଂସା କରିଛନ୍ତି। ଲୁହା ପଥର ଖଣିଜ ନିମନ୍ତେ ଓଡ଼ିଶାରେ ପ୍ରି-ଏମ୍ପସନ ନୀତି ଏକ ଉତ୍ତମ ନୀତି ରହିଛି । ଯେହେତୁ ଏହି ପ୍ରି-ଏମ୍ପସନ ନୀତି ଅନୁଯାୟୀ କଞ୍ଚାମାଲ ପାଇବା ନିମନ୍ତେ ଶିଳ୍ପସଂସ୍ଥାଗୁଡିକୁ ଲୁହା ପଥର ପାଇଁ କେବଳ ଖଣି ନିର୍ଦ୍ଦେଶକଙ୍କୁ ଆବେଦନ କରିବା ଏକ ସରଳ ପ୍ରକ୍ରିୟାରେ ଆବେଦନ ହୋଇଥାଏ, ଜେଏସ୍‌ପିଏଲ୍ ସମେତ ରାଜ୍ୟଭିତ୍ତିକ ବହୁ ଶିଳ୍ପ କାରଖାନା ଏହି ନୀତି ଯୋଗୁ ଉପକୃତ ହୋଇଛନ୍ତି ବୋଲି ଶ୍ରୀ ଶର୍ମା କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ରାଜ୍ୟଭିତ୍ତିକ ଶିଳ୍ପଗୁଡିକ କଞ୍ଚାମାଲ ପାଇବା ପାଇଁ ପ୍ରି-ଏମ୍ପସନ ନୀତି ପରି ନୀତି ସମସ୍ତ ଉଦ୍ୟୋଗୀଙ୍କ ବିଶ୍ୱାସ ବୃଦ୍ଧି ପାଇବା ସହିତ, ଓଡ଼ିଶାରେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ଉତ୍ସାହିତ କରିଥାଏ। ବର୍ତ୍ତମାନ ଓଡ଼ିଶାର ଇସ୍ପାତ ଶିଳ୍ପଗୁଡିକ ଉତ୍କଟ ଲୁହାପଥର ସଙ୍କଟରେ ଗତି କରୁଛନ୍ତି। ଯଦି ଶିଳ୍ପ ସଂସ୍ଥାଗୁଡିକ ଆଗକୁ ଆସି ରାଜ୍ୟ ସରକାରଙ୍କ ଦାରା ଜାରି କରାଯାଇଥିବା ପ୍ରି-ଏମ୍ପସନ ନୀତିର ସରଳ ପ୍ରକ୍ରିୟାକୁ ଅନୁସରଣ କରନ୍ତି, ତେବେ ଏହି ସଙ୍କଟ ସହଜରେ ଦୂର ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

ନିକଟରେ କନ୍‌ଫେଡେରେଶନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ, ପେଲେଟ ମାନୁଫାଚର୍ସ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ ଉତ୍ପାଦନ ସଂଘ ପରି ବହୁ ଶିଳ୍ପ ସଙ୍ଘ ଭିତ୍ତିକ ଶିଳ୍ପ ପାଇଁ ଲୁହାପଥରର ଅଭାବ ଏବଂ ଆକାଶଛୁଆଁ ବୃଦ୍ଧି ନେଇ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ।

# କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ 'ଓସିଆ'ର ବିରୋଧ

ଭୁବନେଶ୍ୱର,୪।୭

କରୋନା ମହାମାରୀରେ କ୍ଷତିଗ୍ରସ୍ତ ହୋଇଥିବା ଖୁଚୁରା ଏବଂ ପାଇକାରୀ ବ୍ୟବସାୟୀଙ୍କୁ ଏମ୍‌ଏସ୍‌ଏମ୍‌ଇ ବର୍ଗରେ ସାମିଲ କରି ସରକାରଙ୍କ ସହାୟତା ପ୍ରଦାନ ପାଇଁ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ (ଓସିଆ) ପକ୍ଷରୁ ଘୋର ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ କହିଛି ଯେ, ସରକାର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପର ସଂଜ୍ଞାକୁ ବଦଳାଇ ଏମ୍‌ଏସ୍‌ଏମ୍‌ଇ କରିଦେଲେ କିଛି ହେବନାହିଁ। ନିକଟରେ ସରକାର ଏମ୍‌ଏସ୍‌ଏମ୍‌ଇର ସଂଜ୍ଞା ପୁନଃ ନିର୍ଦ୍ଧାରିତ କରିବା ସହ ନୂଆ ବ୍ୟବସ୍ଥାରେ କାରଖାନା ଏବଂ ଯନ୍ତ୍ରପାତିରେ ନିବେଶ ଓ କାରବାର ହିସାବରେ ଏମ୍‌ଏସ୍‌ଏମ୍‌ଇର ବର୍ଗୀକୃତ କରାଗଲା। ଏଭଳି ସମୟରେ ଏହି ବର୍ଗର ବ୍ୟବସାୟୀଙ୍କୁ ଏହା ପରିସରକୁ ଆଣିବା ଦ୍ୱାରା ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱ ଆହୁରି ହ୍ରାସ ପାଇବ; ଯାହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଅଧୀନରେ ଆସୁଥିବା ବିଭିନ୍ନ କ୍ଷେତ୍ରର ବାସ୍ତବ ଗଣନା କରିବା ଏବଂ ସେମାନଙ୍କ ସମସ୍ୟାକୁ ଉଚିତ ଭାବେ ସମାଧାନ କରିବା କଷ୍ଟକର ହେବ। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତାକୁ କିପରି ପ୍ରଦାନ କରାଯିବ ସେ ନେଇ ଏକ ସାଧାରଣ ନୀତି ପ୍ରସ୍ତୁତ କରିବା କଷ୍ଟକର ହୋଇଯିବ ବୋଲି ସଂଘ କହିଛି। ଅତୀତରେ ସେବା କ୍ଷେତ୍ରକୁ ନେଇ ଯେତେବେଳେ ମାନଦଣ୍ଡ ପ୍ରସ୍ତୁତ କରାଗଲା ସେ ସମୟରେ ବ୍ୟାଙ୍କଗୁଡ଼ିକ ସେବା କ୍ଷେତ୍ରକୁ ଋଣ ପ୍ରଦାନ କରିବା ଲାଗି ଅଧିକ ଆଗ୍ରହ ଦେଖାଇଲେ; ଯଦ୍ୱାରା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଋଣ ସେମାନଙ୍କ ପାଇଁ ଅଧିକ ସୁରକ୍ଷିତ ରହୁଥିଲା। ସେହିଭଳି ଏମ୍‌ଏସ୍‌ଏମ୍‌ଇ ପାଇଁ ଧାର୍ଯ୍ୟ ଋଣ ପ୍ରଦାନ ଲକ୍ଷ୍ୟ ସେମାନେ ଠିକ ଭାବେ ପୂରଣ କରିପାରିଛନ୍ତି ବୋଲି ସରକାରଙ୍କୁ ଦର୍ଶାଇ ପାରୁଥିଲେ। ଏହି ସବୁ ବ୍ୟବସାୟୀଙ୍କୁ ଏହି ବର୍ଗରେ ସାମିଲ କରାଯିବା ଦ୍ୱାରା ଆଗାମୀ ଦିନରେ ବିଭିନ୍ନ ସମସ୍ୟା ଉପୁଜିବ ବୋଲି ସଂଘ ଆକଳନ କରିଛି। ଏଥିସହିତ ସରକାରଙ୍କୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ମଧ ଏମାନେ କେତେ ସହାୟକ ହେବେ। ସରକାରଙ୍କ ଭୋକାଲ ଫର୍ ଲୋକାଲ୍ ଏବଂ ମେକ୍ ଇନ୍ ଇଣ୍ଡିଆ ଭଳି ଯୋଜନାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ବୋଲି ସଂଘ ଆଶଙ୍କା କରିଛି। ଦେଶର ଅଢେଇ କୋଟି ଖୁଚୁରା ଓ ପାଇକାରୀ ବ୍ୟବସାୟୀଙ୍କୁ ଏମ୍‌ଏସ୍‌ଏମ୍‌ଇରେ ସାମିଲ କରିବା ଦ୍ୱାରା ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱ ହ୍ରାସ ପାଇବ ବୋଲି 'ଓସିଆ'ର ସଭାପତି ସ୍ୱରଜିତ ମହାନ୍ତି ମତବ୍ୟକ୍ତ କରିଛନ୍ତି। ସଂଘର ଦାବିକୁ ସରକାର ବିଚାର କରି ଏଥିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଓସିଆ ପକ୍ଷରୁ ଦାବି କରାଯାଇଛି।

## ପୋଷଣ ସୁନିଶ୍ଚିତତା ନେଇ ଆଲୋଚନା

ଭୁବନେଶ୍ୱର, ୪।୭

ଆଲମଣ୍ଡ ବୋର୍ଡ ଅଫ୍ କାଲିଫର୍ନିଆ ପକ୍ଷରୁ ନିକଟରେ ମହାମାରୀ ସମୟରେ ପାରିବାରିକ ସ୍ୱାସ୍ଥ୍ୟ ଏବଂ ପୋଷଣ ସୁନିଶ୍ଚିତତା ସମ୍ପର୍କିତ ଏକ ଭର୍ଚୁଆଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଦେଶରେ ଉପୁଜିଥିବା ସ୍ୱାସ୍ଥ୍ୟ ସଙ୍କଟର ବିଭିନ୍ନ ପ୍ରସଙ୍ଗରେ ଏଥିରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଅତିଥିମାନେ ନିଜନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଓଡିଆ ଅଭିନେତ୍ରୀ ଅର୍ପିତା ଚାର୍ଟାର୍ଜୀ କହିଥିଲେ, ବର୍ତ୍ତମାନ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜରୁରୀ ହୋଇଥିବାରୁ ଜିଙ୍କ୍ ଭଳି ରୋଗ ପ୍ରତିଷେଧକ ଶକ୍ତିକୁ ସମର୍ଥନ କରୁଥିବା ଆଲମଣ୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଲମଣ୍ଡ ଶରୀରର ସାମଗ୍ରିକ ଶକ୍ତିକୁ ଉନ୍ନତ କରିବାରେ ସହାୟକ ହୋଇଥାଏ ବୋଲି ମ୍ୟାକ୍ସ ହେଲ୍‌ଥ କେୟାର ଦିଲ୍ଲୀର ଡାଇବେଟିସ ବିଭାଗ ଆଞ୍ଚଳିକ ମୁଖ୍ୟ ରିତିକା ସାମାଦାର କହିଛନ୍ତି।

## ଟିପିସିଓଡିଏଲ୍‌ରେ ସୁରକ୍ଷା ସପ୍ତାହ



ଭୁବନେଶର, ୪।୭

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଦ୍ୱିତୀୟ ଜାତୀୟ ଇଲେକ୍ଟ୍ରିକାଲ୍ ସୁରକ୍ଷା ସପ୍ତାହ ଉପଲକ୍ଷେ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସୁରକ୍ଷା ନିୟମ ଓ ବ୍ୟବସ୍ଥା ଉପରେ ଲୋକମାନଙ୍କୁ ସଚେତନ କରିବା ଲାଗି ସମସ୍ତ ଡିଭିଜନ୍ ଓ ସେକ୍ସନରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କର୍ମଚାରୀ ଓ ଅଂଶୀଦାରଙ୍କ ସୁରକ୍ଷାକୁ ଧ୍ୟାନରେ ରଖି କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷାରେ ଉନ୍ନତି ଆଣିବା ଲାଗି ନିୟମିତ ଭାବେ ବିଭିନ୍ନ ଅଭିଯାନ ଆରମ୍ଭ କରାଯାଉଥିବା ଏହା କହିଛି। ସମସ୍ତ କୋଭିଡ୍ ନିୟମକୁ ପାଳନ କରି ଲାଇସେନ୍ସ ମିଳିଥିବା ସମସ୍ତ ଅଞ୍ଚଳରେ କର୍ମଚାରୀ ଓ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ସୁରକ୍ଷା ସପ୍ତାହ ପାଳନ କରାଯାଇଛି। କମ୍ପାନୀ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଶପଥ ଗ୍ରହଣ ସହିତ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଥିଲା। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗ କହିଛନ୍ତି, ସୁରକ୍ଷା ହେଉଛି ଆମର ମୂଳ ମୂଲ୍ୟବୋଧ ଓ ଆମେ ଆମର କର୍ମଚାରୀ ଏବଂ ଅଂଶୀଦାରମାନଙ୍କୁ ସୁରକ୍ଷିତ କାର୍ଯ୍ୟ ପରିବେଶ ପ୍ରଦାନ କରିବାକୁ ପ୍ରତିବଦ୍ଧ।

## ଖେଳ ଖବର

# ଦୂତୀ, ଭବାନୀ, ଶିବପାଲ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୪।୭(କ୍ରୀଡ଼ା ପ୍ରତିନିଧି)

ଚଳିତବର୍ଷ ଟୋକିଓ ଅଲିମ୍ପିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ୩ ଜଣ ଛାତ୍ରୀଛାତ୍ର ଓ ଜଣେ ଡାକ୍ତରଙ୍କୁ ମିଶାଇ ମୋଟ ୪ଜଣ ଅଂଶଗ୍ରହଣର ସୁଯୋଗ ପାଇଛନ୍ତି। କ୍ରୀଡ଼ା ମହାକୁମ୍ଭ କ୍ରମେ ପାଖେଇ ଆସୁଥିବାବେଳେ ଅଲିମ୍ପିକ୍ସ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିବା ଖେଳାଳିଙ୍କୁ ରବିବାର ଭର୍ଚୁଆଲ କାର୍ଯ୍ୟକ୍ରମ ମାଧ୍ୟମରେ

**ଭର୍ଚୁଆଲ କାର୍ଯ୍ୟକ୍ରମ**

ସମ୍ବର୍ଦ୍ଧିତ କରାଯାଇଛି। ଗୋଟିଏ ବିଶ୍ୱବିଦ୍ୟାଳୟରୁ ୩ଜଣ ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ରାଜ୍ୟ ଏବଂ ଦେଶ ପାଇଁ ଗୌରବର ବିଷୟ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍ ସର୍ବଦା ଶିକ୍ଷା ସହ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇଆସୁଛି। ଏଠାରୁ ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇପାରିଛନ୍ତି ବୋଲି ଅଚ୍ୟୁତ କହିଛନ୍ତି। ଚଳିତ ମାସ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଟୋକିଓ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ତଥା ଓଡ଼ିଶାର ଗର୍ବ କିଟ୍ ଛାତ୍ରୀ ଦୂତୀ ଚାନ୍ଦ ଦ୍ୱିତୀୟ ଥର ଲାଗି ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏଥର ସେ ୧୦୦ ଓ ୨୦୦ ମିଟରରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

ଦୂତୀଙ୍କ ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ଆଉ ଦୁଇ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଛାତ୍ରୀଛାତ୍ର ମଧ ଅଲିମ୍ପିକ୍ସ ଟିକେଟ ପାଇଛନ୍ତି। ସେମାନେ ହେଲେ ଅସି ଚାଳିକା ସି. ଏ. ଭବାନୀ ଦେବୀ ଏବଂ ଜାଭେଲିନ୍ ଥ୍ରୋୟର ଶିବପାଲ ସିଂ। କିଟ୍‌ରେ ପିଏଚ୍‌ଡି କରୁଥିବା ଭବାନୀ ଦେବୀ ଏକମାତ୍ର ଓ ପ୍ରଥମ ଭାରତୀୟ ଅସି ଚାଳିକା ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ହଙ୍ଗେରୀରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଉତ୍ତମ ପ୍ରଦର୍ଶନ ସହ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କର ବିଶ୍ୱ ର୍ୟାଙ୍କ୍ ୪୨ ରହିଥିବା ବେଳେ ୨୦୧୮ରେ ଅଷ୍ଟ୍ରିଆରେ ଅନୁଷ୍ଠିତ ସିନିୟର ରାଜ୍ୟଗୋଷ୍ଠୀ ଅସିଚାଳନା ପ୍ରତିଯୋଗିତାରେ ପ୍ରଥମ ଭାରତୀୟଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି କିଟ୍ ବିବିଏ ଛାତ୍ର ଶିବପାଲ ସିଂ ମାର୍ଚ୍ଚ ମାସରେ ଦକ୍ଷିଣ ଆଫ୍ରିକାର ଏସିଏନ୍‌ଡବ୍ଲ୍ୟୁ ମିଟ୍‌ରେ ୮୫.୪୭ ମିଟର ଜାଭେଲିନ୍ ଥ୍ରୋ କରି ସ୍ୱର୍ଣ୍ଣ ପଦକ ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଭାରତର ଅନ୍ୟତମ କ୍ରୀଡ଼ାବିତ୍ ନିରଜ ଚୋପ୍ରାଙ୍କ ସହ ଶିବପାଲ୍ ଜାଭେଲିନ ଥ୍ରୋରେ ଭାରତର ପ୍ରତିନିଧିତ୍ୱ କରିବେ। ସେହିପରି ଭାରତୀୟ ପୁରୁଷ ହକି ଦଳର ଡାକ୍ତର ଭାବେ କିମ୍ସର ସୁଦୀପ ଶତପଥୀ ମନୋନୀତ ହୋଇଛନ୍ତି। ସୁଦୀପ ପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ପୋର୍ଟ୍ସ ମେଡିସିନ୍ ଡାକ୍ତର ଭାବେ ଯୋଗ ଦେଇଥିଲେ। କ୍ଲିନିକାଲ୍ ଫିଜିଓଲୋଜିଷ୍ଟ ତଥା ସ୍ପୋର୍ଟ୍ସ ଆଣ୍ଡ ଏକ୍ସରସାଇଜ୍ ଫିଜିଓଲୋଜି ବିଶେଷଜ୍ଞ ଭାବେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି।

ଅଚ୍ୟୁତଙ୍କ ପୌରୋହିତ୍ୟରେ ରବିବାର ଏହି ଖେଳାଳିଙ୍କ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସମ୍ମାନନୀୟ ଅତିଥି ଭାବେ କ୍ରୀଡ଼ା ଓ ଯୁବବ୍ୟାପାର ତଥା ପର୍ଯ୍ୟଟନ ବିଭାଗ ମୁଖ୍ୟ ସଚିବ ବିଶାଳ କୁମାର ଦେବ ପ୍ରମୁଖ ଯୋଗଦେଇଥିଲେ। କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୩ରୁ ଦୂତୀଙ୍କ ସମସ୍ତ ସୁଖଦୁଃଖରେ କିଟ୍ ସାମିଲ ହୋଇ ଆସିଛି। ଅଲିମ୍ପିକ୍ସରୁ ଫେରିବା ପରେ ଦୂତୀଙ୍କୁ ଦୁଇଟି ବଡ଼ ଉପହାର ପ୍ରଦାନ କରାଯିବ ବୋଲି ସ୍ୱାଗତ ଭାଷଣ ଅବସରରେ ଅଚ୍ୟୁତ ପ୍ରକାଶ କରିଥିଲେ।

## ଦକ୍ଷିଣ ଆଫ୍ରିକା ସିରିଜ ବିଜୟୀ

ସେଣ୍ଟ ଜର୍ଜ (ଗ୍ରେନେଡା), ୪।୭ (ଏପି)

ସ୍ଥାନୀୟ ନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ୫ମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨୫ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଡେନ ମାରକ୍ରାମ ଓ କ୍ୱିଣ୍ଟନ ଡି'କକ୍ ଦ୍ୱିତୀୟ ଉଇକେଟରେ ୧୨୭ରନ ଯୋଗ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ଦ୍ୱାରା ଦକ୍ଷିଣ ଆଫ୍ରିକା ୩-୨ରେ ସିରିଜ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୮/୪ (ମାରକ୍ରାମ-୭୦, ଡି'କକ୍-୬୦, ଫିଡେଲ ଏଡୱାର୍ଡ୍ସ-୨/୧୯)।

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୪୩/୯ (ଏଭିନ୍ ଲୁଇସ୍-୫୨, ସିମରନ ହେଟମେୟର-୩୩, ଲୁନ୍‌ଗି ଏନ୍‌ଗିଡି-୩/୩୨, କାଗିସୋ ରାବାଡା-୨/୨୪, ୱିଆନ ମଲ୍ଡର-୨/୩୧)।

## ଭର୍ଷ୍ଟାପେନ୍ ଜିତିଲେ ଅଷ୍ଟ୍ରିଆନ ଗ୍ରାଁ ପ୍ରି

ସ୍ପେଲବର୍ଗ (ଅଷ୍ଟ୍ରିଆ), ୪।୭

ରେଡ୍‌ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ଅଷ୍ଟ୍ରିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ରେସ୍‌ରେ ସେ ୧:୨୩:୫୪.୫୪୩ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମର୍ସିଡିଜ୍‌ର ଭାଲଟେରୀ ବୋଟ୍ଟାସ ଏବଂ ମ୍ୟାକଲରେନର ଲାନ୍‌ଡୋ ନୋରିସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫଳରେ ଏହି ତିନି ଡ୍ରାଇଭରଙ୍କୁ ଯଥାକ୍ରମେ ୨୬, ୧୮ ଓ ୧୫ ପଏଣ୍ଟ ମିଳିଛି। ୪ର୍ଥରୁ ଯଥାକ୍ରମେ ୧୦ମ ସ୍ଥାନ ହାସଲ କରି ଟପ୍-୧୦ ଫିନିଶ୍ କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମ୍ୟାକ୍‌ଲରେନର ଲୁଇସ ହାମିଲଟନ, ଫେରାରୀର କାର୍ଲୋସ ସିଞ୍ଜ୍ ଜୁନିୟର, ରେଡ୍‌ବୁଲ୍‌ର ସର୍ଗିଓ ପେରେଜ, ମ୍ୟାକଲରେନର ଡାନିଏଲ ରିକାର୍ଡୋ, ଫେରାରୀର ଚାର୍ଲ୍ସ ଲେକ୍‌ରେକ୍, ଆଲ୍‌ଫା



ଟ୍ରଫି ସହ ମ୍ୟାକ୍ସ ଭର୍ଷ୍ଟାପେନ।

ଟୌରୀର ପିଏରେ ଗାସ୍‌ଲେ ଏବଂ ଆଲପାଇନ୍‌ର ଫର୍ନାଣ୍ଡୋ ଆଲୋଁସୋ। ଅନ୍ୟ ନାମୀ ଡ୍ରାଇଭରଙ୍କ ମଧ୍ୟରେ ଆଲ୍‌ଫା ରୋମିଓର କିମି ରାଇକୋନେନ ଏବଂ ଆଷ୍ଟନ ମାର୍ଟିନର ସେବାଷ୍ଟିଆନ ଭେଟେଲ ପ୍ରମୁଖ ଯଥାକ୍ରମେ ୧୬ ଓ ୧୭ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରିଆନ ଗ୍ରାଁ ପ୍ରି ପରେ ଭର୍ଷ୍ଟାପେନ ୧୮୨ ପଏଣ୍ଟ ସହିତ ଡ୍ରାଇଭର୍ସ ଷ୍ଟାଣ୍ଡିଂର ଶୀର୍ଷସ୍ଥାନରେ ରହିଛନ୍ତି। ସେ ଏହାକୁ ମିଶାଇ ୫ଟି ଗ୍ରାଁ ପ୍ରି ଜିତି ସାରିଛନ୍ତି। ୩ ଗ୍ରାଁ ପ୍ରି ଜିତିଥିବା ହାମିଲଟନ ୧୫୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୧୦୦ରୁ ଉର୍ଦ୍ଧ୍ୱ ପଏଣ୍ଟ ପାଇଥିବା ଅନ୍ୟ ୨ ଡ୍ରାଇଭର ହେଲେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ (୧୦୪) ଓ ମ୍ୟାକ୍‌ଲରେନର ଲାନ୍‌ଲୋ ନୋରିସ(୧୦୧)। କନ୍‌ଷ୍ଟ୍ରକ୍ଟର୍ସ ଷ୍ଟାଣ୍ଡିଂରେ ୨୮୬ ପଏଣ୍ଟ ସହିତ ରେଡ୍‌ବୁଲ୍ ଟିମ୍ ଶୀର୍ଷରେ ଅପରିବର୍ତ୍ତିତ ରହିଛି। ମର୍ସିଡିଜ୍ ୨୪୨ ଏବଂ ମ୍ୟାକଲରେନ ୧୪୧ ପଏଣ୍ଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।

# କୋନର ଜିତିଲେ ୯ମ ଷ୍ଟେଜ୍



ବେନ୍ ଓ' କୋନର

**ପ୍ୟାରିସ, ୪।୭:** ଅଷ୍ଟ୍ରେଲିଆର ବେନ୍ ଓ' କୋନର ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୯ମ ଷ୍ଟେଜ୍ ବିଜେତା ହୋଇଛନ୍ତି।

କ୍ଲୁସେସ୍‌ଠାରୁ ଟାଇଗ୍ନେସ ୧୪୪.୯ କିଲୋମିଟର ଦୂରତା ବିଶିଷ୍ଟ ଏହି ରେସ୍‌କୁ ସେ ୪ ଘଣ୍ଟା ୨୬ ମିନିଟ୍ ୪୩ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ଇଟାଲୀର ଦୁଇ ରାଇଡର ମାଟିଆ କାଟାନେଓ ଓ ସୋନି କଲବ୍ରେଲି। ୨୫ ବର୍ଷୀୟ କୋନର ଜେନେରାଲ କ୍ଲାସିଫିକେଶନରେ ଲିଡର ତଥା ୟେଲୋ ଜର୍ସି ବିଜେତା ଟାଡେଜ ପୋଗାକାରଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଟୁର୍‌ର ଦ୍ୱିତୀୟ ମାଉଣ୍ଟେନ ଷ୍ଟେଜ୍ ଆରମ୍ଭ ହେବା ପୂର୍ବରୁ ଗତ ବର୍ଷର ରନର୍ସଅପ୍ ପ୍ରିମୋଜ୍ ରଗ୍‌ଲିକ୍ ଓ ମାଥ୍ୟୁ ଭାନ୍‌ଡର୍ ପୋଏଲ୍ ରେସ୍‌ରୁ ଓହରିଯାଇଥିଲେ। ଗତ ସୋମବାର ୱେଷ୍ଟର୍ନ ବ୍ରିଟାନି ଅଞ୍ଚଳରେ ଦୁର୍ଘଟଣାରେ ରଗ୍‌ଲିକ୍ ଆହତ ହୋଇଥିଲେ। ସେହିଦିନଠାରୁ ସେ ପ୍ରତିଯୋଗିତାରେ ସଂଘର୍ଷ କରି ଆସୁଛନ୍ତି।

## ଟର୍ଚ୍ଚ ରିଲେରେ କିମ୍ବଦନ୍ତୀ ଫୁଟବଲର ଜିକୋ

କାଶିମା, ୪।୭

ଜାପାନର କାଶିମା ସହରରେ ଅନୁଷ୍ଠିତ ଅଲିମ୍ପିକ ମଶାଲ ରାଲିରେ ସାମିଲ ହୋଇଛନ୍ତି କିମ୍ବଦନ୍ତୀ ବ୍ରାଜିଲ ଫୁଟବଲର ଜିକୋ। ସେ ଅନ୍ୟତମ ଅନ୍ତିମ ମଶାଲ ବାହକ ଭାବେ କାଶିମା ସହରର ଇବାରାକି ପ୍ରାନ୍ତରେ ରବିବାର ଅନୁଷ୍ଠିତ ମଶାଲ ରାଲିରେ ଦୌଡ଼ିଛନ୍ତି।

ଜଣେ ଆଟାକିଂ ମିଡ୍‌ଫିଲ୍ଡର ଭାବେ ବେଶ୍ ଜଣାଥିବା ଜିକୋ ନିଜର ରଚନାତ୍ମକ ଖେଳିବା ଶୈଳୀ, ଟେକ୍‌ନିକାଲ ସ୍କିଲ ଓ ଗୋଲ ସ୍କୋର କରିବାର କ୍ଷମତା ପାଇଁ ବେଶ ଲୋକପ୍ରିୟ ଥିଲେ। ବ୍ରାଜିଲ ପାଇଁ ଜକୋ ୩ଟି

TOKYO 2020
ଆଉ ୧୯ ଦିନ

ଫିଫା ବିଶ୍ୱକପ୍ ଖେଳିଛନ୍ତି। ସେ ୧୯୮୨ ଦଳର ସଦସ୍ୟ ଥିଲେ ଓ ଏହି ଦଳ ବିଶ୍ୱର ସର୍ବଶ୍ରେଷ୍ଠ ବୋଲି ମାନ୍ୟତା ପାଇଥିଲା। ଜଣେ ଖେଳାଳି ଭାବେ ସେ କାଶିମା ଆଣ୍ଟଲେର୍ସ କ୍ଲବରେ ୧୯୯୧ରେ ଯୋଗ ଦେଇଥିଲେ ଓ ୧୯୯୪ ପର୍ଯ୍ୟନ୍ତ କ୍ଲବ ସହିତ ଜଡିତ ଥିଲେ। ୨୦୦୨ରେ ସେ ଜାପାନ ଜାତୀୟ ଦଳର କୋଚ୍ ନିଯୁକ୍ତ ହୋଇଥିଲେ ଓ ଜର୍ମାନୀରେ ଅନୁଷ୍ଠିତ ୨୦୦୬ ବିଶ୍ୱକପ୍‌ରେ ଦଳର ଦାୟିତ୍ୱରେ ଥିଲେ। ଏବେ ସେ କାଶିମା ଆଣ୍ଟଲେର୍ସର ଟେକନିକାଲ ଡାଇରେକ୍ଟର ଭାବେ ଦାୟିତ୍ୱରେ ରହିଛନ୍ତି। ୧୨୧ ଦିନ ମଧ୍ୟରେ ଅଲିମ୍ପିକ୍ ମଶାଲ ରାଲି ଜାପାନର ୪୭ଟି ପ୍ରାନ୍ତରେ ଭ୍ରମଣ କରିବାର କାର୍ଯ୍ୟକ୍ରମ ଥିଲା। ଜୁଲାଇ ୨୩ ତାରିଖ ଉଦ୍‌ଘାଟନୀ ଦିବସରେ ମଶାଲ ରାଲି ଶେଷ ହେବ।

## ସର୍ବିୟା ଟିମ୍‌ର ଜଣେ ପଜିଟିଭ୍

**ଟୋକିଓ, ୪।୭ (ଏପି):** ଅଲିମ୍ପିକ୍ସରେ ଭାଗ ନେବା ଲାଗି ଜାପାନରେ ପହଞ୍ଚିଥିବା ସର୍ବିୟା ରୋଇଂ ଟିମ୍‌ର ଜଣେ ସଦସ୍ୟ କରୋନା ସଂକ୍ରମିତ ଥିବା କୋଭିଡ୍ ଟେଷ୍ଟରେ ଜଣାପଡ଼ିଛି। ସମ୍ପୃକ୍ତ ଆଥ୍‌ଲେଟ ଜଣଙ୍କୁ ଟୋକିଓସ୍ଥିତ ହାନେଦା ବିମାନବନ୍ଦରରେ ଆଇସୋଲେଶନରେ ରଖାଯାଇଛି। ଟିମ୍‌ର ଅନ୍ୟ ୪ ସଦସ୍ୟଙ୍କୁ ବିମାନବନ୍ଦର ନିକଟବର୍ତ୍ତୀ ଅନ୍ୟ ଏକ ସ୍ଥାନରେ ରଖାଯାଇଛି। ସର୍ବିୟା ରୋଇଂ ଟିମ୍ ସେଣ୍ଟ୍ରାଲ ଜାପାନ ଅନ୍ତର୍ଗତ ନାନ୍‌ଟୋରେ ଏକ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇଥାନ୍ତା। ଏହି ଟ୍ରେନିଂ କ୍ୟାମ୍ପକୁ ବାତିଲ କରିଦିଆଯିବା ସମ୍ଭାବନା ରହିଛି। ଗତ ମାସରେ ଜାପାନରେ ପହଞ୍ଚିଥିବା ଉଗାଣ୍ଡାର ଏକ ଅଲିମ୍ପିକ ପ୍ରତିନିଧି ଦଳର ୨ଜଣ ସଦସ୍ୟ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣେ ପ୍ରଥମେ ଟୋକିଓ ନିକଟବର୍ତ୍ତୀ ନାରିତା ବିମାନ ବନ୍ଦରରେ ପଜିଟିଭ ଚିହ୍ନଟ ହୋଇଥିଲେ।

## ସରୋଜ ଖାନ୍‌ଙ୍କ ବାୟୋପିକ୍ ନିର୍ମାଣ ହେବ

**ମୁମ୍ବାଇ:** ବଲିଉଡ୍‌ର ବେଶ ଜଣାଶୁଣା କୋରିଓଗ୍ରାଫର ସରୋଜ ଖାନ୍‌ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶନିବାର ପାଳନ କରାଯାଇଛି । ଏହି ଅବସରରେ ଆଗାମୀ ଦିନରେ ସରୋଜଙ୍କ ଜୀବନୀକୁ ନେଇ ଏକ ବାୟୋପିକନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ତେବେ କିଏ ଓ କେବେ ଏହି ବାୟୋପିକ କରିବେ ତାହା ସ୍ପଷ୍ଟ ହୋଇ ନାହିଁ । ସରୋଜଙ୍କ ଝିଅ ସୁକୈାନା ଖାନ୍ କହିଛନ୍ତି, ମୋ ମା'ଙ୍କୁ ବଲିଉଡ୍ ଖୁବ୍ ସମ୍ମାନ ଦେଇଛି। ଆମେ ତାଙ୍କ ସଂଘର୍ଷକୁ ଅତି ନିକଟରୁ ଦେଖିଛୁ । ଏହି ବାୟୋପିକ ମାଧ୍ୟମରେ ସମସ୍ତଙ୍କ ପ୍ରତି ତାଙ୍କର ଭଲପାଇବା, ନୃତ୍ୟ ପାଇଁ ଆକର୍ଷଣ ଲୋକଲୋଚନକୁ ଆସିବ। ୭୧ ବର୍ଷ ବୟସରେ ସରୋଜଙ୍କ ଗତବର୍ଷ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।

# କମଳା ରସରୁ ନକଲି କୋଭିଡ୍ ରିପୋର୍ଟ

**କରୋନା ମହାମାରୀ ପାଇଁ ପ୍ରଭାବିତ ହୋଇଛି ପାଠପଢ଼ା। ଅନେକ ଦେଶରେ ସରକାର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକୁ ବାତିଲ କରିବାକୁ ବାଧ ହେଉଥିବାବେଳେ ଏବେ ଅନ୍‌ଲାଇନ୍ ସାଜିଛି ଶିକ୍ଷାଦାନର ମାଧ୍ୟମ। ହେଲେ ବ୍ରିଟେନର କେତେଜଣ ଚଗଲା ଛାତ୍ରୀଛାତ୍ର ସ୍କୁଲ ଯିବା ଏବଂ ପାଠପଢ଼ାରୁ ବର୍ତ୍ତିବା ଲାଗି ମନ୍ଦବୁଦ୍ଧି ଖଟାଉଛନ୍ତି। କମଳା ରସ ଉପଯୋଗ କରି ସେମାନେ କୋଭିଡ୍-୧୯ ପଜିଟିଭ୍ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଏହା ଜଣାପଡ଼ିବା ପରେ ବ୍ରିଟେନ ସରକାରଙ୍କ ଅକଲଗୁଡୁମ ହୋଇଯାଇଛି।**



**ଲଣ୍ଡନ:** ପାଠପଢୁଆ ଛୋଟ ପିଲାମାନେ ସାଧାରଣତଃ ଟିକେ ଅଧିକ ଚଗଲା ପ୍ରକୃତିର। ସ୍କୁଲ, ବହିବସ୍ତାନିର ଚାପରୁ ମୁକୁଳିବାକୁ ସେମାନେ ବାହାନା ଖୋଜୁଥାଆନ୍ତି। ହେଲେ ବ୍ରିଟେନ୍‌ର ପାଠପଢୁଆ ପିଲାମାନେ ଏସବୁରୁ ଗୋଟିଏ ପାଦ ଆଗରେ ଅଛନ୍ତି। ସେମାନେ କମଳା ରସ ଉପଯୋଗ କରି ନକଲି କୋଭିଡ୍ ପଜିଟିଭ୍ ରିପୋର୍ଟ ପ୍ରସ୍ତୁତ କରି ସ୍କୁଲରେ ଦାଖଲ କରୁଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଅସହାୟ ହୋଇ ସେମାନଙ୍କୁ ଛୁଟି ମଞ୍ଜୁର କରିବାକୁ ବାଧ ହେଉଛନ୍ତି। ଫଳରେ ପିଲାମାନେ ଅତି ସହଜରେ ୧୦ରୁ ୧୫ ଦିନ ଯାଏ ଛୁଟି ନେଇ ମଉଜ ମଜଲିସ କରୁଛନ୍ତି। ତେବେ କେତେଜଣ ଶିକ୍ଷକ ପିଲାମାନଙ୍କ ଏଭଳି କାରସାଦିକୁ ଧରିବାରେ ସଫଳ ହୋଇଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ସ୍ୱାବ୍ ବଦଳରେ ପିଲାମାନେ ଆଣ୍ଟିଜେନ ଟେଷ୍ଟିଂ କିଟ୍‌ରେ କୌଶଳ କରି କମଳା ରସ ପୂରାଇ ଦେଉଥିଲେ। ଫଳରେ ରିପୋର୍ଟ ପଜିଟିଭ୍ ଆସୁଥିଲା। ଶିକ୍ଷକଙ୍କ ଏଭଳି ଅଭିଯୋଗ ପରେ ଏହାର ସତ୍ୟାସତ୍ୟ ଜାଣିବା ଲାଗି ବ୍ରିଟିଶ ଖବରକାଗଜ ଦି ଗାର୍ଡିଏନ୍ ପକ୍ଷରୁ ସ୍ୱତନ୍ତ୍ର ଲ୍ୟାବ୍‌ରେ ଏହାର ପରୀକ୍ଷା କରାଯାଇଥିଲା। କମଳା ରସରେ ଯଦିଓ ଭାଇରସ୍ ନାହିଁ, ତଥାପି ଏଥିରେ ଥିବା ଅମ୍ଳୀୟ ତତ୍ତ୍ୱ ପାଇଁ କରୋନା ଟେଷ୍ଟିଂ ରିପୋର୍ଟ ପଜିଟିଭ୍ ଆସୁଥିଲା। କେବଳ କମଳା ରସ ନୁହେଁ, ଅନ୍ୟ ମୃଦୁପାନୀୟ, ଟମାଟୋ ସସ୍‌କୁ ବ୍ୟବହାର କରାଯିବା ପରେ ବି ସମାନ ରିପୋର୍ଟ ଆସିଥିଲା।

ବ୍ରିଟେନର ଜଣେ ବିଜ୍ଞାନ ଶିକ୍ଷକ ଏ ସମ୍ପର୍କରେ କହିଛନ୍ତି, ପିଲାମାନେ ଏଭଳି ନକଲି ରିପୋର୍ଟ ଦେଇ ସପ୍ତାହରୁ ଅଧିକ ଦିନ ଛୁଟିରେ ରହୁଛନ୍ତି। ଲଣ୍ଡନର ୟୁନିଭର୍ସିଟି କଲେଜର ପ୍ରଫେସର ଆଣ୍ଡ୍ରିଆ ସେଲା କୁହନ୍ତି, ପିଲାମାନେ ଏଭଳି ମିଥ୍ୟା ରିପୋର୍ଟ ଦେଇ ଛୁଟିରେ ରହିବା ଆଶ୍ଚର୍ଯ୍ୟଜନକ ନୁହେଁ। ତେବେ ଜାଣିଶୁଣି କରୋନା ପ୍ରୋଟୋକଲ ନିୟମ ଭଙ୍ଗ କରିବା ଅପରାଧ। ଏହାର ପରିଣାମ ସେମାନଙ୍କୁ ଭୋଗିବାକୁ ପଡ଼ିବ।

ଅପରପକ୍ଷେ ବ୍ରିଟେନରେ ଟିକ୍‌ଟକ୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପିଲାମାନଙ୍କ ଏଭଳି ମନ୍ଦବୁଦ୍ଧି ସମ୍ପର୍କିତ ତଥ୍ୟ ଦ୍ରୁତଗତିରେ ଭାଇରାଲ୍ ହେଉଛି। ଏଭଳି ଏକ ଭିଡିଓକୁ ଅଦ୍ୟାବଧି ସାଢ଼େ ୬ ମିଲିୟନରୁ ଅଧିକ ଲୋକ ଦେଖି ସାରିଲେଣି।

### ସ୍କୁଲ ନ ଯିବାକୁ ବ୍ରିଟେନ୍ ଛାତ୍ରୀଛାତ୍ରଙ୍କ କାରନାମା




## ଡିମି ବାନ୍ତି ଚୋରି

**ମୁମ୍ବାଇ:** ମୁମ୍ବାଇ କ୍ରାଇମବ୍ରାଞ୍ଚ ବେଆଇନ ଭାବେ ଡିମି ବାନ୍ତିରୁ ଅମ୍ବରଗ୍ରିସ ଚୋରି କରୁଥିବା ଏକ ଗ୍ୟାଙ୍ଗର ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬ କିଲୋଗ୍ରାମ ଅମ୍ବରଗ୍ରିସ ଜବତ ହୋଇଛି। ଏହି ଅମ୍ବରଗ୍ରିସର ବଜାର ମୂଲ୍ୟ ୬ କୋଟିରୁ ଅଧିକ ଟଙ୍କା ହେବ ବୋଲି କୁହାଯାଉଛି। ଅନେକ ଔଷଧ ତିଆରିରେ ଆମ୍ବରଗ୍ରିସ ବ୍ୟବହୃତ ହୁଏ ଏବଂ ଏହା ବହୁତ ମହଙ୍ଗା ହୋଇଥାଏ।

ଜନ୍ମଦିନ ଶୁଭେଚ୍ଛା



Arshit (Gunu)
IRC Village, Bhubaneswar
ଆଜି ଶୁଭ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୨୧୦୨୦

# 'ଇଚ୍ଛା ନ ହେଲେ ମାସ୍କ ପିନ୍ଧନ୍ତୁ ନାହିଁ'



**ଲଣ୍ଡନ:** ଇଚ୍ଛା ହେଲେ ମାସ୍କ ପିନ୍ଧନ୍ତୁ ନ ହେଲେ ନାହିଁ। ବ୍ରିଟେନ୍‌ରେ ଖୁବ୍‌ଶୀଘ୍ର ଏଭଳି ନିୟମ ଅଣାଯିବ ବୋଲି ରବିବାର ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ। ଯଦି ଅନୁମତି ମିଳେ, ତେବେ ଆପଣ କ'ଣ ମାସ୍କ ପିନ୍ଧିବେ ନାହିଁ। ଏହି ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ଜନସନ କହିଥିଲେ, 'ଯଦି ସମ୍ଭବ ହୁଏ, ତେବେ ଅନେକ ଲୋକ ମାସ୍କଠାରୁ ଦୂରେଇ ଯିବାକୁ ପସନ୍ଦ କରିବେ। ମୁଁ ମଧ୍ୟ ମାସ୍କ ପିନ୍ଧିବି ନାହିଁ। ମୋତେ ଏହା ପସନ୍ଦ ନୁହେଁ। ମାସ୍କ ପିନ୍ଧିବାକୁ ଅଧିକ ଲୋକେ ପସନ୍ଦ କରୁଥିବା ମୋତେ ଲାଗୁ ନାହିଁ। ଆଗକୁ ଏଭଳି ସମୟ ଆସିବ ମାସ୍କ ପିନ୍ଧିବା ବ୍ରିଟେନ୍‌ରେ ବ୍ୟକ୍ତିଗତ ପସନ୍ଦର ବିଷୟ ହୋଇଯିବ' ବୋଲି ସେ କହିଛନ୍ତି।

# ୱେବ୍‌ସାଇଟ୍‌ରେ ଆଇମା' କାହାଣୀ



**ଜୟପୁର:** ଶୋଇବା ପୂର୍ବରୁ ଆଇମା' କାହାଣୀ ନ ଶୁଣିଲେ ଦିନେ ପିଲାଙ୍କୁ ନିଦ ହେଉ ନ ଥିଲା। କିନ୍ତୁ ଆଜିକାଲିର ପିଲାମାନେ ଏସବୁ ଆଇମା କାହାଣୀଠାରୁ ଢେର୍ ଦୂରେଇ ଗଲେଣି। ହଜି ଯିବାକୁ ବସିଥିବା ଏହି ଆଇମା' କାହାଣୀକୁ ପୁଣି ଥରେ ଲୋକପ୍ରିୟ କରାଇବା ପାଇଁ ଏକ ଉଦ୍ୟମ କରିଛନ୍ତି ଦ୍ୱାଦଶ ଶ୍ରେଣୀର ଛାତ୍ରୀ ପ୍ରିୟଲ ଜୈନ। ନିଜ ଉଦ୍ୟମରେ ଏକ ୱେବ୍‌ସାଇଟ୍ ଖୋଲି ଏହି ମାଧ୍ୟମରେ ଏବେ ସେ ପିଲାଙ୍କ ପାଇଁ ଗପ ଲେଖିବା ଆରମ୍ଭ କରିଛନ୍ତି।

ରାଜସ୍ଥାନର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ହେଉଛନ୍ତି ପ୍ରିୟଲ ଜୈନ। ଲକ୍‌ଡାଉନ୍ ହେବା ପରଠାରୁ ସେ ଓ ତାଙ୍କ ସାନ ଭଉଣୀ ଗାଁରେ ଥିବା ତାଙ୍କ ଜେଜେ ଓ ଜେଜେମାଙ୍କ ପାଖକୁ ଯାଇ ପାରିନାହାନ୍ତି। ତେଣୁ ତାଙ୍କ ସାନ ଭଉଣୀ ଜେଜେମା'ଙ୍କଠାରୁ ଗପ ଶୁଣି ପାରୁ ନ ଥିବାରୁ ସେ ବହୁତ ମନ ଦୁଃଖ କରୁଥିଲେ। ସାନ ଭଉଣୀକୁ ନିଜେ ଗପ କହିବା ସହିତ ଅନ୍ୟ ସମସ୍ତଙ୍କୁ କିପରି ଗପ କହିହେବ ସେ କଥା ଚିନ୍ତା କରୁଥିଲେ। କାହିଁକି ନା ଆଜିକାଲି ଅଧିକାଂଶ ପିଲା ମୋବାଇଲ କିମ୍ବା ଟିଭିରେ କାର୍ଟୁନ ଦେଖି ସମୟ ଅତିବାହିତ କରୁଛନ୍ତି। ଲୋକଙ୍କର ଜୀବନଶୈଳୀ ବଦଳିଯିବା କାରଣରୁ ହିଁ ପିଲାମାନେ ଏଭଳି କାର୍ଟୁନ ଦେଖିବା ପାଇଁ ବାଧ ହେଉଛନ୍ତି। କିନ୍ତୁ ପିଲାମାନଙ୍କ ମଧ୍ୟରେ ପୁଣି ଥରେ ଗପକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ୱେବ୍‌ସାଇଟରେ ଏବେ ସେ ଗପ କହିବା ପାଇଁ ଆରମ୍ଭ କରିଛନ୍ତି 'ବର୍ଣ୍ଣନ'। ଏହି ୱେବସାଇଟ୍ ମାଧ୍ୟମରେ ସେ ନିଜେ ପିଲାବେଳେ ଶୁଣିଥିବା ଗପ ସବୁ ପ୍ରକାଶ କରୁଛନ୍ତି। ଏହା ସହିତ ଆହୁରି ବିଭିନ୍ନ ଗାଳ୍ପିକଙ୍କର ଲେଖା ମଧ୍ୟ ପ୍ରକାଶ କରୁଛନ୍ତି। ପ୍ରିୟଲଙ୍କ କହିବା ଅନୁସାରେ ଗପ ମାଧ୍ୟମରେ ପିଲାଙ୍କ ମନ ଉପରେ ପ୍ରଭାବ ପଡିଥାଏ। ତେଣୁ ଗପ ଶୁଣିବା ପରେ ଗପର ଚରିତ୍ର ମାଧ୍ୟମରେ ସେମାନେ ଭଲ ଆଚରଣ ଶିକ୍ଷା କରିପାରନ୍ତି। ଏହା ସହିତ ଭାରତୀୟ ସଂସ୍କୃତି, ପୁରାଣ, ଇତିହାସ ଆଦି ସମ୍ପର୍କରେ ମଧ୍ୟ ଅନେକ ବିଷୟରେ ସେମାନଙ୍କର ଜ୍ଞାନ ଆସିଥାଏ। ତେଣୁ ପିଲାମାନଙ୍କର ବୌଦ୍ଧିକ ଏବଂ କାଳ୍ପନିକ ଶକ୍ତି ବିକାଶ କରିବା ପାଇଁ ଛୋଟବେଳୁ ସେମାନଙ୍କୁ ବିଭିନ୍ନ ପ୍ରକାରର ଗପ ଶୁଣାଇବା ଏକ ଭଲ ଅଭ୍ୟାସ। ଏହି ଦୃଷ୍ଟିରୁ ପ୍ରିୟଲ ଏବେ ତାଙ୍କ ୱେବସାଇଟ୍ 'ବର୍ଣ୍ଣନ' ମାଧ୍ୟମରେ ଇତିହାସ ଓ ପୁରାଣର ବହୁ କଥା ମଧ୍ୟ ପ୍ରକାଶ କରୁଛନ୍ତି। ତାଙ୍କର ଏଭଳି ଏକ ଉଦ୍ୟମକୁ ଏବେ ସବୁ ମହଲରୁ ସ୍ୱାଗତ କରାଯାଇଛି।

## ଭିକିଙ୍କ ଘରେ ନୂଆ ଅତିଥି



**ମୁମ୍ବାଇ:** ଅଭିନେତା ଭିକି କୌଶଲ ଏକ ଲକ୍‌ଜରିୟସ ଗାଡି କିଣି ଏହାର ଏକ ଫଟୋ ଶେୟାର କରିବା ସହ କ୍ୟାପଶନରେ ଲେଖିଛନ୍ତି ଘରକୁ ଆସିଛି ନୂଆ ଅତିଥି । ଭିକି ରେଞ୍ଜ ରୋଭର ଗାଡ଼ି କିଣିବା ସହ ଏହାର ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଭିକିଙ୍କ ଏହି ନୂଆ ଅତିଥିକୁ ନେଇ ଅଭିନେତ୍ରୀ କ୍ୟାଟ୍ରିନା କୈଫ ଖୁବ ଖୁସି ଥିବେ ବୋଲି କୁହାଯାଉଛି। କିଛିଦିନ ହେବ ଉଭୟଙ୍କ ରିଲେସନଶିପକୁ ନେଇ ଆଲୋଚନା ହେଉଥିବା ବେଳେ ଏମାନେ କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ସ୍ୱୀକାର କରିନାହାନ୍ତି।

# ପଥର ପାଲଟୁଛି ୫ ମାସର ଶିଶୁ



**ଲଣ୍ଡନ:** ବ୍ରିଟେନରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ଏଠାରେ ଜଣେ ୫ ମାସର ଶିଶୁ କନ୍ୟା ଜଟିଳ ରୋଗ ସହ ଲଢୁଛନ୍ତି। ସେ ଚଳିତ ବର୍ଷ ଜାନୁୟାରୀ ୩୧ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଶରୀର ଧୀରେ ଧୀରେ ପଥର ହେବାରେ ଲାଗିଛି। ଏହି ରୋଗ ମାଂସପେଶୀକୁ ହାଡରେ ପରିଣତ କରିଦିଏ। ଏହି ଝିଅର ନାମ ହେଉଛି ଲେକ୍ସି ରୋବିନ୍ସ। ସେ ତାଙ୍କ ଆଙ୍ଗୁଠି ହଲାଇ ପାରୁନାହାନ୍ତି। ଏହାସହ ତାଙ୍କ ଆଙ୍ଗୁଠି ମଧ୍ୟ ବହୁତ ବଡ। ଜନ୍ମର କିଛି ମାସ ପରେ ମାତାପିତା ତାଙ୍କୁ ଡାକ୍ତରଙ୍କ ନିକଟକୁ ନେଇଯାଇଥିଲେ। ଡାକ୍ତର ବିଶେଷଜ୍ଞଙ୍କ କହିବା ଅନୁସାରେ, ସେ ଫାଇବ୍ରୋଡିସପ୍ଲାସିଆ ଓସିଫିକାନ୍ସ ପ୍ରୋଗ୍ରେସିଭା (ଏଫଓପି) ନାମକ ଏକ ରୋଗରେ ପୀଡିତ ଅଛନ୍ତି। ଦୁଇ ଲକ୍ଷ ଶିଶୁଙ୍କ ମଧ୍ୟରୁ ଜଣେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏପ୍ରିଲରେ କରାଯାଇଥିବା ତାଙ୍କର ଏକ୍ସ-ରେ ଜଣାପଡିଥିଲା ଯେ ତାଙ୍କ ପାଦରେ ଯାଆଁଳା ଆଙ୍ଗୁଠି ଅଛି। ଏଫଓପି ରୋଗ କଙ୍କାଳ ବାହାରେ ହାଡ ସୃଷ୍ଟି କରେ। ଏହି କାରଣରୁ ରୋଗୀ ଚଳପ୍ରଚଳ ହୋଇପାରେନାହିଁ। ଏହି ରୋଗ ପାଇଁ କୌଣସି ଚିକିତ୍ସା ନାହିଁ ।

ଏହିପରି ଲୋକମାନେ ୨୦ ବର୍ଷ ବୟସ ପର୍ଯ୍ୟନ୍ତ ଶଯ୍ୟାରେ ଶୋଇଥା'ନ୍ତି। ସେମାନଙ୍କର ସର୍ବାଧିକ ୪୦ ବର୍ଷ ବଞ୍ଚିଥାନ୍ତି। ଲେକ୍ସି ହେଉ କିମ୍ବା ଅନ୍ୟ କେହି, ସେମାନେ ସାମାନ୍ୟ ଝଟ୍‌କା ମଧ୍ୟ ସହି ପାରିବେ ନାହିଁ। ପଡିଗଲେ ସେମାନଙ୍କର ଅବସ୍ଥା ଖରାପ ହୋଇଯାଏ। ଏପରି ରୋଗୀମାନେ ମଧ୍ୟ ସନ୍ତାନ ପ୍ରସବ କରିପାରିବେ ନାହିଁ। ସେମାନେ ଇଞ୍ଜେକ୍ସନ, ଟିକା ଏବଂ ଦାନ୍ତ ଚିକିତ୍ସା ମଧ୍ୟ ପାଇପାରିବେ ନାହିଁ।

# ୧୦ ବର୍ଷରେ ବୃଦ୍ଧା ହୋଇଗଲେ



**କ୍ୱିଭ:** ୟୁକ୍ରେନର ଜଣେ ୧୦ ବର୍ଷର ଝିଅଙ୍କ ମୃତ୍ୟୁ ଘଟିଛି, ଯାହାଙ୍କ ଶରୀର ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କ ପରି ହୋଇଯାଇଥିଲା। ଡାକ୍ତରଙ୍କ କହିବାନୁଯାୟୀ, ଇରିନା ଇରୋଚକା ଖ୍ରିମିଚ ପ୍ରୋଜେରିଆ ରୋଗରେ ପୀଡ଼ିତ ଥିଲେ। ପୂରା ଦୁନିଆରେ ଏପରି ମାତ୍ର ୧୭୯ ଜଣ ରୋଗୀ ଅଛନ୍ତି। ଏହି ରୋଗରେ ରୋଗୀଙ୍କ ବୟସ ୮ ଗୁଣ ବଢ଼ିଯାଇଥାଏ। ଡାକ୍ତର କୁହନ୍ତି, ପ୍ରତିବର୍ଷ ଇରିନାଙ୍କ ଶରୀର ୧୦ ବର୍ଷ ବଢୁଥିଲା। ଇରିନାଙ୍କ ପାଖରେ ଅନେକ ପ୍ରତିଭା ଥିଲା। ସେ ଦୁଇ ହାତରେ ଦୁଇ ପ୍ରକାରର ପେଣ୍ଟିଂ ଏକାସାଙ୍ଗରେ କରିପାରୁଥିଲେ। ତାଙ୍କ ପେଣ୍ଟିଂ ଜନମାନସରେ ବେଶ ଆଦୃତ ଥିଲା। ଇରିନା ଛୋଟବେଳୁ ଜଣେ ପ୍ରତିଭାଶାଳୀ କଳାକାର ଥିଲେ। ସେ ତାଙ୍କର କଳା ପ୍ରଦର୍ଶନ କରି ବେଶ ସଫଳତା ଅର୍ଜନ କରିଥିଲେ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି



ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

## ଇଣ୍ଟରଭ୍ୟୁରେ ବିଳମ୍ବ ହେବାରୁ ଆତ୍ମହତ୍ୟା

**ପୁଣେ:** ମହାରାଷ୍ଟ୍ର ପ୍ରଶାସନିକ ସେବା ପରୀକ୍ଷାର ଫାଇନାଲ ଇଣ୍ଟରଭ୍ୟୁରେ ବିଳମ୍ବ ହେବାରୁ ଡିପ୍ରେଶନର ଶିକାର ହୋଇଥିବା ସ୍ୱପ୍ନିଲ ଲୋଙ୍କର(୨୪) ଆତ୍ମହତ୍ୟା କରିଛନ୍ତି। ପୁଣେର ହାଦାପସାର ଅଞ୍ଚଳରେ ଏଭଳି ଘଟଣା ଘଟିଛି। କୋଭିଡ କାରଣରୁ ସାକ୍ଷାତକାର ହୋଇପାରି ନାହିଁ ବୋଲି ପୋଲିସ କହିଛି। ସ୍ୱପ୍ନିଲ ୨୦୧୯ରେ ଏମ୍‌ପିଏସ୍‌ସି ପ୍ରିଲିମିନାରୀ ଓ ମେନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।



# କ୍ରିକେଟ ଖେଳିବେ ଅନୁଷ୍କା ଶର୍ମା

**ମୁମ୍ବାଇ:** ଟିମ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ସ୍ତ୍ରୀ ତଥା ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବେ ସ୍ୱାମୀଙ୍କ ଭଳି କ୍ରିକେଟ ଖେଳିବେ। ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ବାୟୋପିକ୍‌ରେ ଅନୁଷ୍କା ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଝୁଲନ ୩୦୦ରୁ ଅଧିକ ୱିକେଟ ନେଇ ରେକର୍ଡ କରିଥିବାବେଳେ ତାଙ୍କ ଭୂମିକାରେ ଅଭିନୟ କରି ଅନୁଷ୍କା ହାତରେ ବ୍ୟାଟ ଧରି କ୍ରିକେଟ ପଡ଼ିଆରେ ଚଉକା ଛକା ମାରୁଥିବାରୁ ଦେଖିବାକୁ ମିଳିବ। ଏବେ ଅନୁଷ୍କା ବ୍ୟାଟିଂ ଏବଂ ବୋଲିଂ ଆରମ୍ଭ କରି ଦେଇଛନ୍ତି। ଫିଲ୍ମର ଶୁଟିଂ ଚଳିତ ବର୍ଷ ଡିସେମ୍ବରରେ ଆରମ୍ଭ କରାଯିବାର ଯୋଜନା ରହିଛି। ତେବେ ଏ ନେଇ କୌଣସି ଘୋଷଣା କରାଯାଇନାହିଁ। ଅନୁଷ୍କାଙ୍କୁ ଶେଷଥର ପାଇଁ ୨୦୧୮ରେ ଶାହରୁଖ ଖାନ୍‌ଙ୍କ ଫିଲ୍ମ 'ଜିରୋ'ରେ ଦେଖିବାକୁ ମିଳିଥିଲା। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇ ନ ଥିଲା। ଏବେ ଅନୁଷ୍କା ପୁଣିଥରେ ବଡ଼ ପରଦାକୁ ଝୁଲନ୍‌ଙ୍କ ବାୟୋପିକ ମାଧ୍ୟମରେ ଫେରିବାକୁ ଯାଉଛନ୍ତି।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନକୁଳ ପାଇକରାୟ
ବିଂଝଳା, ଗମ୍ଭାରିମୁଣ୍ଡା, ଖୋର୍ଦ୍ଧା
ତିରୋଧାନ: ୨୫।୦୬।୨୦୨୧
ପାଇକ କୁଳର ଶ୍ରେଷ୍ଠ କାରିଗର
ଛାଡ଼ି ଚାଲିଗଲ ଏଇ ସଂସାର,
ତୁମ ବିନା ସବୁ ଦିଶେ ଅନ୍ଧକାର
ଫେରିବନି ଆଉ ଜ୍ୟୋତି ଭାସ୍ୱର।
ମାଇଁ ପଛେ ପଛେ ଚାଲିଗଲ ତୁମେ
ରହିବାକୁ ସୁଖେ ସରଗ ପୁରେ,
ଅମର ଆତ୍ମାର ସଦ୍‌ଗତି ହେଉ
ଶ୍ରୀଜଗନ୍ନାଥଙ୍କୁ ମୁଁ ପ୍ରାର୍ଥନା କରେ।
ଶୋକସନ୍ତପ୍ତ: ଭଣଜା: ଶିବ, ସତ୍ୟ ଓ ପରିବାରବର୍ଗ ।
ଧ-୨୦୯୯୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପୂର୍ଣ୍ଣଚନ୍ଦ୍ର ରଥ
ଆବିର୍ଭାବ- ୨୯।୦୮।୧୯୩୯
ତିରୋଧାନ- ୨୮।୦୬।୨୦୧୯
ନୂଆ ମାର୍କେଟ, ଯାଜପୁରରୋଡ୍
'ଶୁଭେ ନାହିଁ ସିନା ତୁମ
ଶାନ୍ତ ସ୍ନିଗ୍ଧ ମଧୁର ବଚନ
ହେଲେ ଆମ ଅନୁଭବେ
ତୁମେ ଚିର ବିଦ୍ୟମାନ।'
ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ ଓ ପରିବାରବର୍ଗ
ଧ-୨୧୦୧୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଅର୍ଚ୍ଚନା ମିଶ୍ର (ଅନ୍ନ)
ସ୍ୱାମୀ: ପ୍ରଫେସର ଡ. ପ୍ରଶାନ୍ତ କୁମାର ମିଶ୍ର
ଜନ୍ମ: ୦୩।୦୯।୧୯୪୭ (ଆଠଗଡ଼, କଟକ)
ମୃତ୍ୟୁ: ୧୬।୦୬।୨୦୨୦
(ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ)
ତୁମର ସ୍ନେହ, ତ୍ୟାଗ, ନ୍ୟାୟପୂର୍ଣ୍ଣ ବାକ୍ୟ ଓ ଶ୍ରୀଜଗନ୍ନାଥଙ୍କଠାରେ ଅଗାଢ଼ ଭକ୍ତି ଚିରସ୍ମରଣୀୟ ଓ ଅନୁକରଣୀୟ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଆମ୍ଭେମାନେ ଶ୍ରୀଜଗନ୍ନାଥଙ୍କ ପାଦତଳେ ପ୍ରଣତି ଜଣାଉଅଛୁ ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୧୦୧୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ କାଶୀନାଥ ରାଉତ
ଶଙ୍କରପୁର, ନୂଆସାହି, କଟକ
ଆବିର୍ଭାବ : ୦୮.୦୫.୧୯୪୦
ତିରୋଧାନ : ୨୮.୦୬.୨୦୧୯
ଏକାଦଶୀ ତିଥି
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା। ତଥାପି ଆପଣଙ୍କ ସ୍ମୃତି ସବୁ ଆମ ପାଇଁ ଅପାଶୋରା। ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କର ସ୍ପର୍ଶ ଆମ୍ଭେ ଅନୁଭବ କରୁଛୁ। ଆପଣଙ୍କ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ତଥା ହୋଟେଲ ବାସନ୍ତୀ, କଟକର କର୍ମଚାରୀବୃନ୍ଦ
ଧ-୨୧୦୧୯

# ଡାଇବେଟିସ୍ ଓ ରୋଗ ପ୍ରତିରୋଧକ ଶକ୍ତି

ଡାଇବେଟିସ୍ ବା ମଧୁମେହ ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ଯେ ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଏ। ଯଦି ଆପଣଙ୍କ ରକ୍ତରେ ସୁଗାର ଦୀର୍ଘ ମାସ ଧରି ଅସନ୍ତୁଳିତ ରହିଲା, ତେବେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାର ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି ପାୱାର) ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ତା' ସହ ଯଦି ସଂପୃକ୍ତ ବ୍ୟକ୍ତିଙ୍କର ମେଦବହୁଳତା ସମସ୍ୟା ରହିଲା, ତେବେ ଏହି ଆଶଙ୍କା ଦ୍ୱିଗୁଣିତ ହୋଇଯାଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ତେଣୁ ଜଣେ ଡାଇବେଟିସ୍ ରୋଗୀ ନିଜର ସୁଗାର ପରିମାଣ ସହ ଓଜନକୁ ସବୁବେଳେ ସନ୍ତୁଳିତ ରଖିବା ଆବଶ୍ୟକ।




# ମଜଭୁତ ଅସ୍ଥି ପାଇଁ..

ସାଧାରଣତଃ ବୟସ ବଢ଼ିଲେ ଅସ୍ଥିଜନିତ ସମସ୍ୟା ଦେଖାଦେଇଥାଏ। ହେଲେ ଆଜିକାଲି ଯୁବପିଢ଼ି ଏପରି ସମସ୍ୟାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ତେବେ ଅସ୍ଥିକୁ ଦୃଢ଼ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ପ୍ରଥମତଃ ନିଜର ଓଜନକୁ ସନ୍ତୁଳିତ ରଖନ୍ତୁ। ଯଦି ଚା' କିମ୍ବା କୋଲ୍ଡ ଡ୍ରିଙ୍କସ ପିଉଛନ୍ତି, ତେବେ ଏହାର ପରିମାଣ ସୀମିତ ରଖନ୍ତୁ। କାରଣ ଏହାର ପ୍ରଭାବ ଅସ୍ଥି ଉପରେ ପଡିଥାଏ। ସବୁଠାରୁ ବଡ କଥା କଥା, ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ତା'ସହ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। ଭିଟାମିନ୍-'ଡି'ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଆନ୍ତୁ। ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ।



# କରୋନା ଟିକା



ଡ. ଦେବାଶିଷ ମହାନ୍ତି



କରୋନା ଭୂତାଣୁ ସହିତ ଲୁଚକାଳି ଖେଳ ଦୀର୍ଘ ଦେଢ ବର୍ଷ ହୋଇଗଲାଣି। କରୋନା ତାଣ୍ଡବରେ ସମଗ୍ର ବିଶ୍ୱ ଭୀତତ୍ରସ୍ତ। ଶେଷ ଭରସା କରୋନା ଟିକାକୁ ସମସ୍ତଙ୍କ ଅପେକ୍ଷା ଥିଲା। କରୋନା ମୁକାବିଲା କରିବା ପାଇଁ କିଛି ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ କେତେକ ଦେଶ ଜରୁରିକାଳୀନ ଅନୁମତି ପ୍ରଦାନ କରିଛନ୍ତି। ଆମେରିକା ଭଳି ଦେଶ ତାଙ୍କ ଦେଶର ସମସ୍ତ ପ୍ରାପ୍ତବୟସ୍କ ନାଗରିକଙ୍କୁ ଟିକା ଦେଇ ସାରିଲେଣି। ଭାରତରେ ମଧ୍ୟ ଟିକାକରଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଣେ କରୋନାର ଦ୍ୱିତୀୟ ଲହର ମଧ୍ୟ ଚାଲୁଛି। ୨ୟ ଡୋଜ୍ ଟିକା ନେଇ ମଧ୍ୟ ଲୋକଙ୍କୁ କରୋନା ହେଉଛି।

କରୋନା ଏକ ଭୂତାଣୁଜନିତ ରୋଗ। ଭୂତାଣୁ ଏକ ସ୍ୱତନ୍ତ୍ର ପ୍ରକାରର ଅଣୁଜୀବ। ଏହା ଜୀବନ୍ତ ଓ ନିର୍ଜୀବ ବସ୍ତୁର ସୀମାରେଖା ଭାବେ ବିବେଚନା କରାଯାଏ। ଭୂତାଣୁମାନେ ଯେତେବେଳେ କୌଣସି ଜୀବନ୍ତ କୋଷ ବାହାରେ ଥାଆନ୍ତି, ସେମାନେ ନିର୍ଜୀବ ବସ୍ତୁର ଗୁଣ ଦେଖାନ୍ତି। କିନ୍ତୁ ଜୀବନ୍ତ କୋଷ ମଧ୍ୟକୁ ପ୍ରବେଶ କଲାମାତ୍ରେ ସେମାନେ ଜୀବନ୍ତ ପଦାର୍ଥ ଭଳି ବ୍ୟବହାର କରନ୍ତି। ପ୍ରତ୍ୟେକ ଜୀବନ୍ତ ପଦାର୍ଥର ଏକ ବିଶେଷ ଧର୍ମ ହେଲା, ପ୍ରଜନନ କରି ନିଜ ବଂଶ ବୃଦ୍ଧି କରିବା। ଜୀବନ୍ତ କୋଷ ମଧ୍ୟରେ ଭୂତାଣୁମାନେ ନିଜର ପରିରୂପ ସୃଷ୍ଟି କରି ବଂଶ ବୃଦ୍ଧି କରନ୍ତି। ବଂଶ ବୃଦ୍ଧି କରିବା ଦ୍ୱାରା ସେମାନେ ପୋଷକ କୋଷକୁ କ୍ଷତି ପହଁଚାନ୍ତି ଓ ଅନେକ ସମୟରେ ସେ ପ୍ରାଣୀର ମୃତ୍ୟୁ ଘଟେ। ମନୁଷ୍ୟ ଶରୀରରେ ମଧ୍ୟ କିଛି ରାସାୟନିକ ପଦାର୍ଥ ଅଛି, ଯେଉଁମାନେ ଏହିଭଳି ବାହାରୁ ଆକ୍ରମଣ କରୁଥିବା ଅଣୁଜୀବ ମାନଙ୍କୁ ଚିହ୍ନି



ପାରନ୍ତି ଏବଂ ସେମାନଙ୍କୁ ମାରି ଦିଅନ୍ତି। ଏମାନଙ୍କୁ ଆମର 'ରୋଗ ପ୍ରତିଷେଧକ ଶକ୍ତି' ବୋଲି କୁହାଯାଏ। ମୋଟାମୋଟି ଭାବେ କହିବାକୁ ଗଲେ, ମଣିଷ ଶରୀରକୁ ଆକ୍ରମଣ କରୁଥିବା ଅଣୁଜୀବ ଓ ମନୁଷ୍ୟ ଶରୀରରେ ଥିବା ରୋଗ ପ୍ରତିଷେଧକ ଶକ୍ତି ମଧ୍ୟରେ ସଂଘର୍ଷ ହୁଏ। ଯାହାର ରୋଗ ପ୍ରତିଷେଧକ ଶକ୍ତି ଅଧିକ, ସେଠି ଭୂତାଣୁମାନେ ପରାସ୍ତ ହୁଅନ୍ତି କିନ୍ତୁ ଯାହାର ରୋଗ ପ୍ରତିଷେଧକ ଶକ୍ତି କମ୍, ସେଠାରେ ଭୂତାଣୁମାନଙ୍କର ବିଜୟ ହୁଏ। ପ୍ରତ୍ୟେକ ଅଣୁଜୀବରେ ଏକ ରାସାୟନିକ ଅଣୁ ଥାଏ, ଯାହାକୁ 'ପ୍ରତିଜନକ' ବୋଲି କୁହାଯାଏ। ଯେତେବେଳେ କୌଣସି ଭୂତାଣୁ ଆମ ଶରୀରରେ ପ୍ରବେଶ କରେ, ଏହି ପ୍ରତିଜନକକୁ ଆମର ରୋଗ ପ୍ରତିଷେଧକ ତନ୍ତ୍ର, ଏକ ବାହ୍ୟ ଆକ୍ରମଣକାରୀ ବୋଲି ଚିହ୍ନିଦିଏ ଏବଂ ସଂଗେ ସଂଗେ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ଆରମ୍ଭ କରେ। ଆମ ଶରୀରରେ ଥିବା ରୋଗ ପ୍ରତିଷେଧକ ତନ୍ତ୍ର ଏକ ରାସାୟନିକ ଅଣୁ ସୃଷ୍ଟି କରେ, ଯାହାକୁ ପ୍ରତିପିଣ୍ଡ (ଆଣ୍ଟିବଡି) ବୋଲି କୁହାଯାଏ। ଏହି ପ୍ରତିପିଣ୍ଡ ଏକପ୍ରକାର ୱାଇ (Y) ଆକାରର ପୁଷ୍ଟିସାର (ପ୍ରୋଟିନ୍) ଅଣୁ ଅଟେ, ଯାହା ବାହ୍ୟ ଅଣୁଜୀବମାନଙ୍କୁ ନଷ୍ଟ କରି ଦେଇ ଆମକୁ ତାଙ୍କ କବଳରୁ ରକ୍ଷା କରେ। ଏହିପରି ଭାବରେ ଆମ ଶରୀର ପ୍ରାକୃତିକ ଉପାୟରେ ବାହ୍ୟ ଭୂତାଣୁ ଆକ୍ରମଣରୁ ରକ୍ଷା କରେ। ଟିକା ଆମ ଶରୀରରେ ଭୂତାଣୁର ଭ୍ରମ ସୃଷ୍ଟି କରି କୃତ୍ରିମ ଉପାୟରେ ପ୍ରତିଜନକ ସୃଷ୍ଟି କରେ। ଟିକାରେ ନିଷ୍କ୍ରିୟ ଭୂତାଣୁ ବା ତା'ର ଆଣ୍ଟିଜେନ୍ ଥାଏ। ଟିକା ନେଲା ପରେ ଆମ ଶରୀରରେ ଥିବା ରୋଗ ପ୍ରତିଷେଧକ ତନ୍ତ୍ର ବାହ୍ୟ ଭୂତାଣୁ ଆକ୍ରମଣ ହେଲା ଭାବି ପ୍ରତିକାରାତ୍ମକ ପଦକ୍ଷେପ ନିଏ ଓ ଆଣ୍ଟିବଡି ସୃଷ୍ଟି କରେ। ଯେତେବେଳେ ପ୍ରକୃତ ଭୂତାଣୁ ଆମ ଶରୀରକୁ ପ୍ରବେଶ କରନ୍ତି, ଆଗରୁ ସୃଷ୍ଟି ହୋଇଥିବା ଆଣ୍ଟିବଡି ସେମାନଙ୍କୁ ସାଙ୍ଗେ ସାଙ୍ଗେ ମାରିଦିଏ ଏବଂ ଆମକୁ ରୋଗରୁ ରକ୍ଷା କରେ।

"ଯେତେବେଳେ କୌଣସି ଭୂତାଣୁ ଆମ ଶରୀରରେ ପ୍ରବେଶ କରେ, ଏହି ପ୍ରତିଜନକକୁ ଆମର ରୋଗ ପ୍ରତିଷେଧକ ତନ୍ତ୍ର ଏକ ବାହ୍ୟ ଆକ୍ରମଣକାରୀ ବୋଲି ଚିହ୍ନିଦିଏ ଏବଂ ସଂଗେ ସଂଗେ ପ୍ରତିକାରାତ୍ମକ ପଦକ୍ଷେପ ନେବାକୁ ଆରମ୍ଭ କରେ। ଆମ ଶରୀରରେ ଥିବା ରୋଗ ପ୍ରତିଷେଧକ ତନ୍ତ୍ର ଏକ ରାସାୟନିକ ଅଣୁ ସୃଷ୍ଟି କରେ, ଯାହାକୁ ପ୍ରତିପିଣ୍ଡ (ଆଣ୍ଟିବଡି) ବୋଲି କୁହାଯାଏ।"

ସାଧାରଣତଃ ଚାରି ପ୍ରକାର ପଦ୍ଧତିରେ ଟିକା ତିଆରି କରାଯାଇପାରେ। ପ୍ରଥମ ପଦ୍ଧତିରେ ସମ୍ପୂର୍ଣ୍ଣ ଅଣୁଜୀବ ବା ଭୂତାଣୁକୁ ବ୍ୟବହାର କରାଯାଏ। ଦ୍ୱିତୀୟ ପଦ୍ଧତିରେ ଭୂତାଣୁର କିଛି ଅଂଶକୁ ବ୍ୟବହାର କରାଯାଏ, ଯେ କି ରୋଗ ପ୍ରତିଷେଧକ ତନ୍ତ୍ରକୁ ପ୍ରତିକ୍ରିୟାଶୀଳ କରି ଆଣ୍ଟିବଡି ପ୍ରସ୍ତୁତ କରିପାରେ। ତୃତୀୟ ପଦ୍ଧତିରେ ଭୂତାଣୁର ଅନୁବଂଶିକ ପଦାର୍ଥକୁ ବ୍ୟବହାର କରାଯାଏ ଏବଂ ଚତୁର୍ଥ ପଦ୍ଧତିରେ ଅନ୍ୟ ଏକ ସୁରକ୍ଷା ଭୂତାଣୁ ବ୍ୟବହାର କରାଯାଏ। ସମ୍ପୂର୍ଣ୍ଣ ଅଣୁଜୀବ ପଦ୍ଧତି ଟିକା ପ୍ରସ୍ତୁତିର ସବୁଠାରୁ ପୁରାତନ ପଦ୍ଧତି। ଏହି ପଦ୍ଧତି ମଧ୍ୟ ଦୁଇ ପ୍ରକାରର। ପ୍ରଥମ ପ୍ରକାର ପଦ୍ଧତିରେ ଜୀବନ୍ତ କିନ୍ତୁ ଦୁର୍ବଳ ଭୂତାଣୁକୁ ବ୍ୟବହାର କରି ଟିକା ପ୍ରସ୍ତୁତ କରାଯାଏ। ଦୁର୍ବଳ ରୋଗ ପ୍ରତିଷେଧକ ଶକ୍ତି ଥିବା ବ୍ୟକ୍ତିମାନଙ୍କ ଶରୀରରେ ଏହା ରୋଗ ସୃଷ୍ଟି କରିବାର ଆଶଙ୍କା ଥିବାରୁ କରୋନା ପାଇଁ ଏ ପର୍ଯ୍ୟନ୍ତ ଏ ପ୍ରକାରର ଟିକା ଉପଲବ୍ଧ ହୋଇନାହିଁ। ସମ୍ପୂର୍ଣ୍ଣ ଅଣୁଜୀବ ପଦ୍ଧତିର ଦ୍ୱିତୀୟ ପ୍ରକାରରେ ପ୍ରଥମେ ରାସାୟନିକ ପ୍ରକ୍ରିୟାରେ ଭୂତାଣୁକୁ ମାରି ଦିଆଯାଏ ଏବଂ ଏହି ନିର୍ଜୀବ ଭୂତାଣୁକୁ ବ୍ୟବହାର କରି ଟିକା ପ୍ରସ୍ତୁତ କରାଯାଏ। ଏହି ନିର୍ଜୀବ ଭୂତାଣୁ ଶରୀର ମଧ୍ୟକୁ ଗଲେ, ଆମ ରୋଗ ପ୍ରତିଷେଧକ ତନ୍ତ୍ର ପ୍ରତିକ୍ରିୟାଶୀଳ ହୋଇପଡେ ଏବଂ ଆଣ୍ଟିବଡି ସୃଷ୍ଟି କରେ। ଏହି ପଦ୍ଧତିରେ ପ୍ରସ୍ତୁତ ଟିକା ବହୁତ ଉପଯୋଗୀ ହୋଇଥାଏ। ପୋଲିଓ ଏବଂ ଫ୍ଲୁ ପାଇଁ ଟିକା ଏହି ପଦ୍ଧତିରେ ପ୍ରସ୍ତୁତ କରାଯାଏ। ଆମ ଦେଶରେ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍, ଚାଇନାରେ ପ୍ରସ୍ତୁତ ସିନୋଭେକ୍ ଏହି ପ୍ରକାରର ଟିକା ଅଟେ। ଭୂତାଣୁର କିଛି ଅଂଶକୁ ବ୍ୟବହାର ପଦ୍ଧତିରେ ଭୂତାଣୁର ଏକ ନିର୍ଦ୍ଦିଷ୍ଟ ଅଂଶକୁ ବ୍ୟବହାର କରି ଟିକା ପ୍ରସ୍ତୁତ କରାଯାଏ। ଏହି ନିର୍ଦ୍ଦିଷ୍ଟ ଅଂଶ ଶର୍କରା କିମ୍ବା ପୁଷ୍ଟିସାର ହୋଇଥାଏ, ଯାହାକୁ ରୋଗ ପ୍ରତିଷେଧକ ତନ୍ତ୍ର ଚିହ୍ନି ପାରି ଆଣ୍ଟିବଡି ସୃଷ୍ଟି କରେ। ପିଲାମାନଙ୍କୁ ଦିଆଯାଉଥିବା ଅଧିକାଂଶ ଟିକା ଯଥା- ଟିଟାନସ, ଡିପଥେରିଆ ଏହି ଶ୍ରେଣୀର ଅଟେ। ରୁଷିଆରେ ପ୍ରସ୍ତୁତ ଇପିଭକରୋନା ଓ ଚାଇନାରେ ପ୍ରସ୍ତୁତ ଜିଫେଇ ଲଙ୍ଗକମ୍ କରୋନା ଟିକା ଏହି ଶ୍ରେଣୀର ଅନ୍ତର୍ଭୁକ୍ତ। (କ୍ରମଶଃ..)



-ବିଭାଗୀୟ ମୁଖ୍ୟ, ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ
ମୋ : ୯୮୬୧୩୯୧୧୯୦

# ଆଧୁନିକ ଚିକିତ୍ସା ପ୍ରଣାଳୀ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ପୃଥିବୀରେ ଯେତେ ଦେଶ ରହିଛି, ପ୍ରତ୍ୟେକ ଦେଶର ନିଜସ୍ୱ ସ୍ୱଦେଶୀ ଚିକିତ୍ସା ପଦ୍ଧତି ରହିଛି, ତାହା ସହ ଆଧୁନିକ ଚିକିତ୍ସା ପଦ୍ଧତିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଆମ ଭାରତରେ ପାରମ୍ପରିକ ତଥା ସର୍ବପୁରାତନ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ଏକ ସ୍ୱତନ୍ତ୍ର। ଶତ ପ୍ରତିଶତ ସଫଳ ସ୍ୱାସ୍ଥ୍ୟ ରକ୍ଷାକାରୀ ଚିକିତ୍ସା ଶାସ୍ତ୍ର ଅଟେ, ଯାହାକି ବିଶ୍ୱ ପ୍ରସିଦ୍ଧ ଚିକିତ୍ସା ବିଜ୍ଞାନ ରୂପେ ପରିଚିତ। ଆୟୁର୍ବେଦ ଚିକିତ୍ସା ଏକ ପ୍ରକୃତିଦତ୍ତ ଚିକିତ୍ସା ପଦ୍ଧତି। ଆଜି ଆମେ ଚିକିତ୍ସା ଶାସ୍ତ୍ରର ଆଧୁନିକତାର ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ଥିଲେ ସୁଦ୍ଧା ଆୟୁର୍ବେଦ ଶାସ୍ତ୍ରର ସ୍ୱତନ୍ତ୍ରତା, ଉପଯୋଗିତା ଓ ବ୍ୟବହାର ଶରୀର ପାଇଁ ଅମୃତ ତୁଲ୍ୟ ପରିଗଣିତ ହୋଇପାରିଛି। ଚରକଙ୍କ ଲିଖିତ ବିଭିନ୍ନ ବୃକ୍ଷଲତା, ଗୁଳ୍ମରୁ ପ୍ରସ୍ତୁତ ଆୟୁର୍ବେଦୀୟ ଔଷଧଗୁଡିକର ଗୁଣାବଳୀ ଓ ଶରୀର ପାଇଁ ଉପଯୋଗିତାକୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷାନିରୀକ୍ଷା କରି ମଧ୍ୟ ଏଥିସହ ଏକମତ ହୋଇଛନ୍ତି। ଯେପରି ଅଦା, ତେଜପତ୍ରୀ, ଡାଳଚିନି, ଗୋଲମରିଚ, ତୁଳସୀ ପତ୍ର, ଗୁଡ଼କୁ ଶିଝାଇ ସେବନ କଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢିଥାଏ। ଏହା ଶହଶହ ବର୍ଷ ପୂର୍ବରୁ ଆୟୁର୍ବେଦ ଶାସ୍ତ୍ରରେ ଲିଖିତ ଅଛି। ଆୟୁର୍ବେଦ ଶାସ୍ତ୍ର ଭିତରେ 'ଆୟୁଷ୍' ସହ ସୂର୍ଯ୍ୟ ଚିକିତ୍ସା, ମୃତ୍ତିକା ଚିକିତ୍ସା, ଜଳ ଚିକିତ୍ସା ଆଦି ବିଭିନ୍ନ ପାରମ୍ପରିକ ଚିକିତ୍ସାକୁ ବ୍ୟବହାର କରାଯାଉଛି। ହୋମିଓପାଥିକ ଚିକିତ୍ସା ପଦ୍ଧତି ଦ୍ୱାରା ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ବିଭିନ୍ନ ଜଟିଳ ତଥା ଦୁରାରୋଗ୍ୟ ରୋଗ ଉପଶମ ହୋଇଥାଏ। ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ଶାସ୍ତ୍ର ଦ୍ୱାରା ବିଭିନ୍ନ ରୋଗର ନିରୂପଣ ନିମନ୍ତେ ଅତ୍ୟାଧୁନିକ ଏକ୍ସ-ରେ ମେଶିନ, ସିଟି ସ୍କାନ, ଅମ୍ଳଜାନ ମାପିବା ଯନ୍ତ୍ର, ରକ୍ତଚାପ, ଶରୀରର ସୁଗାର ମାପିବା, ଜୀବନ ରକ୍ଷାକାରୀ ଅମ୍ଳଜାନ ପ୍ରସ୍ତୁତି ଯନ୍ତ୍ର ନିର୍ମାଣ ହୋଇପାରିଛି। ତା'ସହ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ଶରୀରରେ ବୃକକ୍(Kidney)କୁ ବଦଳା ଯିବା, 'ହାର୍ଟ'କୁ ସର୍ଜରୀ କରାଯିବା ଆଦି ଯନ୍ତ୍ରାଂଶର ବ୍ୟବହାର ତଥା କ୍ୟାନ୍‌ସର ଚିକିତ୍ସା ପାଇଁ ରଞ୍ଜନ ରଶ୍ମି ଦେବା ତଥା ବିଭିନ୍ନ ଆଧୁନିକ ପ୍ରଣାଳୀରେ ପ୍ରସ୍ତୁତ ଔଷଧ, ବଟିକା, ଇଂଜେକସନ ସହ କେମୋ ଥେରାପି ଚିକିତ୍ସା ପଦ୍ଧତି ଦ୍ୱାରା ରୋଗୀର ରୋଗ ଉପଶମ ହେବା ସହ ଜୀବନ ରକ୍ଷା କରାଯାଇ ଆଶାତୀତ ସଫଳତା ହେତୁ ବହୁ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଆଧୁନିକ ଚିକିତ୍ସା ବିଜ୍ଞାନ ସହାୟକ ହୋଇପାରୁଛି। ସାରା ବିଶ୍ୱରେ ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୂତାଣୁ (କୋଭିଡ-୧୯)ର ଯେଉଁ କରାଳ ରୂପ ଦେଖାଇ ମନୁଷ୍ୟ ସମାଜର ସମସ୍ତ ପ୍ରକାର କ୍ଷତି ଘଟାଇ ପ୍ରାଣଘାତକ ଭାବେ ଠିଆ ହୋଇଛି, ତାହାକୁ ପ୍ରତିରୋଧ କରିବା ନିମନ୍ତେ ଏଲୋପାଥିକ, ଆୟୁର୍ବେଦିକ, ହୋମିଓପାଥିକ ଆଦି ସମସ୍ତ ବର୍ଗର ଚିକିତ୍ସକ ସମୂହ ନିଜ ଜୀବନକୁ ବାଜି ଲଗାଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାହା ସଦାସର୍ବଦା ଇତିହାସ ପୃଷ୍ଠା ମଣ୍ଡନ କରିବ। କରୋନା ଭୂତାଣୁର କରାଳ ଗ୍ରାସରେ ବହୁ ଚିକିତ୍ସକଙ୍କ ଜୀବନ ହାନି ଘଟିଛି । ସେହି ମହାନ୍ ଚିକିତ୍ସକଙ୍କ ମଣିଷ ସମାଜ ପାଇଁ ବଳିଦାନ କେବେବି ଅନ୍ୟଥା ହେବନି।

"ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ଶାସ୍ତ୍ର ଦ୍ୱାରା ବିଭିନ୍ନ ରୋଗର ନିରୂପଣ ନିମନ୍ତେ ଅତ୍ୟାଧୁନିକ ଏକ୍ସ-ରେ ମେଶିନ, ସିଟି ସ୍କାନ, ଅମ୍ଳଜାନ ମାପିବା ଯନ୍ତ୍ର, ରକ୍ତଚାପ, ଶରୀରର ସୁଗାର ମାପିବା, ଜୀବନ ରକ୍ଷାକାରୀ ଅମ୍ଳଜାନ ପ୍ରସ୍ତୁତି ଯନ୍ତ୍ର ନିର୍ମାଣ ହୋଇପାରିଛି।"



-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

# ସ୍ୱାସ୍ଥ୍ୟ ସୂଚନା



- ବିଳମ୍ବିତ ରାତିରେ ଯଦି ଶୋଉଛନ୍ତି ତେବେ ଏପରି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ପରିଶ୍ରମ ମୁତାବକ ଜଣେ ବ୍ୟକ୍ତି ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର।
- କେବଳ ବ୍ୟାୟାମ କଲେ ହେବ ନାହିଁ, ତା' ସହ ଖାଦ୍ୟପେୟ ପ୍ରତି ସଚେତନ ରହିବାକୁ ପଡିଥାଏ। ତେଣୁ ଏଥିପ୍ରତି ଧ୍ୟାନ ଦେବା ସହ ସେ ସମ୍ପର୍କରେ ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି କିଛି ସମସ୍ୟା ଦେଖାଦେଲା ତେବେ ସେ ବିଷୟରେ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ସକାଳୁ ଉଠିବା ପରେ ଦାନ୍ତ ନ ଘଷି ଗ୍ଲାସେ ପାଣି ପିଅନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ଟକ୍ସିନ ନାମକ ବିଷାକ୍ତ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ।
- ସକାଳୁ ଉଠିବାର ଅତିକମ୍‌ରେ ଘଣ୍ଟାଏ ଭିତରେ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।

## ସ୍ପାଇଡର ରୋବୋ

ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଅନାୟାସରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁପାରିବ। ଏହାକୁ 'ସ୍ପାଇଡର ରୋବୋ' ନାମରେ ନାମିତ କରାଯାଇଛି। ସ୍ପାଇଡର ବା ବୁଢ଼ିଆଣୀର ଗତିବିଧିକୁ ଲକ୍ଷ୍ୟ କରି ସେମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିବାକୁ ଚିନ୍ତା କରିଥିଲେ। ଚାରି ବର୍ଷ ଗବେଷଣା କରି ସେମାନେ ଏଥିରେ ସଫଳ ହୋଇଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜୁଲାଇ ୫/୨୦୨୧ Sambalpur, Monday, July 5/ 2021

# ୨୫ ବର୍ଷ ପରେ ସେମିରେ ଇଂଲଣ୍ଡ

**ୟୁରୋକପ୍ ଫୁଟ୍‌ବଲ**


ଦ୍ୱିତୀୟ ଗୋଲ ସ୍କୋର କରିବା ପରେ ଇଂଲଣ୍ଡ ଷ୍ଟ୍ରାଇକର ହ୍ୟାରି କେନ୍।

**ରୋମ,୪।୭**

ୟୁରୋକପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଇଂଲଣ୍ଡ ଦୀର୍ଘ ୨୫ ବର୍ଷ ପରେ ସେମିଫାଇନାଲରେ ପହଞ୍ଚିଛି। ସ୍ଥାନୀୟ ଷ୍ଟାଡିଓ ଅଲିମ୍ପିକୋରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ୪-୦ ଗୋଲ ବୃହତ୍ ବ୍ୟବଧାନରେ ୟୁକ୍ରେନ୍‌କୁ ପରାସ୍ତ କରି ସେମିକୁ ଉଠିଛି। ଯୋଜନା ଅନୁଯାୟୀ ଇଂଲଣ୍ଡ ନିଜ ରଣନୀତିକୁ ସାକାର କରିବା ସହ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଲଣ୍ଡନର ୱେମ୍ବଲି ଷ୍ଟାଡିୟମରେ ୭ ତାରିଖ ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଡେନ୍‌ମାର୍କକୁ ଇଂଲଣ୍ଡ ଘରୋଇ ପରିବେଶରେ ଭେଟିବ। ଶନିବାର ଡେନ୍‌ମାର୍କ ବାକୁରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ୨-୧ ଗୋଲରେ ଚେକ୍‌ଗଣରାଜ୍ୟକୁ ହରାଇ ସେମିକୁ ଉଠିଥିଲା। ପୂର୍ବରୁ ପ୍ରଥମ ସେମିରେ ଇଟାଲୀ ଓ ସ୍ପେନ୍ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଏହି ନିର୍ଣ୍ଣାୟକ ମୁକାବିଲା ୱେମ୍ବଲି ଷ୍ଟାଡିୟମରେ ୬ ତାରିଖ ମଙ୍ଗଳବାର ଖେଳାଯିବ। ଫାଇନାଲ ମ୍ୟାଚ୍ ମଧ୍ୟ ୧୧ ତାରିଖ ରବିବାର ୱେମ୍ବଲିରେ ଖେଳାଯିବ।

ସମ୍ପୂର୍ଣ୍ଣ ଏହି ଏକପାଖିଆ ମୁକାବିଲାରେ ୨୭ ବର୍ଷୀୟ ତାରକା ଷ୍ଟ୍ରାଇକର ହ୍ୟାରି କେନ୍ ଇଂଲଣ୍ଡ ତରଫରୁ ଦୁଇଟି ଗୋଲ ସ୍କୋର କରିଥିଲେ। ଚତୁର୍ଥ ମିନିଟ୍‌ରେ ଗୋଲ ଦେଇ ସେ ପ୍ରଥମେ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭ ହେବା ମାତ୍ରେ ୪୬ତମ ମିନିଟ୍‌ରେ ସେଣ୍ଟର ବ୍ୟାକ୍ ହ୍ୟାରି ମାଗୁଇର ଗୋଲ ଦେଇ ଇଂଲଣ୍ଡକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାର ୪ ମିନିଟ୍ ପରେ ହ୍ୟାରି କେନ୍ ଆଉ ଏକ ଗୋଲ ଦେଇ ଇଂଲଣ୍ଡର ବିଜୟ ସମ୍ଭାବନାକୁ ଦୃଢ କରିଥିଲେ। ଶେଷରେ ୬୩ତମ ମିନିଟ୍‌ରେ ଅଭିଜ୍ଞ ମିଡ୍‌ଫିଲ୍ଡର ଜୋର୍ଡାନ ହାଣ୍ଡେରସନ ଅନ୍ତିମ ଗୋଲ ଦେଇ ଇଂଲଣ୍ଡକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ପ୍ରଥମଥର ପାଇଁ ୫୬ ବର୍ଷ ପରେ କୌଣସି ମେଜର ଟୁର୍ନାମେଣ୍ଟର ନକ୍‌ଆଉଟ ପର୍ଯ୍ୟାୟ ମୁକାବିଲାରେ ଇଂଲଣ୍ଡ ୪ଟି ଗୋଲ ସ୍କୋର କରିଛି। ପୂର୍ବରୁ ୧୯୬୬ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ୪-୨ ଗୋଲରେ ପଶ୍ଚିମ ଜର୍ମାନୀକୁ ହରାଇ ଘରୋଇ ପରିବେଶରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପୂର୍ବରୁ ଇଂଲଣ୍ଡ ୧୯୯୬ରେ ଶେଷଥର ପାଇଁ ୟୁରୋକପ୍ ସେମିରେ ପ୍ରବେଶ କରିଥିଲା।

୨୦୧୮ ବିଶ୍ୱକପ୍‌ରେ କେନ୍ ୬ଟି ଗୋଲ ସ୍କୋର କରି ଗୋଲ୍ଡେନ ବୁଟ୍ ପୁରସ୍କାର ପାଇଥିଲେ। ଇଂଲଣ୍ଡ ଓ କେନ୍‌ଙ୍କ ପ୍ରଦର୍ଶନକୁ ୟୁକ୍ରେନ କୋଚ୍ ଆଣ୍ଡ୍ରି ଶେଭଚେଙ୍କୋ ପ୍ରଶଂସା କରିଛନ୍ତି। ବଲ ପଜେଶନ, ପାସ ଓ ପାସ୍ ଆକ୍ୟୁରେସିରେ ୟୁକ୍ରେନଠାରୁ ଇଂଲଣ୍ଡ ଯଥେଷ୍ଟ ଆଗରେ ଥିଲା। କେନ୍ ଏଥିସହ ଟୁର୍ନାମେଣ୍ଟରେ ୩ଟି ଗୋଲ ସ୍କୋର କରିଛନ୍ତି। ତେବେ ଲିଗ୍ ପର୍ଯ୍ୟାୟରେ ସେ ଗୋଲ କରିବାରେ ସଫଳ ହୋଇ ନ ଥିଲେ। ଅନ୍ୟପଟେ ଡେନ୍‌ମାର୍କ ତା'ର ଦମ୍‌ଦାର ପ୍ରଦର୍ଶନ ବଜାୟ ରଖିଛି। କ୍ୱାର୍ଟରରେ ଚେକ୍ ଗଣରାଜ୍ୟକୁ ୨-୧ ଗୋଲରେ ହରାଇବା ପୂର୍ବରୁ ଡେନ୍‌ମାର୍କ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ରୁଷିଆକୁ ୪-୧ ଗୋଲରେ ଓ ପ୍ରି କ୍ୱାର୍ଟରରେ ୱେଲ୍ସକୁ ୪-୦ ଗୋଲରେ ପରାସ୍ତ କରିଥିଲା। କ୍ରମାଗତ ୩ଟି ଦମ୍‌ଦାର ବିଜୟ ହାସଲ କରି ଡେନ୍‌ମାର୍କ ଜବରଦସ୍ତ ଫର୍ମରେ ଥିବାର ସୂଚନା ଦେଇଛି। ୱେମ୍ବଲିରେ ଏବେ ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ। ଫଳରେ ଘରୋଇ ପରିବେଶରୁ ଫାଇଦା ଉଠାଇ ଇଂଲଣ୍ଡ ଏଥର ଟାଇଟଲ ହାସଲ କରିବାର ଅଧିକ ସମ୍ଭାବନା ରହିଛି।

# ଆର୍ଜେଣ୍ଟିନା-କଲମ୍ବିଆ ସେମିଫାଇନାଲ

**କୋପା ଆମେରିକା ଫୁଟବଲ**


ଫ୍ରି କିକ୍ ଜରିଆରେ ଗୋଲ ଦେବା ପରେ ଲିଓନେଲ ମେସି ଓ ସାଥି ଖେଳାଳି।

**ରିଓ ଡି ଜେନିରୋ,୪।୭:** କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅନ୍ୟତମ ଫେଭରାଇଟ ଦଳ ଆର୍ଜେଣ୍ଟିନା ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ୩-୦ ଗୋଲରେ ଇକ୍ୱେଡରକୁ ହରାଇ ସେମିକୁ ଉଠିଛି। ୭ ତାରିଖ ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ଓ କଲମ୍ବିଆ ପରସ୍ପରକୁ ବ୍ରାସିଲିଆର ଇଷ୍ଟାଡିଓ ନ୍ୟାଶନାଲ ଷ୍ଟାଡିୟମରେ ଭେଟିବେ। ପୂର୍ବରୁ ପ୍ରଥମ ସେମିରେ ଆସନ୍ତା ୬ ତାରିଖରେ ବ୍ରାଜିଲ ଓ ପେରୁ ମୁହାଁମୁହିଁ ହେବା ସ୍ପଷ୍ଟ ହୋଇସାରିଛି। ସ୍ଥାନୀୟ ଇଷ୍ଟାଡିଓ ଅଲିମ୍ପିକୋ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲ ମୁକାବିଲାରେ ଇକ୍ୱେଡର ବିପକ୍ଷରେ ଆର୍ଜେଣ୍ଟିନା ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଭିଜ୍ଞ ତାରକା ଫରୱାର୍ଡ ତଥା ଅଧିନାୟକ ମେସି ଅନ୍ତିମ ମୁହୂର୍ତ୍ତରେ ଫ୍ରି କିକ୍ ଜରିଆରେ ଗୋଲ ଦେଇ ଆର୍ଜେଣ୍ଟିନାକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ତେବେ ଏହାପୂର୍ବରୁ ମିଡ୍‌ଫିଲ୍ଡର ରୋଡ୍ରିଗୋ ଡି ପଲ ୪୦ତମ ମିନିଟ୍‌ରେ ଗୋଲ ଦେଇ ଆର୍ଜେଣ୍ଟିନାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ସେହିପରି ୮୪ତମ ମିନିଟ୍‌ରେ ଷ୍ଟ୍ରାଇକର ଲାଉଟାରୋ ମାର୍ଟିନେଜ ଦଳ ତରଫରୁ ଦ୍ୱିତୀୟ ଗୋଲ ଦେଇଥିଲେ। ବିଜୟୀ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ଏକାଧିକ ସୁଯୋଗ ହରାଇଥିଲା। ମେସି ଟୁର୍ନାମେଣ୍ଟରେ ତାଙ୍କର ଚତୁର୍ଥ ବ୍ୟକ୍ତିଗତ ଗୋଲ ଦେଇଛନ୍ତି। ସେ ଏଥିସହିତ କ୍ୟାରିୟରର ୭୬ତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଛନ୍ତି। ଆଉ ଗୋଟିଏ ଗୋଲ ସ୍କୋର କଲେ ମେସି କିମ୍ବଦନ୍ତୀ ଫୁଟବଲର ପେଲେଙ୍କ ଦକ୍ଷିଣ ଆମେରିକା ରେକର୍ଡ (୯୨ ମ୍ୟାଚ୍, ୭୭ ଗୋଲ)ର ସମକକ୍ଷ ହେବେ। ତେବେ ମେସି ଏ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ପାଇଁ ୧୪୯ତମ ମ୍ୟାଚ୍ ଖେଳିଛନ୍ତି। ନିଜ କ୍ଲବ ବାର୍ସିଲୋନା ଓ ଦେଶ ପାଇଁ ମେସି ଫ୍ରି କିକ୍ ଜରିଆରେ ମୋଟ ୫୮ତମ ଗୋଲ ସ୍କୋର କରିଛନ୍ତି। ଏହି କ୍ରମରେ ସେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇଛନ୍ତି। ସେମିଫାଇନାଲରେ ପହଞ୍ଚିବା ଲକ୍ଷ୍ୟ ଆମର ପୂରଣ ହୋଇଛି। ଏବେ କିଛିଦିନର ବିଶ୍ରାମ ପରେ କଲମ୍ବିଆ ପାଇଁ ରଣନୀତି ପ୍ରସ୍ତୁତ କରିବୁ ବୋଲି ମେସି କହିଛନ୍ତି। ଏଥର ଆର୍ଜେଣ୍ଟିନା ସଫଳ ହେଲେ ମେସି ଦେଶ ପାଇଁ ପ୍ରଥମ ମେଜର ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ। ଇକ୍ୱେଡର ଡିଫେଣ୍ଡର ପିଏରୋ ହିନକାପି ମ୍ୟାଚର ଅନ୍ତିମ ମୁହୂର୍ତ୍ତରେ ରେଡ୍‌କାର୍ଡ ପାଇ ପଡିଆ ବାହାରକୁ ଯାଇଥିଲେ।

## ପେନାଲ୍ଟିରେ ହାରି ଉରୁଗୁଏ ଆଉଟ୍

**ରିଓ:** ସଂଘର୍ଷପୂର୍ଣ୍ଣ ତୃତୀୟ କ୍ୱାର୍ଟର ଫାଇନାଲରେ କଲମ୍ବିଆଠାରୁ ପେନାଲ୍ଟି ଜରିଆରେ ୪-୨ ଗୋଲରେ ପରାସ୍ତ ହୋଇ ଉରୁଗୁଏ ଟୁର୍ନାମେଣ୍ଟରୁ ବିଦାୟ ନେଇଛି। ବ୍ରାସିଲିଆରେ ଅନୁଷ୍ଠିତ ଏହି ମ୍ୟାଚର ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ଶେଷସୁଦ୍ଧା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଲମ୍ବିଆ ୪-୨ ଗୋଲରେ ବିଜୟୀ ହୋଇ ସେମିକୁ ଉଠିଛି। କଲମ୍ବିଆ ଗୋଲକିପର ଡେଭିଡ ଓସ୍ପିନା ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ଗୋଲ ସେଭ କରି ଦଳକୁ ଜିତାଇଥିଲେ। ୨୦୧୫ ଓ ୨୦୧୯ କୋପା ଆମେରିକାରେ କଲମ୍ବିଆ ଯଥାକ୍ରମେ ଆର୍ଜେଣ୍ଟିନା ଓ ଚିଲିଠାରୁ ହାରି ଯନ୍ତ୍ରଣାଦାୟକ ଭାବେ ବିଦାୟ ନେଇଥିଲା। ୨୦୧୮ ବିଶ୍ୱକପ୍‌ରେ ମଧ୍ୟ କଲମ୍ବିଆ ରାଉଣ୍ଡ ଅଫ୍ ୧୬ରେ ଇଂଲଣ୍ଡଠାରୁ ହାରି ବିଦାୟ ନେଇଥିଲା। ଦୁଇ ତାରକା ଖେଳାଳି ତଥା ୱିଙ୍ଗର ଜୁଆନ ଗୁଇଲେର୍ମୋ କୁଆଡ୍ରାଡୋ ଓ ମିଡ୍‌ଫିଲ୍ଡର ମାଥେଉସ ଉରିବେ ଯଥାକ୍ରମେ ସସ୍‌ପେନସନ ଓ ଇଞ୍ଜୁରି କାରଣରୁ ଖେଳି ନ ଥିଲେ ମଧ୍ୟ କଲମ୍ବିଆ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିବାକୁ ପ୍ରୟାସ କରିଥିଲା। ୫ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ବିଜୟ ସହ କଲମ୍ବିଆ ସେମିକୁ ଉଠିଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଗଞ୍ଜେଇ ଜବତ, ୨ଗିରଫ

ତରଭା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ପାଟ୍ରୋଲିଂ ପୋଲିସ ରବିବାର ୫୭ନଂ ଜାତୀୟ ରାଜପଥର ନମସ୍ତେ ଗେଟ ନିକଟରେ ପିକ୍‌ଅପ୍ (ନଂ-ସିଜି୦୭ବିଡବ୍ଲୁ୮୪୦୫)ରୁ ୪୭କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗାଡି ଡ୍ରାଇଭର ଓ ଅନ୍ୟଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ରାୟପୁର ଅଞ୍ଚଳର ଗୋପାଳ ନାଏକ(୩୧) ଓ ମୁକେଶ ବାଘ(୩୧)। ସେମାନେ ବୌଦ୍ଧ ଜିଲାରୁ ରାୟପୁରକୁ ଉକ୍ତ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ତରଭା ଥାନାରେ ଏକ ମାମଲା (ନଂ.୧୨୭/୨୧)ରୁଜୁ ହୋଇଛି।

## ସଂକ୍ଷେପରେ

### ଗୋଚାଲାଣ ରୋକିବା ଉପରେ ଗୁରୁତ୍ୱ

**ଲୋଇସିଂହା, ୪।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ମାନସ ବିହାରଠାରେ କେସରିଆ ହିନ୍ଦୁବାହିନୀର ନବନିଯୁକ୍ତ ରାଜ୍ୟ ସଭାପତି ସନ୍ତୋଷ କୁମାର ଭୋଲଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି । ବ୍ଲକ ସଭାପତି ବୀରେନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ପ୍ରଭାରୀ ଶଙ୍କର ଅଗ୍ରୱାଲ, ଶଙ୍କର୍ଷଣ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନ ପକ୍ଷରୁ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ଲୋଇସିଂହା ଥାନା ଅଞ୍ଚଳରୁ ନିୟମିତ ଗୋ ଚାଲାଣକୁ ସ୍ଥାନୀୟ ପୋଲିସ ରୋକିବାରେ ବିଫଳ ହୋଇଥିବାରୁ ରାଜ୍ୟ ସଭାପତି ଭୋଲ ଉଦ୍‌ବେଗ ପ୍ରକାଶ କରିଥିଲେ । ଗୋ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ଲକରେ ଗୋଶାଳା ନିର୍ମାଣ ପାଇଁ ସଂଗଠନ ପକ୍ଷରୁ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ ପାଇଥିଲା। ସୀତାରାମ ପଧାନ, ନେପାଳ ସା, ସୁମନ୍ତ ବିଶ୍ୱାଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

### ସାହାଜଖୋଲ ସୁରକ୍ଷା ସମିତି ପକ୍ଷରୁ ଚାରା ରୋପଣ

**କୋକସରା,୪।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ସୁରକ୍ଷା କମିଟି ଆବାହକ ଲକ୍ଷ୍ମୀକାନ୍ତ ବାଗଙ୍କ ନେତୃତ୍ୱରେ ରବିବାର ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନଚଞ୍ଚରା ପାଦଦେଶକୁ ଲାଗି ରହିଥିବା ସାହାଜଖୋଲ ଜଙ୍ଗଲରେ ଚାରା ରୋପଣ କରାଯାଇଛି । ଏଥିରେ ଆମପାଣି ଜିଲା ପରିଷଦ ସଭ୍ୟା ହେମାଙ୍ଗୀନି ହଂସ, ଭଜମନ ନାଏକ, ନାନକ ଅଗ୍ରୱାଲ, ପରକ୍ଷିତ ବେଶ୍ରା, କୃଷ୍ଣ ନାଏକଙ୍କ ସମେତ ସୁରକ୍ଷା ସମିତି ଶତାଧିକ ମହିଳା ସଦସ୍ୟା ଉପସ୍ଥିତ ଥିଲେ ।

### ବୌଦ୍ଧ ଜିଲା ମିଲର୍ସ ସଂଘର ବୈଠକ

**ବୌଦ୍ଧ,୪।୭(ସ୍ୱ.ପ୍ର.):** ବୌଦ୍ଧ ଜିଲା ମିଲର୍ସ ସଂଘର ସାଧାରଣ ବୈଠକ ବୌଦ୍ଧଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟାଳୟ ହାତୀଶାଳ ଛକଠାରେ ସଂଘର ନୂତନ କାର୍ଯ୍ୟାଳୟ ସମସ୍ତ ମିଲ୍ ମାଲିକମାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଯାଇଛି। ପରେ ଜିଲା ମିଲର୍ସ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ରାଣୀସତୀ ରାଇସ ମିଲର ମାଲିକ ଅଶୋକ କୁମାର ଅଗ୍ରୱାଲା ସଭାପତି , ଶଙ୍କର ମେହେର ସମ୍ପାଦକ ଓ ସହସମ୍ପାଦକ ତଥା କୋଷାଧ୍ୟକ୍ଷ ଭାବରେ ଅନିମେଷ ଅଗ୍ରୱାଲାଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ବୈଠକରେ ବୌଦ୍ଧ ଜିଲାର ଚାଷୀମାନେ କିଭଳି ସୁବିଧାରେ ନିଜର ଧାନ ବିକ୍ରୟ କରିପାରିବେ ଓ ମିଲର୍ସମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ମିଲମାଲିକ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଅଁଳାଝୁଲି ରାସ୍ତା ଅବସ୍ଥା ସୁଧୁରୁନି



**ବାଉଁଶୁଣୀ,୪।୭ (ଡି.ଏନ.ଏ.):** ବୌଦ୍ଧ ବ୍ଲକ ଗୋଛାପଡା ପଞ୍ଚାୟତ ଅଁଳାଝୁଲି ଗ୍ରାମର ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ଚାଲି କି ଯିବା କଷ୍ଟକର ହୋଇପଡିଛି । ପ୍ରତିବର୍ଷ ରାସ୍ତା ମରାମତି ହେଉଛି । ହେଲେ ନିମ୍ନମାନର କାମ ଯୋଗୁ ରାସ୍ତା ଦୁରାବସ୍ଥା ସୁଧୁରି ପାରୁନାହିଁ । ଉକ୍ତ ରାସ୍ତା ଉପରେ ମଲିକପଡା, ଅଁଳାଝୁଲି, ଝାରମୁଣ୍ଡା, ବନପାଲି ସମେତ ୫ଟି ଗ୍ରାମର ୫ ହଜାର ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇଥିବାରୁ ଗାଡିମୋଟର ଚଳାଚଳରେ ଅସୁବିଧା ହେଉଛି । ପରିସ୍ଥିତି ଏପରି ହୋଇଛି ଯେ, ରୋଗୀଙ୍କୁ ଖଟିଆରେ ବୁହା ହୋଇ ଗାଡି ପାଖକୁ ଅଣାଯାଉଛି । ଅନେକ ସମୟରେ ଆମ୍ବୁଲାନ୍ସ ଯିବା ସମ୍ଭବପର ହୋଇ ପାରୁନାହିଁ । ରାସ୍ତା ମରାମତି ପାଇଁ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଯଦି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରା ନ ଯାଏ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଧାନ ବିକି ପାରିଲେନି ଅଢ଼େଇ ହଜାର ଚାଷୀ

**ସୁବର୍ଣ୍ଣପୁର ଜିଲା**
- ଗତବର୍ଷଠାରୁ ୪ଲକ୍ଷ ୨୧ହଜାର ୩୩୩ କୁଇଣ୍ଟାଲ କମ୍ ସଂଗ୍ରହ
- ରାମପୁର ତହସିଲ ଅଫିସରେ ଧାନ ଗଦା କରି ରଖିଛନ୍ତି ଚାଷୀ

**ସୋନପୁର,୪।୭(ନି.ପ୍ର.)**

ଚଳିତ ରବି ଧାନ କିଣାକୁ ରାଜ୍ୟ ସରକାର ଜୁନ୍ ୩୦ ତାରିଖଠାରୁ ବନ୍ଦ କରିଛନ୍ତି। ଚାଷୀଙ୍କ ଧାନ ସରକାର କିଣିଥିବା କହି ବାହାବା ନେଉଛନ୍ତି। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ସୁବର୍ଣ୍ଣପୁର ଜିଲାର ଅନେକ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ପାରିନାହାନ୍ତି। ଚାଷୀଙ୍କ ଘରେ ଅବା ମଣ୍ଡିରେ ଧାନ ପଡିରହିଛି। ସରକାରଙ୍କ ଟୋକନ୍ କଟକଣା, ବୈଷୟିକ ତ୍ରୁଟି, ଟୋକନ୍ ଲାପ୍ସ ଭଳି କାରଣରୁ ଏଭଳି ହୋଇଛି। ଚାଷୀ ବ୍ୟବସାୟୀଙ୍କୁ କୁଇଣ୍ଟାଲ ପ୍ରତି ୪ଶହ ଟଙ୍କା କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି।

ଜିଲାର ୩୬ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜଳସେଚିତ ଜମିରେ ରବି ଧାନ ଚାଷ ହୋଇଥିଲା। ଧାନ ବିକ୍ରି ପାଇଁ ଜିଲାର ୩୦ହଜାର ୨୨ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ତଦନୁଯାୟୀ ଜିଲାରୁ ଚାଷୀଙ୍କ ବଳକା ୨୪ଲକ୍ଷ ୭୭ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଥିଲେ। ଏହି ଟାର୍ଗେଟ୍ କିନ୍ତୁ ପୂରଣ ହେଲାନି। କେବଳ ୨୭ହଜାର ୫୦୧ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ପଞ୍ଜୀକୃତ ୨ହଜାର ୫୨୧ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଗତ ରବିରେ ଜିଲାରୁ ୨୭ଲକ୍ଷ ୭୦ହଜାର ୭୯୦କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଚଳିତ ଥର ଚାଷ ବଢିଛି, କିନ୍ତୁ ଧାନ କିଣା ୨୩ଲକ୍ଷ ୪୯ହଜାର ୪୫୭ କୁଇଣ୍ଟାଲକୁ ଖସି ଆସିଛି। ଅନେକ ପଞ୍ଜୀକୃତ ଚାଷୀଙ୍କ ଟୋକନ୍ ଆସିନି। ଦେଢ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଛି। ପ୍ରାକ୍ତନ ଜିଲାପାଳ ମୋନିଷା ବାନାର୍ଜୀ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଟୋକନ୍ ଲାପ୍ସ ହୋଇଥିବା ଚାଷୀଙ୍କ ଘରେ ଧାନ ଗଚ୍ଛିତ ଅଛି କି ନାହିଁ ତଥ୍ୟ ସଂଗ୍ରହ କରିଥିଲେ। ତଦନୁଯାୟୀ ଯେଉଁ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଛି ଓ ଘରେ ଧାନ ଅଛି ପୁନଃ ସେମାନଙ୍କୁ ଟୋକନ୍ ପ୍ରଦାନ ପାଇଁ ସରକାରଙ୍କୁ ତାଲିକା ପଠାଇଥିଲେ। ମାତ୍ର ସରକାର ଶୁଣିଲେନି କି, ଚାଷୀଙ୍କୁ ଟୋକନ୍ ଦେଲେନି। ଫଳରେ ଉଲୁଣ୍ଡା ବ୍ଲକର ଯାଲୋଏ, ସହରାପାଲି, ମହଦା, କାଦୋଦର, ତରଭା, ବିନିକା ବ୍ଲକର ପଲସାପାଲି, ଡୁଙ୍ଗୁରିପାଲି ବ୍ଲକର ଚିନାଯୁରୀ, ସହଲା,ରାମପୁର, ନାଇକେନପାଲି, ଅଇଁଳାମୁଣ୍ଡା ଓ ସାରସମାଲ ଅଞ୍ଚଳର ହଜାର ହଜାର ଚାଷୀ ଧାନ ବିକି କରି ପାରିନାହାନ୍ତି। ରାମପୁର ଓ ଆଖପାଖ ଅଞ୍ଚଳର ଚାଷୀ ଧାନ ବିକି ନପାରି ରାମପୁର ତହସିଲ ଅଫିସ ଭିତରେ ଗତ ୫ ଦିନ ଧରି ୧ହଜାର ବସ୍ତାରୁ ଉର୍ଦ୍ଧ୍ୱ ଧାନ ଗଦା କରିଛନ୍ତି। କିନ୍ତୁ ସେମାନଙ୍କ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



ରାମପୁର ତହସିଲ ଅଫିସ ଭିତରେ ଚାଷୀମାନେ ହଜାର ହଜାର ବସ୍ତା ଧାନ ଗଦା କରିଛନ୍ତି।

# ଚାଷୀଙ୍କ ଗଚ୍ଛିତ ଧାନ ବୁଲି ଦେଖିଲା ତଦାରଖ କମିଟି



ଗୌରଗୋଠ ପ୍ୟାକ୍ସ ପରିସରରେ ତଦାରଖ କମିଟି ସଦସ୍ୟମାନେ।

**ଦେଓଗାଁ,୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପ୍ୟାକ୍ସ ଅନ୍ତର୍ଗତ ରବିଧାନ ବିକ୍ରିରୁ ବଞ୍ଚିତ ୪୭ଜଣ ଚାଷୀଙ୍କ ଘରକୁ ଯାଇ ରବିବାର ତଦନ୍ତ କରିଛି ଗଠିତ ଯୁଗ୍ମ ତଦାରଖ କମିଟି। କଂଗ୍ରେସ କିଷାନ ସେଲ ପକ୍ଷରୁ ଶୁକ୍ରବାର ତହସିଲ ଘେରାଉ ସମୟରେ ହୋଇଥିବା ନିଷ୍ପତ୍ତି ଅନୁସାରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମୀନତିରାଣୀ ବାଗ, ସମବାୟ ବିଭାଗରୁ ଏଆରସିଏସ ଅନନ୍ତ କୁମାର ନାଏକ, ଏସଏଆରସିଏସ ରବିନ୍ଦ୍ର କୁମାର ପଣ୍ଡା, କୃଷି ବିଭାଗରୁ ଗ୍ରାମ୍ୟ କୃଷିକର୍ମୀ ରଞ୍ଜିତ କରୁଆଁ, ଗୌରଗୋଠ ପ୍ୟାକ୍ସ ସମ୍ପାଦକ ଦୁର୍ଯ୍ୟୋଧନ ରଣା ଚାଷୀ ବିକାଶ କୁମାର ସାହୁ, ଲକ୍ଷ୍ମଣ ପଧାନ, ଦିଲୀପ କୁମାର ସାହୁ, ପୁରନ୍ଦର ଭୋଇ ଓ ରିଙ୍କୁ ସାହୁଙ୍କୁ ନେଇ ତଦାରଖ କମିଟି ଗଠନ ହୋଇଥିଲା। ଏହି କମିଟି ପ୍ୟାକ୍ସ ଅଧୀନ ଗାଁମାନଙ୍କୁ ଯାଇ ଚଳିତ ରବିଧାନ ଋତୁରେ ବିକ୍ରି କରି ନ ପାରି ଘରେ ଗଚ୍ଛିତ ରଖିଥିବା ଧାନକୁ ତଦାରଖ କରିଥିଲେ। ଏଥିରେ ୩୯ଜଣଙ୍କ ୨୫୦୫ବସ୍ତା ଧାନ ଘରେ ରହିଥିବା ଦେଖିବାକୁ ପାଇଥିଲେ। ୮ଜଣ ଚାଷୀଙ୍କ ଧାନ ଗଚ୍ଛିତ ନଥିବା ନଜରକୁ ଆସିଥିଲା। ତେବେ ଟୋକନ ଲ୍ୟାପ୍ସ ଯୋଗୁଁ ସରକାରୀ ସ୍ତରରେ ଧାନବିକ୍ରିରେ ବିଳମ୍ବ ହେବାରୁ ବାଧହୋଇ ଅଭାବୀ ଦରରେ ଗଚ୍ଛିତ ଧାନକୁ ବିକ୍ରି କରିଦେଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗୌରଗୋଠ ପ୍ୟାକ୍ସରେ ଟୋକନ ଲ୍ୟାପ୍ସ ଯୋଗୁଁ ଚାଷୀମାନେ ରବିଧାନ ବିକ୍ରି କରିପାରୁ ନ ଥିବା ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ କର୍ଣ୍ଣପାତ କରି ନ ଥିଲା। ଶୁକ୍ରବାର ବ୍ଲକ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ କିଶୋର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଦେଓଗାଁ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ସର୍ବସମ୍ମତିକ୍ରମେ ଏକ କମିଟି ଚାଷୀଙ୍କ ଗଚ୍ଛିତ ଧାନକୁ ତଦାରଖ କଲାପରେ ଧାନକ୍ରୟ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝୀ ସୂଚନା ଦେଇଥିଲେ।

# ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ,୪।୭**

ବଲାଙ୍ଗୀର ସଦର ବ୍ଲକ ଶିବତଲା ପଞ୍ଚାୟତର ଆଡେନଡୁଙ୍ଗୁରି ଗ୍ରାମରେ ବିଧାୟକ ନରସିଂହ ମିଶ୍ର ରବିବାର ଏକ ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୯୯ ଲକ୍ଷ ୬୨ ହଜାର ୮୨୨ ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଜରିଆରେ ଗାଁର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ । ପ୍ରକଳ୍ପ ଆଠମାସ ଭିତରେ ସମ୍ପୂର୍ଣ୍ଣ ହେବ ବୋଲି ଉପସ୍ଥିତ ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ସେଠାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଥିବା ଗ୍ରାମବାସୀ ବିଧାୟକ ମିଶ୍ରଙ୍କୁ ଗାଁରେ ଥିବା ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ମୁଖ୍ୟତଃ ଏହି ଗାଁରୁ ସାରସପିଟା ଦେଇ ଡୁଷୁରାବାହାଲକୁ ଏକ ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରିଥିଲେ । ୫ କିମିରୁ ଉର୍ଦ୍ଧ୍ୱ ଦୂରତା ଥିବା ଏହି ରାସ୍ତାକୁ ଗ୍ରାମ ଉନ୍ନୟନ ସଂସ୍ଥା ଜରିଆରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ପଞ୍ଜୀକୃତ ଗାଈ ରଖିଥିବା ହିତାଧିକାରୀଙ୍କୁ ଗୁହାଳ ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ବିଡିଓ ରାମଦତ୍ତ ଭୋଇଙ୍କୁ କହିଥିଲେ। ପଞ୍ଜୀକୃତ ନିର୍ମାଣ ଶ୍ରମିକ ଯେଉଁମାନେ କି ୧୦୦ ଦିନରୁ ଅଧିକ କାମ କରିଛନ୍ତି ସେମାନଙ୍କୁ ଆବାସ ଯୋଜନାରେ କାହିଁକି ଗୃହ ପ୍ରଦାନ କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଶିବତଲା ଏବଂ ଆଡେନଡୁଙ୍ଗୁରିଠାରେ ଲୋକଙ୍କ ଦାବି ମୁତାବକ ସେଠାରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେବ ବୋଲି ବିଧାୟକ ମିଶ୍ର କହିଥିଲେ। ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ବାକି ରହିଯାଇଥିବା ହିତାଧିକାରୀଙ୍କୁ ଶୀଘ୍ର ଭତ୍ତା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଅଶୋକ ଭୂୟାଁ, ବ୍ଲକ ସହକାରୀ ଯନ୍ତ୍ରୀ ଟଙ୍କଧର କାଲୋ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସାହୁ, ରାଜ୍ୟ କଂଗ୍ରେସ ସମ୍ପାଦକ ଉମାଶଙ୍କର ପଣ୍ଡା, ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର, ଜୟକୃଷ୍ଣ ମିଶ୍ର, ବିଶ୍ୱଜିତ ନାଥ, ଗୋପୀ ଦନ୍ତା, କରୁଣାକର ବାଗ, ବୃନ୍ଦାବନ ପାଢୀ, ଗୋପ ମେହେର, ପର୍ଶୁରାମ ଦିକ୍ଷିତ, ରାମ ବେହେରା ଉପସ୍ଥିତ ଥିଲେ।



ବିଧାୟକ ନରସିଂହ ମିଶ୍ର ଆଡେନଡୁଙ୍ଗୁରୀଠାରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଚାଲିଗଲା ଜୀବନ

**ଦୁର୍ଘଟଣାରେ ରେଲୱେ ଗେଟ କିପର ମୃତ**

**ଖଡିଆଳ,, ୪।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସାନମହେଶ୍ୱର ଗ୍ରାମ ୩୫୩ ନଂ. ଜାତୀୟ ରାଜପଥରେ ରବିବାର ଏକ ଅଜଣା ଗାଡି ଧକ୍କାରେ ବାଇକ୍ (ନଂ.ଓଆର୍୦୮ଇ-୨୧୫୩) ଚାଳକ ବଳଦେବ ନିଆଲ (୪୫)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ କଳାହାଣ୍ଡି ଜିଲା ପାଷ୍ଟିଗୁଡିର ବୋଲି ଜଣାପଡିଛି। ସେ ପୂର୍ବତଟ ରେଲୱେ ମୁରିବାହାଲ ରେଲୱେ ଷ୍ଟେଶନ ଇଞ୍ଜିନିୟରିଂ ବିଭାଗ ଗେଟ କିପର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ବଦଳି ବଲାଙ୍ଗୀର ଜିଲା ମୁରିବାହାଲରୁ ନୂଆପଡା ଜିଲା ଲଖନା ରେଲୱେ ସେକ୍ସନ୍‌କୁ ହୋଇଥିଲା। ସେ ବାଇକ୍‌ରେ ଲଖନା ରେଲୱେ ଗେଟ କାର୍ଯ୍ୟରେ ଯୋଗଦେବାକୁ ଯାଉଥିବା ବେଳେ ସାନମହେଶ୍ୱର ଗ୍ରାମଠାରେ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ସ୍ଥଳରେ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ତାଙ୍କ ପରିବାରକୁ ଜଣାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖଡିଆଳ ଥାନାରେ ଏକ ମାମଲା (ନଂ.୨୩୧/୨୧) ରୁଜୁ ହୋଇଥିବା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ କହିଛନ୍ତି।

# ୧୬ ଲକ୍ଷରେ ହେବ ପ୍ରସୂତି ଗୃହ

**ବିନିକା,୪।୭(ଡି.ଏନ୍.ଏ.)**

ବିନିକା ବ୍ଲକ ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣ ହେବ ପ୍ରସୂତି ଗୃହ। ଏନ୍‌ଆର୍‌ଏଚ୍‌ଏମ୍ ଫଣ୍ଡରୁ ୧୬ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କରାଯିବ। ବ୍ଲକର କନିଷ୍ଠ ଯନ୍ତ୍ରୀ ବିକାଶ ମୂର୍ତ୍ତି ଓ ସରପଞ୍ଚ ମାନସ ବେହେରା ନିକଟରେ ମେଡିକାଲ ପରିସରକୁ ଯାଇ ସ୍ଥାନ ଚୟନ କରିଥିଲେ। ଏହି ସମୟରେ ସ୍ଥାନୀୟ ଏଏନ୍‌ଏମ ମମତା ମିଶ୍ର ଓ ବାଙ୍କିଘିର୍ଡି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଇକ ପ୍ରମୁଖ ଉପସ୍ଥିତ ଥିଲେ ।

# ମକାଚାଷରେ ପୋକ, କାମ କରୁନି କୀଟନାଶକ



ପୋକ ଲାଗି ଝାଉଁଳି ପଡିଥିବା ଉପରଝର ଗାଁର ଏକ ମକା କ୍ଷେତ।

**ଦେଓଗାଁ, ୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଉପରଝର, ମକୁନ୍ଦପୁର ଓ ମହଲାଇ ପଞ୍ଚାୟତ ଅଞ୍ଚଳରେ ଚାଷୀମାନେ ପ୍ରତିବର୍ଷ ବହୁ ପରିମାଣରେ ମକାଚାଷ କରିଥାନ୍ତି। ଚଳିତବର୍ଷ ମଧ ଏଠାକାର ଚାଷୀମାନେ ୭୦ରୁ ୮୦ ଏକର ଜମିରେ ମକାଚାଷ କରିଛନ୍ତି। ରାମଚନ୍ଦ୍ର ସାହୁ, ଚାପଧାରୀ ସାହୁ, ଧନଞ୍ଜୟ ବିଶ୍ୱାଳ, ରାଜୀବ ବିଶ୍ୱାଳ, ପୁରୁଷୋତ୍ତମ ସାହୁ, ବାଲି ସାହୁ, ଶମ୍ଭୁଭୁଷଣ ସାହୁ ଆଦି ୨୦ଜଣ ଚାଷୀଙ୍କ ପ୍ରାୟ ୨୫ଏକର ଜମିରେ ହୋଇଥିବା ମକାଚାଷରେ ବର୍ତ୍ତମାନ ଅଜଣା ପୋକ ଲାଗିଛି। ଏଥିଯୋଗୁ ଗଛଗୁଡିକ ମଉଳିବାକୁ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତିରେ କୃଷିବିଭାଗ କର୍ମଚାରୀମାନେ ସେମାନଙ୍କ ପାଖକୁ ଆସୁ ନାହାନ୍ତି। ଏପରିକି ଚାଷୀମାନେ ବ୍ଲକ କୃଷି ପରାମର୍ଶ କେନ୍ଦ୍ରକୁ ଗଲେ ସେଠି ପ୍ରାୟ ସମୟରେ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ ଉଚିତ ମାର୍ଗଦର୍ଶନ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି । ଅନ୍ୟନୋପାୟ ହୋଇ ସେମାନେ ବଜାରରୁ ଆଣି କୀଟନାଶକ ପ୍ରୟୋଗ କରୁଛନ୍ତି। ତେବେ ଏହା କାମ କରୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢି ଯାଇଛି ।ଏ ନେଇ ବ୍ଲକ କୃଷି ଅଧିକାରୀ ବିପିନ ବିହାରୀ ଉଦ୍‌ଗାତାଙ୍କୁ ପଚାରିବାରୁ ଚାଷୀଙ୍କଠାରୁ ଅଭିଯୋଗ ପାଇଛି। ସୋମବାର ଅନୁଧ୍ୟାନ କଲାପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ରୋପଣ ହେବ ୩୧ ହଜାର ଚାରା



ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂ ହଦେଓ ଚାରାରୋପଣ କରୁଛନ୍ତି।

**ସୋନପୁର,୪।୭(ନି.ପ୍ର.)**

ସୁବର୍ଣ୍ଣପୁର ବନ ବିଭାଗ ପକ୍ଷରୁ ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠ ନିକଟସ୍ଥ କୀର୍ତ୍ତିପୁରଠାରେ ବନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାମୂହିକ ବୃକ୍ଷରୋପଣ କରାଯାଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ ଓ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ଜୟନାରାୟଣ ନେଗୀ, ପୂର୍ଣ୍ଣଚନ୍ଦ୍ର ବିଶି ଓ ମହାଦେବ ବଗର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୀଠ ପାର୍ଶ୍ୱରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଡିଆ ପଡିଥିବା ୮.୯ ହେକ୍ଟର ଜମିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଏଠାରେ ପର୍ଯ୍ୟଟକଙ୍କ ପାଇଁ ଏକ ସୁନ୍ଦର ପାର୍କ କରାଯିବ ବୋଲି ଜଣାପଡିଛି। ସେହିପରି ସ୍ଥାନୀୟ ପଡିଆ ଓ ଉଜୁଡା ଜଙ୍ଗଲରେ ମୋଟ ୩୧ହଜାର ଚାରାରୋପଣ କରାଯିବ ବୋଲି ଡିଏଫଓ ସାମନ୍ତରାୟ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଏକ ସଚେତନତା ରଥକୁ ଏମ୍‌ପି ସିଂହଦେଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସୋନପୁର ରେଞ୍ଜର ମନୋରଞ୍ଜନ ବାଗ, ବନପାଳ ଦେବରାଜ ଛତ୍ରିଆ, ବାବାଜି ନାଏକ ଓ ବନକର୍ମଚାରୀ ମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବନ ସଂରକ୍ଷଣ ସମିତିର ମହିଳା ଓ ପୁରୁଷ ମାନେ ଏହିଅବସରରେ ଉପସ୍ଥିତ ଥିଲେ।

# ଚିକିତ୍ସା ପାଇଁ ଅର୍ଥ ନାହିଁ

**ପ୍ରଫୁଲ୍ଲଙ୍କ ପାକସ୍ଥଳୀରେ ଷ୍ଟୋନ୍**

**ଲୋଇସିଂହା, ୪।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ପିପିଲିପାଲି ଗ୍ରାମର ପ୍ରଫୁଲ୍ଲ ନାଏକ(୪୧) । ତାଙ୍କ ପାକସ୍ଥଳୀରେ ଷ୍ଟୋନ୍ ହୋଇଛି (୧୧ ଏମ୍‌ଏମ୍)। ଗତ ଦେଢବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବି ଆରୋଗ୍ୟ ହୋଇପାରି ନାହାନ୍ତି। ଏବେ ଅସ୍ତ୍ରୋପଚାର ପାଇଁ ଡାକ୍ତର କହୁଛନ୍ତି। ଏଥିପାଇ ୪ରୁ ୫ ଲକ୍ଷ ଟଙ୍କା ଆବଶ୍ୟକ। ତାହା ପୁଣି ଓଡ଼ିଶାରେ ନୁହେଁ ରାଜ୍ୟ ବାହାରକୁ ଯିବାକୁ ପଡିବ। ହେଲେ ହାତରେ ଟଙ୍କାଟିଏ ନାହିଁ। ଏତେ ବ୍ୟୟବହୁଳ ଚିକିତ୍ସା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ ବୋଲି କହିଛନ୍ତି ପ୍ରଫୁଲ୍ଲ। ବଦାନ୍ୟ ବ୍ୟକ୍ତି ଓ ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ପଡିଲେ ତାଙ୍କର ଅସ୍ତ୍ରୋପଚାର ହୋଇପାରନ୍ତା ବୋଲି ସେ ଆଶାପୋଷଣ କରିଛନ୍ତି। ବିଧବା ମା’ ବେଟିଂଖାଇ(୭୦), ସ୍ତ୍ରୀ ତପସ୍ୱିନୀ, ପୁଅ ପ୍ରତ୍ୟୁଷ(୧୧), ଆୟୁଷ(୯)ଙ୍କୁ ନେଇ ତାଙ୍କ ପରିବାର। ଦୁଇବର୍ଷ ତଳେ ତାଙ୍କ ବାପାଙ୍କ ପରଲୋକ ହୋଇଯାଇଛି। ଜମିବାଡି ବୋଲି କିଛିନାହିଁ। ମୂଲମଜୁରି ଲାଗି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ଗୁଜୁରାଣ ମେଣ୍ଟେ। ଦେଢବର୍ଷ ତଳେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯନ୍ତ୍ରଣା ଲାଗି ରହିବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ସେଠାରେ ପରୀକ୍ଷା ପରେ ପାକସ୍ଥଳୀରେ ଷ୍ଟୋନ ହୋଇଥିବା ଜଣାପଡିଲା। ପରେ ତାଙ୍କୁ ବୁର୍ଲା ଭୀମସାର ରେଫର କରାଯାଇଥିଲା। ଏହାପରେ ସେ ବୁର୍ଲାକୁ ଯାଇ ଚିକିତ୍ସିତ ହୋଇଥିଲେ । ପରେ ଉଚ୍ଚ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ଯିବା ଲାଗି ତାଙ୍କୁ ପରାମର୍ଶ ଦେଇଥିଲେ ଡାକ୍ତର। ଏବେ ସେଠାରେ ସେ ଚିକିତ୍ସିତ ହେଉଛନ୍ତି। କିଛି ଔଷଧ ଡାକ୍ତରଖାନାରୁ ମିଳୁଥିବାବେଳେ ଅନ୍ୟ କିଛି ବାହାରୁ କିଣିବାକୁ ପଡୁଛି। ଏଯାଏ ଧାରଉଧାର କରି ଚିକିତ୍ସା ଓ ଔଷଧ ବାବଦକୁ ୨ଲକ୍ଷ ଖର୍ଚ୍ଚ କରି ସାରିଲେଣି। ଉଚ୍ଚ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ତାଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡିବ ବୋଲି ଡାକ୍ତର କହିଛନ୍ତି। ମା’ଙ୍କ ବିଧବା ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ପିଡିଏସ ଚାଉଳରେ ପରିବାର ଚଳିବା କଷ୍ଟସାଧ୍ୟ ହୋଇ ପଡିଥିବା ବେଳେ ଆବଶ୍ୟକ ପଡୁଥିବା ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କିପରି ଯୋଗାଡ ହେବ ସେହି ଚିନ୍ତା ଏବେ ପ୍ରଫୁଲ୍ଲଙ୍କ ପରିବାରକୁ ଘାରିଛି। ରୋଜଗାରିଆ ପୁଅର ଏହି ଅବସ୍ଥାରେ ବୃଦ୍ଧା ମା’ ବେଟିଂଖାଇଙ୍କୁ ବାହାରକୁ କାମ କରିବାକୁ ଯିବାକୁ ପଡୁଛି। ସ୍ୱାମୀ ରୋଗଗ୍ରସ୍ତ ହେବା ପରେ ପରିବାର ଚଳାଇବା ପାଇଁ ସ୍ତ୍ରୀ ତପସ୍ୱିନୀ ବି ମୂଲମଜୁରି ଲାଗୁଛନ୍ତି। ଏହି ଗରିବ ପରିବାରର ଦୁର୍ଦ୍ଦିନରେ ସହାୟତାର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି ।



ପ୍ରଫୁଲ୍ଲ ନାଏକ।

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
Infront of B.S. High School, At/P.O./Dist.- Sundargarh
Pin: 770001, E-mail- dpcsndgssa.opepa@nic.in
Phone- 06622 273718
No.2248/ CIVIL/ Date 03.07.2021

**QUOTATION CALL NOTICE**

Sealed quotations are invited from all interested persons / registered firms/ travelling agencies / trust / having valid GST registration for providing commercial multi-purpose vehicle (Mahindra-Bolero / Tata-Sumo Gold etc.) A/C Diesel, for contractual deployment under District Project Office, Samagra Sikshya, Sundargarh on monthly rent basis which shall confirm the terms & conditions (Annexure - A & B). The last date of receipt of the bid is 12th July 2021 upto 17.00 hours. And will be opened at 17.30 hours on the same day in the office of the undersigned. The quotation application form containing the general bid information and detailed terms & conditions for hiring the vehicles can be downloaded from website: www.sundergarh.nic.in.

Sd./- District Project Coordinator
S.S., Sundargarh

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୫ ଜୁଲାଇ, ୨୦୨୧



## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ବରଗଡ଼ ଅଫିସ୍:** ବରଗଡ଼ ବ୍ଲକ ସରସରା ହରିଜନପଡ଼ା ସ୍ଥିତ କଲ୍ୟାଣ ମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ମିଳନ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ପୂର୍ବତନ ବିଧାୟକ ସାଧୁ ନେପାକ, ଯୁବନେତା ଉମେଶ ପଣ୍ଡା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର, ପୂର୍ବତନ ସରପଞ୍ଚ ସମୀର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ଗ୍ରାମର ବିଭିନ୍ନ ସମସ୍ୟା ବିଧାୟକ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନଳିନୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

**ସଂକ୍ଷେପରେ**

## ମା' ଛେଉଣ୍ଡ ହେଲେ କୁନାଲ ଖରସେଲ



କୁନାଲ ଖରସେଲ।

**ଜାମଟିକ୍ରା,୪।୭(ଡି.ଏନ.ଏ):** ବରଗଡ଼ ଜିଲା ଭେଡେନ ଥାନା ତାଲମେଣ୍ଡା ପଞ୍ଚାୟତର ରଙ୍ଗାଟିକ୍ରା ଗ୍ରାମରେ ମଦ ପାଇଁ ଜଣେ ୧୦ ବର୍ଷର ବାଳକ ମା' ଛେଉଣ୍ଡ ହୋଇଥିବା ଘଟଣା ଦେଖିବାକୁ ମିଳିଛି। ଗତ ଜୁନ୍ ୨୯ ତାରିଖ ରାତିରେ ରଙ୍ଗାଟିକ୍ରା ଗ୍ରାମର ଟିକେଶ୍ୱର ଖରସେଲ (୩୮) ମଦ ପିଇ ଘରକୁ ଆସିଥିଲେ ଏବଂ କୌଣସି କଥାକୁ ନେଇ ସ୍ତ୍ରୀ କଳ୍ପନାଙ୍କ ସହ କଥା କଟାକଟି ହୋଇ ଗଣ୍ଡଗୋଳ କରିଥିଲେ। ପରେ ଗଣ୍ଡଗୋଳଟି ଉଗ୍ରରୂପ ଧାରଣ କରିଥିଲା। ଟିକେଶ୍ୱର ମାତାଲ ଅବସ୍ଥାରେ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ। ପରଦିନ ଅର୍ଥାତ୍ ୩୦ ତାରିଖରେ ଭେଡେନ ପୋଲିସ ପହଞ୍ଚି ହତ୍ୟାକାରୀ ଟିକେଶ୍ୱରଙ୍କୁ ଗିରଫ କରି ଜେଲ୍ ପଠାଇଛି। ଏବେ ବାପା ଜେଲ୍‌ରେ ଥିବାବେଳେ ମା' ପରପାରିରେ। ଫଳରେ କୁନାଲ ଖରସେଲ (୧୦) ମା' ଛେଉଣ୍ଡ ହୋଇପଡିଛନ୍ତି। ଏହି ନାବାଳକଙ୍କ ଯତ୍ନ ନେବା ଏବଂ ମୁଠାଏ ଭାତ ଦେବା ପାଇଁ ସମ୍ପର୍କୀୟ ମଧ ନାହାନ୍ତି। ଭୋକ ଉପାସରେ ମା'ଙ୍କୁ ଝୁରି ଝୁରି ଦିନ କାଟୁଛନ୍ତି କୁନାଲ। ଏହି ନାବାଳକଙ୍କ ଥଇଥାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସହରୀ ଆଲୋକୀକରଣ ବ୍ୟବସ୍ଥା ଫେଲ୍



**ଖଡିଆଳ,୪।୭(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସହର ଜିଲାର ଏକ ପ୍ରମୁଖ ବାଣିଜ୍ୟ ସହର। ଖଡିଆଳକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ବାଣିଜ୍ୟ ବ୍ୟାପାର ପାଇଁ ଆସିଥାନ୍ତି। ଖଡିଆଳ ଏନ୍‌ଏସି ହୋଇଥିବା ଯୋଗୁ ଏଠାରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ ହେଉଛି । ଏପରିକି ସହରକୁ ଆଲୋକମୟ କରିବାକୁ ସରକାର ସହରୀ ଆଲୋକିକରଣ ଯୋଜନା କରିଛନ୍ତି। ଏହି ଆଲୋକୀକରଣରେ ବ୍ୟବହାର ହେଉଥିବା ଏଲ୍‌ଇଡି ବଲବ ନିମ୍ନମାନର ଯୋଗୁ ସହରର ଅନେକ ସ୍ଥାନରେ କିଛି ଦିନ ଜଳିବା ପରେ ଲାଇଟଗୁଡିକ ଖରାପ ହୋଇ ଅନ୍ଧାର ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଯାତାୟାତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖିନ ହେବା ସହ ଛୋଟବଡ ଦୁର୍ଘଟଣା ଘଟୁଛି। ଖଡିଆଳର ମଡେଲ ଡିଗ୍ରୀ କଲେଜକୁ ଯାଇଥିବା ରାସ୍ତାରେ ଏହି ଲାଇଟ ଲଗାଯାଇଛି। ଏ ପର୍ଯ୍ୟନ୍ତ ତାହା ଜଳୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଖଡିଆଳରୁ ଚନାବେଡାରେ ଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଲାଗିଥିବା ଲାଇଟ ମଧ ଅନେକ ଜାଗାରେ ଜଳୁ ନ ଥିବା ଦେଖିବାକୁ ମିଳିଛି। ଏପରିକି ସହର ମଧରେ ଥିବା ଲାଇଟଗୁଡିକ ମଧ କେବେ ଜଳୁଛି ତ କେବେ ଜଳୁନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଦୋଛକିରେ ଚାଷୀ, ଆଗେଇନି ଖରିଫ ଚାଷ

■ବିକ୍ରିବଟା ସମସ୍ୟା ସାଜିଛି ବାଧକ

■ଚାଷ ପ୍ରତି ମୁହଁ ଫେରାଉଛନ୍ତି

**ବରଗଡ଼ ଅଫିସ୍,୪।୭**

ଖରିଫ ଚାଷ ପାଇଁ ପାଗ ଅନୁକୂଳ ରହିଛି। ଜୁନ୍ ମାସରେ ସ୍ୱାଭାବିକ ପରିମାଣରୁ ଅଧିକ ବୃଷ୍ଟିପାତ ହୋଇଛି। ଏହାସତ୍ତ୍ୱେ ବରଗଡ଼ ଜିଲାରେ ଖରିଫ ଚାଷକାମ ଆଗେଇ ପାରିନାହିଁ। ଗତ ଅଦିନିଆ ବର୍ଷାରେ ଫସଲକ୍ଷତି ଏବଂ ରବି ଧାନ କିଣାବିକା ସମସ୍ୟା ସେଥିରେ ବାଧକ ସାଜିଛି। ଏଭଳି ସ୍ଥଳେ ଚାଷୀଙ୍କ ଖରିଫ ଚାଷକାର୍ଯ୍ୟ ବିଳମ୍ବିତ ହୋଇଛି। ଚାଷୀ ରବିଧାନ ବିକିବ ନା ଖରିଫ ଚାଷକାର୍ଯ୍ୟ କରିବ ଏଭଳି ଦୋଛକିରେ ପଡ଼ିଛି।

ସାଧାରଣତଃ ଜୁନ ୧୫ରୁ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। କିନ୍ତୁ ଏଥର ତାହା ପରିଲକ୍ଷିତ ହୋଇନାହିଁ। କେନାଲ ସୁବିଧା ଥିବା ଜଳସେଚିତ ଅତାବିରା, ଭେଡ଼େନ, ବରଗଡ଼, ଭଟଲି, ବରପାଲି ଆଦି ଅଞ୍ଚଳର ଚାଷୀମାନେ ମଧ୍ୟ ଚାଷକାର୍ଯ୍ୟରେ ପଛରେ ପଡ଼ି ଯାଇଛନ୍ତି । ଅଳ୍ପ କିଛି ଚାଷୀଙ୍କୁ ଛାଡ଼ିଦେଲେ ଅନେକ ଧାନ ଜମି ମଧ୍ୟ ପ୍ରସ୍ତୁତ କରି ପାରିନାହାନ୍ତି । ଅନ୍ୟପଟେ ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର ଚାଷୀମାନେ ଜମି ହଳ କରିବା ସହିତ ବୁଣାବୁଣି ଆରମ୍ଭ କରିଛନ୍ତି।



ବରଗଡ଼ ବ୍ଲକ କଲାପାଣିରେ ଜଣେ ଚାଷୀ ଯନ୍ତ୍ର ସାହାଯ୍ୟରେ ଧାନ ବୁଣାକାମ କରୁଛନ୍ତି।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଜଣେ ଚାଷୀ ସୁରେଶ ନେକାଣ୍ଡି କୁହନ୍ତି, ଜୁନ ମାସରୁ ଧାନ ବୁଣାବୁଣି କରିବା କଥା। କିନ୍ତୁ ଏପର୍ଯ୍ୟନ୍ତ ଧାନ ବିକ୍ରିବଟା ସରିନାହିଁ। ପହ୍ଲା ପକାଇବା ପାଇଁ ଆଉ ସମୟ ମଧ୍ୟ ନାହିଁ। ଏପରିକି ଧାନ ବିକ୍ରି ସମୟରେ ପ୍ରତିବର୍ଷ ହଟହଟା ଏବଂ କ୍ଷତି ସହିବାକୁ ପଡୁଛି। ଧାନଚାଷ କରିବା ପାଇଁ ମଧ୍ୟ ଆଉ ଇଚ୍ଛା ହେଉନାହିଁ । ଫସଲ ଯାହାହେଉ, ଏଥର ସିଧାସଳଖ ଜମିରେ ଧାନ ବୁଣି ଦେଉଛୁ । ସେହିପରି ଝାରବନ୍ଧ ବ୍ଲକ କୋତନା ଗ୍ରାମର ଚାଷୀ ସଞ୍ଜୀବ ପ୍ରଧାନ କହିଛନ୍ତି, ଧାନ ବିକ୍ରିବଟା ସରି ନ ଥିବାରୁ ସେ ଚାଷକାର୍ଯ୍ୟ ଆରମ୍ଭ କରିପାରି ନାହାନ୍ତି। ପଗାରପାଣି ଗ୍ରାମର ଚକ୍ରଧର ସଗରଙ୍କୁ ପଚାରିବାରୁ ସେ କହିଥିଲେ, ଭଲ ବର୍ଷା ହେବାରୁ ଜୁନ ମାସରେ ୮ଏକର ଧାନ ବୁଣିଛନ୍ତି। ଆଉ ମାତ୍ର ୪ଏକର ଜମିରେ ସେ ଧାନ ବୁଣାବୁଣି କରି ପାରିନାହାନ୍ତି । ସେହିପରି ବିଳାସପୁର ଗ୍ରାମର ଚାଷୀ ଗୁଣନିଧି ଏଣ୍ଡଜା କହିଛନ୍ତି, ଗଭୀର ନଳକୂପ ପାଣିରେ ୮ଏକର ଜମିରେ ଚାଷ କରିଥିଲେ। କିନ୍ତୁ ତାହା ଠିକ୍ ଭାବେ ବିକ୍ରି ହୋଇ ପାରି ନ ଥିଲା। ଫଳରେ ଧାନଚାଷ କରିବାକୁ ଆଉ ମନ ଲାଗୁନାହିଁ। ସେ ଏପର୍ଯ୍ୟନ୍ତ ୪ଏକର ଜମିରେ ଧାନ ବୁଣିଥିବା କହିଥିଲେ।

# ଆନ୍ଦୋଳନ ପାଇଁ ରଣହୁଙ୍କାର



ଜୟ କିଷାନ ଆନ୍ଦୋଳନ ସମ୍ମିଳନୀରେ ଉପସ୍ଥିତ ଚାଷୀ ପ୍ରତିନିଧି।

**ବରଗଡ଼ ଅଫିସ୍,୪।୭**

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ବୁଗବୁଗାରେ ରବିବାର ଜୟ କିଶାନ ଆନ୍ଦୋଳନର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରବିଋତୁରେ ଟୋକନ ଜନିତ ଧାନ କିଣାବିକା ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜିଲାର ବିଭିନ୍ନ ଗ୍ରାମରେ ବିକ୍ରି ଅପେକ୍ଷାରେ ଲକ୍ଷାଧିକ ବସ୍ତା ଧାନ ପଡ଼ି ରହିଥିବାବେଳେ ତାକୁ କିଣାଯିବା ବଦଳରେ ଶାସକ, ବିରୋଧୀ ଦଳ ପରସ୍ପର କାଦୁ ଫିଙ୍ଗାଫିଙ୍ଗି ହେବା ଘଟଣାକୁ ନିନ୍ଦା କରାଯାଇଥିଲା । ସେହିପରି ମୋଦି ସରକାର ଆଣିଥିବା କୃଷି ଆଇନ କାର୍ଯ୍ୟକାରୀ ହେଲେ ବେସରକାରୀ ସଂସ୍ଥା ଧାନ କିଣିବ ଏବଂ ଚାଷୀଙ୍କୁ ଆହୁରି ସମସ୍ୟାରେ ଛନ୍ଦି ହେବାକୁ ପଡ଼ିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଧାନ ସଂଗ୍ରହରେ ସେଭଳି ଅବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସମ୍ମିଳନୀରେ ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଜୟ କିଶାନ ଆନ୍ଦୋଳନର ଜିଲା ସମ୍ପାଦକ ହର ବଣିଆ, ଅରୁଣ କୁମାର ସାହୁ, ରମେଶ ମହାପାତ୍ର, ରମେଶ ପତି ପ୍ରମୁଖ ଯୋଗଦେଇ ରାଜ୍ୟ, କେନ୍ଦ୍ର ସରକାରଙ୍କ ଚାଷୀ ମାରଣନୀତିକୁ ସମାଲୋଚନା କରିଥିଲେ। ସମ୍ମିଳନୀରେ ବୁଗବୁଗା ଅଞ୍ଚଳର ଚାଷୀ ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଅତାବିରା ବ୍ଲକସ୍ତରୀୟ ୧୫ଜଣିଆ କମିଟି ଗଠନ କରାଯାଇଥିଲା ।

## ପଶ୍ଚିମ ଓଡ଼ିଶା ଏକତା ମଞ୍ଚର ଆନ୍ଦୋଳନ ଡାକରା

**ବରଗଡ଼ ଅଫିସ୍,୪।୭**

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ, କର୍ମଚାରୀ, ଇଞ୍ଜିନିୟର୍ସ ଏକତା ମଞ୍ଚର ଦାବି ସମୂହ ପ୍ରତି ଟାଟା ପାୱାର (ଟିପିଓଡବ୍ଲ୍ୟୁଡିଏଲ) ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ଦାବି ନେଇ ପୂର୍ବରୁ ଏକତା ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଥିଲା। ସେତେବେଳେ ଟାଟା ପାୱାର କର୍ତ୍ତୃପକ୍ଷ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପ୍ରତିଶ୍ରୁତି ପାଣିର ଗାର ପାଲଟିଛି ବୋଲି ମଞ୍ଚର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଟାଟା ପାୱାରର ଏଭଳି ମନୋଭାବ ପ୍ରତିବାଦରେ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ମଞ୍ଚ ସଜବାଜ ଆରମ୍ଭ କରିଛି। ଏହି କ୍ରମରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ସୋମବାର ଟିପିଓଡବ୍ଲ୍ୟୁଡିଏଲର ସମସ୍ତ ଡିଭିଜନ, ସର୍କଲ ଅଧିକାରୀଙ୍କ ଜରିଆରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ଙ୍କୁ ଦାବିପତ୍ର ଦିଆଯିବ। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ୧୩ତାରିଖରୁ ଟିପିଓଡବ୍ଲ୍ୟୁଡିଏଲର ଦାବି ପୂରଣ ପର୍ଯ୍ୟନ୍ତ ସମସ୍ତ ଅଫିସ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ବୈଠକରେ ମଞ୍ଚର ବରଗଡ଼ ଶାଖାରୁ ସହ ସାଧାରଣ ସମ୍ପାଦକ ଅତୀଶ କୁମାର ପଣ୍ଡା, ଉପସଭାପତି ବିଶ୍ୱନାଥ ସାହୁ, ସହ ସମ୍ପାଦକ ପ୍ରଫୁଲ ମାହାଣା, କାର୍ଯ୍ୟକାରୀ କମିଟି ସଦସ୍ୟ ଚନ୍ଦ୍ରକାନ୍ତ ପାଣ୍ଡେ, ସିଦ୍ଧେଶ୍ୱର ସାହୁ, ଡିଭିଜନ ସମ୍ପାଦକ ମଣ୍ଟୁ ବେହେରା, ଚଉବର୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଲଖିରାମ ଅଗ୍ରୱାଲ କଲେଜରେ ବନ ମହୋତ୍ସବ

**ବେହେରା, ୪।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଲଖିରାମ ଅଗ୍ରୱାଲ ମହାବିଦ୍ୟାଳୟରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଧର୍ମଗଡ ରେଞ୍ଜର ଡେପୁଟି ରେଞ୍ଜର ସୁଦର୍ଶନ ଦେହୁରୀ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ ଏବଂ ବେହେରା ସରପଞ୍ଚ ସୁଚିତ୍ରା ଗୋପାଳ ଉପସ୍ଥିତ ରହିଥିଲେ । ଫରେଷ୍ଟର ଫାଲଗୁନି ମେହେର, ମନିଷା ପଟ୍ଟନାୟକ, ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଖଡ଼ିଆମୁଣ୍ଡା ମାଟି ଉନ୍ନତୀକରଣରେ ଅନିୟମିତତା ଅଭିଯୋଗ



ମାଟି ଉନ୍ନତୀକରଣ କରାଯାଇଥିବା ଖଡିଆମୁଣ୍ଡା ପୋଖରୀ।

**ଲୋଇସିଂହା, ୪।୭(ଡି.ଏନ.ଏ.)**

ଏମ୍‌ଜିଏନ୍‌ଆଇଆରଜିଏସ୍ ଯୋଜନାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅଧୀନ ତେନ୍ତୁଲିଖୁଣ୍ଟି ଗ୍ରାମ ଖଡିଆମୁଣ୍ଡା(ପୋଖରୀ)ର ମାଟି କାମ କରାଯାଇଛି। ହେଲେ ଏଥିରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ କରି ନ ଥିବା ଜବକାର୍ଡଧାରୀଙ୍କ ଆକଉଣ୍ଟରେ ଟଙ୍କା ପକାଇ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ତରଫରୁ ମାଟି ଉନ୍ନତୀକରଣ କାମର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

୨୦୧୭-୧୮ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆଇଆରଜିଏସ୍ ଯୋଜନାରେ ୧୦ଲକ୍ଷ ବ୍ୟୟ ଅଟକଳରେ ମାଟି ଉନ୍ନତୀକରଣ କରାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ଏତଦ୍‌ବ୍ୟତୀତ ଗ୍ରାମବାସୀଙ୍କ ସୂଚନା ମୁତାବକ ଚଳିତ ବର୍ଷ ମଧ୍ୟ ଏଠାରେ ମାଟିକାମ କରାଯାଇଛି। ଗ୍ରାମ୍ୟ ରାସ୍ତାକଡରେ ପୋଖରୀରେ ନୂତନ ପାହାଚ ନିର୍ମାଣ କରାଯାଇଛି। ହେଲେ ବର୍ଷାଦିନରେ ମଧ୍ୟ ସେହି ସ୍ଥାନରେ ପାଣି ଜମି ରହିବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। କାମ ଚାଲିଥିବା ବେଳେ ଶ୍ରମିକମାନେ ନବନିର୍ମିତ ପାହାଚ ସ୍ଥାନରେ ଅଧିକ ମାଟିକାମ କରିବାକୁ ତଦାରଖ କରୁଥିବା ଶ୍ରମିକମାନେ କହିଥିଲେ। ହେଲେ ସେତେବେଳେ ସେମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନ ଥିଲା ବୋଲି ଶ୍ରମିକମାନେ କହିଛନ୍ତି। ଗତବର୍ଷ ପୋଖରୀର ଅପରପାର୍ଶ୍ୱରେ ଗୋଟିଏ ପାହାଚ ନିର୍ମାଣ ହୋଇଛି। ତାହା ବି ଲୋକଙ୍କ ବ୍ୟବହାରରେ ଆସୁ ନ ଥିବା ସେମାନେ କହିଛନ୍ତି। ଗ୍ରାମର ବ୍ରହ୍ମାନନ୍ଦ ପଧାନ କହିଛନ୍ତି ଯେ, ସେ ଜଣେ ଜବକାର୍ଡଧାରୀ ଶ୍ରମିକ। ହେଲେ ଖଡିଆମୁଣ୍ଡାରେ କାମ ନ କରି ମଧ୍ୟ ତାଙ୍କ ଆକାଉଣ୍ଟରେ ୪୮ଶହ ଟଙ୍କା ପକାଯାଇଛି। ପରେ ଉକ୍ତ ଟଙ୍କାକୁ ଗାଁ ସାଥୀ ମାଗି ନେଇଥିବା ସେ କହିଛନ୍ତି। ସେହିପରି ଦ୍ୱାନ ବିଶ୍ୱାଳ ମାଟି କାମ ଅନିୟମିତତାର ତଦନ୍ତ ଆବଶ୍ୟକ ବୋଲି କହିଛନ୍ତି। ବୃନ୍ଦାବନ ସେଠ କହିଛନ୍ତି ଯେ, କାମ କରିଥିବା ଉପଯୁକ୍ତ ଲୋକଙ୍କୁ ଟଙ୍କା ମିଳିନାହିଁ । ହେଲେ କାମ କରି ନ ଥିବା ଲୋକଙ୍କ ଆକଉଣ୍ଟରେ ଟଙ୍କା ପକାଇ ହଡପ କରାଯାଇଛି। ଅଭିଯୋଗର ତଦନ୍ତ କରାଯାଇ ଲୋକଙ୍କୁ ନ୍ୟାୟ ଦିଆଯିବ ବୋଲି ବିଡିଓ ଭୁବନ ଶତପଥୀ କହିଛନ୍ତି।

# ହାଇସ୍କୁଲ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

**ସୋନପୁର,୪।୭(ନି.ପ୍ର.)**

ସୋନପୁର ବ୍ଲକ ବଲାଡି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡକ୍ରସ ୟୁନିଟ୍ ପକ୍ଷରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟଜିତ୍ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ହିମାଂଶୁ ଶେଖର କର, ଉପସଭାପତି ଗତିକୃଷ୍ଣ ମିଶ୍ର, ବିଦ୍ୟାଳୟ କମିଟି ସଭାପତି ଟିକେଚନ ସାହୁ ଓ ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଯୋଗଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଭୋଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ସାଧନ କର୍ମୀ ଝସକେତନ ମେହେର, ଜିଲା ସାଧନ କର୍ମୀ ଚନ୍ଦ୍ରଶେଖର ମହାପାତ୍ର, ଓଡିଶା ରକ୍ତଦାତା ମହାସଂଘର ସଭ୍ୟ ରାମ ନାରାୟଣ ଦାଶ, ଦେଉଳପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟ ମହାନ୍ତି, ବଲାଡି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଦାସ, ଜଗନ୍ନାଥ ପଣ୍ଡା, ସଂଗ୍ରାମ ମିଶ୍ର, ପ୍ରମୋଦ କୁମାର ସାହୁ, ରଘୁନାଥ ବେହେରା, ପୁରନ୍ଦର ସାହୁ, ଭଗବାନ ମହାକୁର ଓ ଶ୍ରୀକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଜଣେ ମହିଳା ରକ୍ତଦାନ କରୁଛନ୍ତି।

# ଦେଢ଼ବର୍ଷ ଝିଅର ଚିକିତ୍ସାରେ ଅର୍ଥ ବାଧକ





**ବୌଦ୍ଧ/ତଳଗାଁ,୩।୭ (ସ୍ୱ.ପ୍ର./ଡି.ଏନ.ଏ.)**

**ସାହାଯ୍ୟ ପାଇଁ ମାବାପାଙ୍କ ଆକୁଳ ନିବେଦନ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଉପାନ୍ତ ତଳଗାଁ ପଞ୍ଚାୟତର ଖଳିସାହିରେ ରହୁଥିବା ମନହର କହଁରଙ୍କ ଦେଢବର୍ଷର ଝିଅର ଉପଯୁକ୍ତ ଚିକିତ୍ସା କରିବାରେ ଅର୍ଥ ସାଜିଛି ବାଧକ। ଫଳରେ କୁନି ଝିଅ ଭାଗ୍ୟକୁ ଆଦରି ଜୀବନ ସହ ସଂଗ୍ରାମ ଚଳାଇଛି। ପ୍ରକାଶ ଯେ, ଗତବର୍ଷ ଫେବୃୟାରୀ ମାସ ୨୪ ତାରିଖରେ ବୌଦ୍ଧ ମେଡିକାଲରେ ମନହରଙ୍କ ଏହି କନ୍ୟା ସନ୍ତାନ ଜନ୍ମ ହୋଇଥିଲା । କିନ୍ତୁ ଜନ୍ମ ସମୟରେ ଶିଶୁଟି କୌଣସି କାରଣରୁ ତଳେ ପଡି ଯାଇଥିଲା। ଫଳରେ ମୁଣ୍ଡ ମାଡ ହେବା ସହ ତାର ଚେତା ଫେରି ନ ଥିଲା । ଶିଶୁକୁ ବୌଦ୍ଧରୁ ବୁର୍ଲା ମେଡିକାଲ ରେଫର କରି ଦିଆଗଲା। ବୁର୍ଲାରେ ୩ ଦିନ ଚିକିତ୍ସିତ ହେବା ପରେ ତାର ଚେତା ଫେରିଥିଲା ।ହେଲେ କାନ୍ଦି ନ ଥିଲା। ଦୀର୍ଘ ୧୫ ଦିନ ଚିକିତ୍ସାରେ ରହି ସୁସ୍ଥ ହେବା ପରେ ପରିବାର ଲୋକେ ଝିଅକୁ ଧରି ଗାଁକୁ ଫେରିଥିଲେ। ପ୍ରତିମାସରେ ଝିଅକୁ ଡାକ୍ତରଙ୍କୁ ଦେଖାଇବାକୁ ପରାମର୍ଶ ଦିଆଯାଇଥିଲା। ତଦ୍‌ନୁଯାୟୀ ଯାହା କିଛି ସମ୍ବଳ ଥିଲା ତାହା ମନହର ଝିଅ ପାଇଁ ଖର୍ଚ୍ଚ କରି ସାରିଲେଣି। ହେଲେ ସେ ମୁଣ୍ଡ ଟେକି ପାରୁ ନ ଥିବା ବେଳେ ବସି ପାରୁନାହି କି କଥା କହି ପାରୁନାହିଁ। ଏପରି କି ଠିକ ଭାବେ ଖିଆପିଆ କରି ପାରୁନାହିଁ । ଏପଟେ ଦୀର୍ଘ ୩ ମାସ ହେଲା ଲକ୍‌ଡାଉନ ଥିବା ବେଳେ ଗାଡି ଚଳାଚଳ କରୁନାହିଁ । ଫଳରେ ଅର୍ଥ ଅଭାବରୁ ଏହି ଗରିବ ଆଦିବାସୀ ପରିବାର ଝିଅକୁ ବୌଦ୍ଧ ମେଡିକାଲକୁ ନେବାକୁ ସକ୍ଷମ ହୋଇ ପାରୁନାହାନ୍ତି । ଝିଅଟି ବର୍ତ୍ତମାନ ଘରେ ରୋଗଶଯ୍ୟାରେ ପଡି ରହିଛି। ଫଳରେ ମାଆ ବାପା କାମକୁ ମଧ ଯାଇପାରୁନାହାନ୍ତି । ଝିଅର ଚିକିତ୍ସା ପାଇଁ ମନହର ଓ ତାଙ୍କ ସ୍ତ୍ରୀ ନମିତା ସାହାଯ୍ୟ କରିବାକୁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ।

# ଜାତୀୟ ରାଜପଥ ମରାମତି କଲେ ଯୁବକ

**ନୂଆପଡ଼ା ଅଫିସ,୪।୭**

ନୂଆପଡା ଜିଲା ଦେଇ ଯାଇଥିବା ରାୟପୁର-ଗୋପାଳପୁର ୩୫୩ ନଂ. ଜାତୀୟ ରାଜପଥ ପେଣ୍ଡରାବନ ଗାଁ ନିକଟରେ ୨ କି.ମି. ପର୍ଯ୍ୟନ୍ତ ଶୋଚନୀୟ ହୋଇପଡିଥିଲା । ପେଣ୍ଡରାବନ ଗାଁ ମା' ପରଦେଶେନ ଯୁବ ଗୋଷ୍ଠୀର ୩୦ଜଣ ଯୁବକ ଶୋଚନୀୟ ରାସ୍ତା ମରାମତି କରିଛନ୍ତି। ୩୫୩ ନଂ. ଜାତୀୟ ରାଜପଥ ପେଣ୍ଡରାବନଠାରେ ବଡବଡ ଖାଲ ହୋଇ ଯାଇଥିଲା। ଏଥିଯୋଗୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଲୋକଙ୍କ ଧନ ଜୀବନ ହାନି ହେଉଥିଲା। ପ୍ରଶାସନ କିମ୍ବା ଏନ୍‌ଏଚ୍ ବିଭାଗ ମରାମତି କଲେ ନାହିଁ। ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ କୋଡି କୋଦାଳ ଧରି ଆଗେଇ ଆସିଲେ ପେଣ୍ଡରାବନ ଗାଁର ୩୦ ଜଣ ଯୁବକ। ଗାଁ ପାଖର ୨ କି.ମି. ଖାଲଖମା ରାସ୍ତାରେ ପଥର, ବାଲି, ମୋରମ ଦେଇ ପୋତିଛନ୍ତି। ଏହି କାମରେ ମା' ପରଦେଶେନ ଯୁବ ଅନୁଷ୍ଠାନ ସଭାପତି ହରିଚନ୍ଦ୍ର ମାଝି, ସମ୍ପାଦକ ନୀଳଚକ୍ର ମାଝି, ସୁକୁମାର ସା, ଲଳିତ ସାହୁ, ଗୌତମ ମାଝି, ଗୋବର୍ଦ୍ଧନ ବାଗ, ଓମକାର ମାଝି, କୁଶଧର ମାଝି, ରଞ୍ଜନ ମାଝି, ପଦ୍ମଲୋଚନ ବରିହା, କପିଳ ମାଝି, ଜୟ ପ୍ରକାଶ ମାଝି, ଉଗ୍ରେସନ ମାଝି, ନିଲୁ ମାଝି, ହୃଦାନନ୍ଦ ମାଝି, ଜିତେନ ସତନାମି, ବିପେନ ମାଝି, ଜିତୁ ସତନାମି, ସଦାନନ୍ଦ ହଂସ, ଚୈତନ୍ୟ ବଘେଲ ପ୍ରମୁଖ ସହଯୋଗ କରିଥିଲେ।



ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

# ୧୫ ଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ

**ଅମରପାଲି,୪।୭ (ଡି.ଏନ.ଏ)**

**ଲୁଡୁରପଙ୍କରେ ଜଳକଷ୍ଟ**

■ପ୍ରକଳ୍ପରୁ ହୋଇଛି ବିଦ୍ୟୁତ୍ ବିଚ୍ଛିନ୍ନ

■ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ: ବିଭାଗୀୟ ଯନ୍ତ୍ରୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କରେ ୧୫ ଦିନ ହେଲା ବନ୍ଦ ରହିଛି ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାଞ୍ଚୱାର୍ଡ ବିଶିଷ୍ଟ ଏହି ଗାଁର ୩୫ଶହରୁ ଉର୍ଦ୍ଧ୍ୱ ଲୋକେ ପାଣି ପାଇଁ ନହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଗ୍ରାମର ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ପ୍ରାୟ ୩୫ ଲକ୍ଷ ୨୨ ହଜାର ୯୯୫ ଟଙ୍କା ଅଟକଳରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ଜଳ ପ୍ରକଳ୍ପ କରାଯାଇଥିଲା। ହେଲେ ପ୍ରକଳ୍ପରେ କମ୍ ପାଣି ହେବାରୁ ଘୁଙ୍ଗି ନାଳରେ ଇନଟେକ ୱେଲ ଖନନ କରି ମୋଟର ମାଧ୍ୟମରେ ଟାଙ୍କିକୁ ପାଣି ଉଠାଇ ଜଳଯୋଗାଣ ହେଉଥିଲା। ମାତ୍ର ୧୫ ଦିନ ପୂର୍ବରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରକଳ୍ପକୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଇଛି। ଫଳରେ ପ୍ରକଳ୍ପ ଏବେ ସମ୍ପୂର୍ଣ୍ଣ ବନ୍ଦ ରହି ଜଳଯୋଗାଣ ହେଉନାହିଁ। ଏନେଇ ବିଦ୍ୟୁତ୍ ବିଭାଗୀୟ ଏସ୍‌ଡିଓ ସଞ୍ଜିବ କୁମାର ରାଓଙ୍କୁ ପଚାରିବାରୁ ବିନା କାରଣରେ ପ୍ରକଳ୍ପରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇ ନ ଥିବ । ବକେୟା ଦେୟ ଥିଲେ ବିଚ୍ଛିନ୍ନ କରାଯାଇଥିବ ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ସୁଜାତା ସାହୁଙ୍କୁ ପଚାରିବାରୁ ପ୍ରକଳ୍ପର ବିଦ୍ୟୁତ୍ ଦେୟ ଠିକରେ ଆସୁ ନ ଥିବା ଅଭିଯୋଗ କରିଛନ୍ତି। ମନଇଚ୍ଛା ବିଦ୍ୟୁତ୍ ବିଲ ଦିଆଯାଉଛି। ଟିକିଏ ବିଳମ୍ବ ହେଲେ ବିଚ୍ଛିନ୍ନ କରି ଦେଉଛି ବିଦ୍ୟୁତ୍ ବିଭାଗ। ତେଣୁ ଅନେକ ସମୟରେ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ପ୍ରକଳ୍ପ ଅଚଳ ନେଇ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡଙ୍କୁ ପଚାରିବାରୁ ସମସ୍ୟାର ସମାଧାନ କରି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ।



ଲୁଡୁରପଙ୍କରେ ଜଳ ଯୋଗାଣ ପ୍ରକଳ୍ପର ପାଣିଟାଙ୍କି ।